ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୭ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ଠ ■ Baleshwar ♦ MONDAY 27 JULY 2020

Vol.No. 30 ■ No. 188 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଯା ଦେବୀ ସର୍ବଭୂତେଷୁ...........

SAI SADHANA SCIENCE HIGHER SECONDARY SCHOOL, UDALA





A Fully +2 Science Residential College
Dibyasingpur, Udala,
Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:
9437294587, 9438232419, 9437443950,
9937557158,9438317887

S d- P.C Bindhani
Chairman

# ରାଜ୍ୟରେ ଆଉ ଦଶ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୪୦ ହେଲା

ଭୁବନେଶ୍ୱର,୨୬।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଛଅ ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ଖୋର୍ଧା ଜିଲ୍ଲାର ଦୁଇ ଜଣ, ଗଜପତି ଓ ସୁନ୍ଦରଗଡ ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଜପତି ଜିଲ୍ଲାର ୬୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ଜଣେ ୬୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମଧ୍ୟ ମୃତ୍ୟୁବରଣ କରିଥିବା ସୂଚନା ଦିଆଯାଇଛି । ଗଂଜାମ ଜିଲ୍ଲାର ଜଣେ କରୋନା ସଂକ୍ରମିତ ୫୫ ବର୍ଷୀୟ ପୁରୁଷ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ଡାଇବେଟିସ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ହିଁ ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୬୪ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ କ୍ରୋନିକ କିଡନି ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଆଉ ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଖୋର୍ଧା ଜିଲ୍ଲାର ଜଣେ ୩୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଗଂଜାମ ଜିଲ୍ଲାର ଜଣେ ୫୧ ବର୍ଷୀୟା ମହିଳାଙ୍କର ମଧ୍ୟ ମୃତ୍ୟୁ ଘଟିଛି ।

ସୁନ୍ଦରଗଡ ଜିଲ୍ଲାର ୬୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ହାଇପର ଟେନସନରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୮ ବର୍ଷୀୟା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସ, ହାଇପର ଟେନସନ ଓ ଅନ୍ୟ ରୋଗରେ ପୀଡିତ ଥିଲେ ।



## ଗତ ୨୪ ଘଂଟାରେ ଦେଶରେ ୪୮୬୬୧ ଟି କରୋନାର ନୂଆ ମାମଲା:୭୦୫ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୬।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୮୬୬୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୧୩,୮୫,୫୫୨ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୭୦୫ ଜଣଙ୍କର ମୃତ୍ୟୁ ଘଟିଛି ।

ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ ୪୬୭୮୮୨ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତ୍ତମାନ ସୁଦ୍ଧା ୩୨,୦୬୩ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୮୮୫୫୭୭ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ସରକାରଙ୍କୁ କଂଗ୍ରେସର ୧୦ଟି ପ୍ରଶ୍ନ

ଭୁବନେଶ୍ୱର,୨୬।୭ (ନି.ପ୍ର): କରୋନା ଆତଙ୍କ ଆଳରେ ରାଜ୍ୟ ସରକାର ଆର୍ଥିକ ସଂକଟ ଯୋଡ଼ିବା ପଛରେ ବିଭ୍ରାନ୍ତି ସୃଷ୍ଟିକାରୀ ଉଦ୍ଦେଶ୍ୟ ରହିଛି ।ତେଣୁ ରାଜ୍ୟ ସରକାର ଆଲୋଚନା ପାଇଁ ସର୍ବଦଳୀୟ ଓ ଅର୍ଥଶାସ୍ତ୍ରୀମାନଙ୍କୁ ତୁରନ୍ତ ଡାକନ୍ତୁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ ଦାବି କରିଛନ୍ତି । ଏହାସହ ରାଜ୍ୟର ଆର୍ଥିକ ଦୁର୍ଗତିକୁ ନେଇ କଂଗ୍ରେସ ସରକାରଙ୍କୁ ଦଶଟି ପ୍ରଶ୍ନ କରିଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ମାସରେ ରାଜ୍ୟ ଆୟ ବହୁପାରିମାଣରେ କମିଛି । ଏହି ସମସ୍ତ ଆର୍ଥିକ ସଙ୍କଟ ପାଇଁ ଦାୟୀ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି । ରକାରୀ ତଥ୍ୟକୁ ଦେଖିଲେ ୨୦୧୬-୧୭ରେ ବାର୍ଷିକ ଟିକସ ବୃଦ୍ଧିର ହାର ୧.୫୬%, ୨୦୦୯-୧୦ ରେ ୭.୬୫%, ୨୦୧୮-୧୯ରେ ୪.୨୯% ଓ ୨୦୧୯-୨୦ ପଇଁ ୧୨.୮୨% ଥିଲା ।ଏହି ଦୁଃସ୍ଥିତି କରୋନା ଆଣିଥିଲା କି ? ୨୦୧୬-୧୭ରେ ସରକାର ୧୦ହଜାର କୋଟି ଟଙ୍କା, ୨୦୧୭-୧୮ରେ ୧୧୭୨୦କୋଟି, ୨୦୧୮-୧୯ରେ ସରକାର ୧୭ ହଜାର କୋଟି ଟଙ୍କାର ଋଣ କରିଥିଲେ ଏବଂ ୨୦୨୦-୨୧ର ବଜେଟ୍ ଆକଳନରେ ୧୭,୮୪୦କୋଟି ଟଙ୍କାର ଋଣ ଉଠେଇବା ସଂପର୍କରେ କହିଥିଲେ । ଏଥିରେ କରୋନାର ଚାପ ରହିଲା କେଉଁଠି ? ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଖଟାଇ ରାଜ୍ୟ କ’ଣ ସେଥିରୁ କିଛି ଆୟ ପାଇଲା ନାହିଁ । ସେ ଟଙ୍କା କୁଆଡ଼େ ଗଲା ? ରାଜ୍ୟ ସରକାରଙ୍କର ଅନ୍ୟ ଏକ ବଡ଼ ସଫଳତା ବେକାରୀ ଓ ବେରୋଜଗାରୀ ବୃଦ୍ଧି ସହିତ ଲକ୍ଷଲକ୍ଷ ଦାଦନ ଶ୍ରମିକ ସୃଷ୍ଟିରେ ସ୍ୱଷ୍ଟ ହୋଇଛି । ଏହା ଉଭୟ ସରକାରୀ ଓ ବେସରକାରୀ ଉଦ୍‌ଯୋଗ ▶▶ପୃଷ୍ଠା ୭

## କାରଗିଲ୍ ବିଜୟ ଦିବସ ଶହୀଦଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାରଗିଲ୍ ବିଜୟ ଦିବସ ଅବସରରେ ମାତୃଭୂମିର ସୁରକ୍ଷା ନିମନ୍ତେ ଗୋଟିଏ ପ୍ରମୁଖ ବିପଦସଂକୁଳ ଅଂଚଳରେ ଅସାଧାରଣ ବୀରତ୍ୱର ସହ ଯୁଦ୍ଧ କରିଥିବା ସାହସୀ ସୈନିକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପରାକ୍ରମର ସହିତ ସଂଗ୍ରାମ କରିଥିବା ଶହୀଦମାନଙ୍କୁ ସମ୍ମାନ ଜଣାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଛନ୍ତି ।

## କଟକରେ ୩ କଂଟେନ୍‌ମେଂଟ ଜୋନ୍ : ସିଏମସି କମିଶନର

ଭୁବନେଶ୍ୱର,୨୬।୭ (ନି.ପ୍ର): କଟକରେ ଚିହ୍ନଟ ହୋଇଥିବା କୋଭିଡ୍-୧୯ ପଜିଟିଭ୍ କେସ୍ ମଧ୍ୟରୁ ୭୧ ଭାଗ ହେଉଛନ୍ତି ପୂର୍ବରୁ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଏବଂ ଅନ୍ୟ କେତେକଙ୍କର ଗସ୍ତ ଇତିହାସ ରହିଛି । ଅଳ୍ପ କେତେକ ସ୍ଥାନୀୟ ସଂକ୍ରମିତ ଅଟନ୍ତି ବୋଲି କଟକ ମହାନଗର ନିଗମ କମିଶନର ଶ୍ରୀମତୀ ଅନନ୍ୟା ଦାସ କହିଛନ୍ତି । ସିଏମ୍‌ସିରେ ୩ଟି କଂଟେନ୍‌ମେଂଟ ଜୋନ୍ ରହିଛି । ସେଗୁଡ଼ିକ ହେଉଛି ପୁରୁଣା ରାଉସପାଟଣା, ଖଟବିନ୍ ସାହି ଓ ଶଙ୍କରପୁର । ଆଜି ସୁଦ୍ଧା ଏହି ସବୁ ଜୋନ୍‌ରେ ୧୩୪ଟି ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହିସବୁ ଅଂଚଳରେ ନମୁନା ସଂଗ୍ରହ, ସକ୍ରିୟ ସର୍ବେକ୍ଷଣ ଓ ଘରକୁ ଘର ସ୍କ୍ରିନିଂ କାର୍ଯ୍ୟ ଜାରି ରହିଛି । ଏଲ୍‌ଆଣ୍ଡଟି-ଗୋପାଳପୁର, ବିଦ୍ୟାଧରପୁର-ଓଏସ୍‌ଏଚ୍‌ବି କେନ୍ଦ୍ର ଏବଂ ଓସିଏ ପରିସରରେ ୩ଟି କୋଭିଡ୍ କେୟାର ସେଂଟର କାର୍ଯ୍ୟକ୍ଷମ ଥିବାବେଳେ ଅନ୍ୟ ଦୁଇଟି ସେଂଟର ଜେଏନ୍‌ଆଇଏସ୍ ଏବଂ ଓଏଟି ପରିସରରେ କାର୍ଯ୍ୟକ୍ଷମ ହେବ ବୋଲି ସିଏମସି କମିଶନର ସୂଚନା ଦେଇଛନ୍ତି ।

## ରାସନକାର୍ଡ ଅନିୟମିତତାରେ ସମ୍ପୃକ୍ତ ଧର୍ମଶାଳା ବିଡିଓଙ୍କୁ ବହିଷ୍କାର ଦାବି କଲା ବିଜେପି

### ରାସନକାର୍ଡ ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ



ଭୁବନେଶ୍ୱର,୨୬।୭ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକରେ ଯୋଗ୍ୟ ହିତାଧିକାରୀଙ୍କ ନାଁ କାଟି ଶାସକ ଦଳର ସମର୍ଥକ ଅଯୋଗ୍ୟ ହିତାଧିକାରୀଙ୍କ ନାଁ ରଖାଯାଇଛି । ଧର୍ମଶାଳା ବ୍ଲକରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁ ମିଥ୍ୟା ସତ୍ୟ ପାଠ ଦର୍ଶାଇ କଟାଯାଇଛି । ଯେଉଁ ଲୋକମାନଙ୍କର ଗାଡି, କୋଠାଘର ନାହିଁ ସେହି ଲୋକଙ୍କ ନାଁ ହିତାଧିକାରୀ ତାଲିକାରୁ କଟାଯାଇଛି । ଏହାକୁ ନେଇ ଏକ ମାମଲା ହାଇକୋର୍ଟରେ ଥିବାବେଳେ ବିଡିଓ ମିଥ୍ୟା ସତ୍ୟପାଠ ଦାଖଲ କରିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ । ରାସନ କାର୍ଡ ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ ଏବଂ ଏହି ଘଟଣାର ସଂପୃକ୍ତ ଥିବା ବିଡିଓଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଚାକିରୀରୁ ବହିଷ୍କାର କରନ୍ତୁ ବୋଲି ବିଜେପି ଦାବି କରିଛି । ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ ରାସନକାର୍ଡରୁ ପ୍ରଥମେ ଯୋଗ୍ୟ ହିତାଧିକାରୀଙ୍କ ନାଁ କଟାଯାଉଛି ଏବଂ ପରେ ସେମାନଙ୍କୁ ପୁଣିଥରେ ଯୋଡିବା ପାଇଁ ସେମାନଙ୍କ ଠାରୁ ଟଙ୍କା ଆଦାୟ କରାଯାଉଛି । ଏଭଳି ସାରା ରାଜ୍ୟରେ ରାସନ କାର୍ଡ ର୍‌ୟାକେଟ କାମ କରୁଛି । ଏହି ର୍‌ୟାକେଟରେ ଶାସକ ଦଳର ନେତାମାନଙ୍କର ସଂପୃକ୍ତି ରହିଛି । ରାସନ କାର୍ଡ ଦୁର୍ନୀତି ନେଇ ହାଇକୋର୍ଟରେ ଜିଲ୍ଲାପାଳ, ଉପଜିଲ୍ଲାପଳ ଏବଂ ବିଡିଓଙ୍କ ପକ୍ଷରୁ ଧର୍ମଶାଳା ବିଡିଓ ସତ୍ୟପାଠରେ ଅନେକ ମିଥ୍ୟା କଥା ଦର୍ଶାଇଛନ୍ତି । ବିଡିଓ ଚାଳ ଛପର ଘର ଥିବା ଯୋଗ୍ୟ ହିତାଧିକାରୀଙ୍କର କୋଠା ଘର ଦର୍ଶାଇ ରାସନ କାର୍ଡରୁ ବଂଚିତ ରଖିଛନ୍ତି । ଅନ୍ୟ ଜଣେ ହିତାଧିକାରୀ ଡଲି ମଲ୍ଲିକ ଘରେ ଅଧିକ ବିଜୁଳି ବ୍ୟବହାର ହେଉଛି ବୋଲି ବିଡିଓ ସତ୍ୟପାଠରେ ଦର୍ଶାଇଥିବାବେଳେ ବାସ୍ତବରେ ତାଙ୍କ ଘରକୁ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ▶▶ପୃଷ୍ଠା ୭

## କଳାହାଣ୍ଡି ଡେପୁଟି କଲେକ୍ଟର୍ ନିଲମ୍ବିତ

ଭୁବନେଶ୍ୱର,୨୬।୭ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଡେପୁଟି କଲେକ୍ଟର ଅନିଶା ଦାସଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର । ଏହାପୂର୍ବରୁ ସେ ବେତନଟି ତହସିଲଦାର ଭାବେ ନିଯୁକ୍ତ ଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏସମ୍ପର୍କରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ମୟୁରଭଂଜ ଜିଲ୍ଲା ବେତନଟି ତହସିଲଦାର ଭାବେ କାର୍ଯ୍ୟରତ ଥିବା ବେଳେ ଅନିଶା ଦାସ ମୋରମ ବୋଝେଇ ଟ୍ରକକୁ ବିନା ଫାଇନରେ ଥାନାରୁ ଛାଡି ଦେବା ପାଇଁ ବାଲିମାଫିଆଙ୍କ ସହିତ ଡିଲ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା । ବାଲିମାଫିଆ, ଦଲାଲ ଏବଂ ତହସିଲଦାର କଥା ହେଉଥିବାର ଅଡିଲ ଟେପରେ ଲକ୍ଷେ ଟଙ୍କା ଦେଲେ ମୋରମ ବୋଝେଇ ଟ୍ରକକୁ ବିନା କୌଣସି ଫାଇନରେ ଛାଡିଦିଆଯିବ ▶▶ପୃଷ୍ଠା ୭

## ବନ୍ଧୁକ ମୁନରେ ମହିଳା ଡିଏସପିଙ୍କଠାରୁ ସୁନା ଅଳଙ୍କାର ଲୁଟ୍



ଭୁବନେଶ୍ୱର,୨୬।୭ (ନି.ପ୍ର): ଭୁବନେଶ୍ୱରରେ ଭିଜିଲାନ୍ସ ଡିଏସପିଙ୍କ ଠାରୁ ଲୁଟେରାମାନେ ବନ୍ଧୁକ ମୁନରେ ସୁନା ଅଳଙ୍କାର ଲୁଟି ନେଇଛନ୍ତି । ଲୁଟେରାମାନେ ଡିଏସପି ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ ଏବଂ ତାଙ୍କଠାରୁ ସୁନା ଚେନ୍, ସୁନା କାନଫୁଲ ଏବଂ ଚୁଡ଼ି ଛଡ଼ାଇ ନେଇଥିଲେ । ଏହି ଘଟଣା ସମ୍ପୃକ୍ତ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ଏସମ୍ପର୍କରେ ଡିଏସପି ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ରବିବାର ସକାଳ ୬ ଟା ୪୫ ରେ ଭିଜିଲାନ୍ସ ଡିଏସପି ତନୁଜା ମହାନ୍ତି ଭୁବନେଶ୍ୱର ୟୁନିଟ୍ -୩ ଅଂଚଳରେ ଥିବା ତାଙ୍କ ସରକାରୀ ବାସଭବନ ସମ୍ମୁଖରେ ଠିଆ ହୋଇଥିବା ବେଳେ ଦୁଇଜଣ ବାଇକ୍ ଚାଳକ ସୁନା ଅଳଙ୍କାର ଲୁଟ୍ କରିଥିଲେ । ଲୁଟେରାମାନେ ତନୁଜାଙ୍କ ବେକରୁ ସୁନା ଚେନ୍ ଛଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ସେ ଚିତ୍କାର କରିଥିଲେ । ଚିତ୍କାର ଶୁଣିବା ମାତ୍ରେ ତାଙ୍କ ସ୍ୱାମୀ ଘରୁ ବାହାରି ଆସିଥିଲେ । ସେ ଲୁଟେରାମାନଙ୍କ ନିକଟକୁ ଯିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକଧାରୀ ତାଙ୍କୁ ଏବଂ ତାଙ୍କ ପତ୍ନୀଙ୍କୁ ମାରି ଦେବାକୁ ଧମକ ଦେଇଥିଲା । ସେମାନଙ୍କ ଠାରୁ ପିନ୍ଧିଥିବା ସୁନା ଚେନ୍ ଏବଂ ଅନ୍ୟାନ୍ୟ ଅଳଙ୍କାର ଲୁଟିବା ପରେ ଲୁଟେରାମାନେ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଥିଲେ ବୋଲି ତନୁଜା ମହାନ୍ତିଙ୍କ ସ୍ୱାମୀ କହିଛନ୍ତି ।

## ୨୪ ଘଂଟାରେ ୨୨ ମାମଲା ରୁଜୁ

ଭୁବନେଶ୍ୱର,୨୬।୭ (ନି.ପ୍ର): ରାଜ୍ୟରେ କୋଭିଡ୍ -୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଜୁଲାଇ ୨୫ରୁ ଜୁଲାଇ ୨୬ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ ୨୨ ଟି ମାମଲା ଦାୟର କରାଯାଇଛି । ଏହି ସମସ୍ତ ମାମଲା ଲକ୍ ଡାଉନ୍ ସଂପର୍କିତ ଅଟେ । ୩୦ ଜଣଙ୍କୁ ବିଭିନ୍ନ ଅଭିଯୋଗରେ ଗିରଫ କରାଯାଇଛି ।

## ରାଜ୍ୟରେ ଗୋଟିଏ ଦିନରେ ଆଉ ୧୩୭୬ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୨୫୩୮୯କୁ ବୃଦ୍ଧି

ଭୁବନେଶ୍ୱର,୨୬।୭ (ନି.ପ୍ର): ରାଜ୍ୟରେ ଆଉ ୧୩୭୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୫୩୮୯ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୩୭୬ ଜଣଙ୍କ ମଧ୍ୟରୁ ୯୧୭ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୪୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ▶▶ପୃଷ୍ଠା ୭




## ନୋ ମ୍ୟାନ୍ ଲ୍ୟାଣ୍ଡରେ ୨୦ କିମି ରାସ୍ତା ନିର୍ମାଣ କଲା ଚୀନ୍

ନୂଆଦିଲ୍ଲୀ,୨୬।୭ (ନି.ପ୍ର): ପୂର୍ବ ଲଦାଖ ସୀମାରେ ତିକ୍ତତା ପରେ ମଧ ଚୀନ୍ ସୁଧୁରୁନାହିଁ । ବର୍ତ୍ତମାନ ହିମାଚଳ ପ୍ରଦେଶର କିନ୍ନୋର ଜିଲ୍ଲା ସୀମାବର୍ତ୍ତୀ ତିବ୍ବତରେ ୨୦ କିଲୋମିଟର ରାସ୍ତା ନିର୍ମାଣ କରିଛି । ଯେଉଁଥିରେ ୨ କି.ମି. ‘ନୋ ମ୍ୟାନ୍ ଲ୍ୟାଣ୍ଡ’ ମଧ ଅଛି । ସୀମାନ୍ତର ଶେଷ ଗାଁ କୁନୁ ଚାରୁଙ୍ଗ ଗ୍ରାମବାସୀ ପ୍ରଥମେ ଏସମ୍ପର୍କରେ ପ୍ରଶାସନକୁ ଜଣାଇଥିଲେ । ଏହା ପରେ ଗୁପ୍ତଚର ଅନୁସନ୍ଧାନର ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଯାଇଛି । ରାତିର ଅନ୍ଧାରରେ ଚୀନ୍ ତରବରିଆ ଭାବେ ଖେମକୁଲା ପାସ୍ ଆଡକୁ ରାସ୍ତା ନିର୍ମାଣ କରୁଛି । ଚାଇନାରୁ ରେକି କରିବା ପାଇଁ ପ୍ରଥମେ ଡ୍ରୋନ୍ ଆସିଥାଏ ଏବଂ ପରେ ରାତିରେ ପର୍ବତ କାଟିବା ପାଇଁ ବିସ୍ଫୋରଣର ଶବ୍ଦ ଶୁଣାଯାଏ । ଏହା ପରେ ସୁରକ୍ଷା ଏଜେନ୍ସିମାନଙ୍କୁ ସତର୍କ କରିଦିଆଯାଇଛି । ସୂଚନାଯୋଗ୍ୟ ଯେ ହିମାଚଳ ପ୍ରଦେଶର କିନ୍ନୋର ଏବଂ ଲାହୋଲ୍ ସ୍ପିଟିର ଦୁଇଟି ଜିଲ୍ଲା ସହିତ ୨୪୦ କିଲୋମିଟର ଲମ୍ବର ଚୀନ୍ ସୀମା ରହିଛି । କିନ୍ନୋରର ତିବ୍ବତଠାରୁ ୧୨୦ କିଲୋମିଟର ସୀମା ରହିଛି । ଚାରଙ୍ଗ ଗ୍ରାମ ଚୀନ୍ ସୀମାଠାରୁ ୨୨ କିଲୋମିଟର ଦୂରରେ ଅବସ୍ଥିତ । ଏହା ଚୀନ୍ ସୀମାର ଶେଷ ଗାଁ ବୋଲି ବିବେଚନା କରାଯାଏ । ନିକଟରେ ଚାରଙ୍ଗ ଗାଁର କିଛି ମେଷପାଳକ ସାମରିକ ବାହିନୀ ସହିତ ଗାଁଠାରୁ ପ୍ରାୟ ୨୨ କିଲୋମିଟର ଚୀନ୍ ସୀମାକୁ ଯାଇଥିଲେ । ଏହି ଲୋକମାନେ ପ୍ରଥମେ ତିବ୍ବତ ଅଂଚଳ ଆଡକୁ ନିର୍ମିତ ରାସ୍ତା ଦେଖିଥିଲେ ।

## ୨୫ ଜିଲ୍ଲାରୁ ସୁସ୍ଥ ହେଲେ ଆଉ ୮୬୪ ଆକ୍ରାନ୍ତ

ଭୁବନେଶ୍ୱର,୨୬।୭ (ନି.ପ୍ର): କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବା ବେଳେ ରାଜ୍ୟବାସୀଙ୍କ ପାଇଁ ଆସିଛି ଏକ ଖୁସି ଖବର । ରାଜ୍ୟର ୨୫ଟି ଜିଲ୍ଲାରୁ ରବିବାର ଦିନ ୮୬୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଲୋକଙ୍କର ସଂଖ୍ୟା ୧୬ ହଜାର ଟପି ୧୬,୭୯୨ରେ ପହଂଚିଛି । ଦିନକରେ ଏତେ ସଂଖ୍ୟାରେ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ରାଜ୍ୟ ସରକାର କରୋନା ଯୋଦ୍ଧାଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଗଂଜାମ ଜିଲ୍ଲାରୁ ସର୍ବାଧିକ ୪୩୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାୟଗଡ଼ା ଜିଲ୍ଲାରୁ ୧୩୭ ଜଣ, ବରଗଡ଼ ଜିଲ୍ଲାରୁ ୩୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨୮ ଜଣ, କଟକ ଓ କେନ୍ଦୁଝର ଜିଲ୍ଲାରୁ ୨୬ ଜଣ ଲେଖାଏଁ, ଭଦ୍ରକ ଜିଲ୍ଲାରୁ ୨୩ ଜଣ, ମୟୂରଭଂଜ ଜିଲ୍ଲାରୁ ୨୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଯାଜପୁର ଜିଲ୍ଲାରୁ ୧୯ ଜଣ, କନ୍ଧମାଳ ଜିଲ୍ଲାରୁ ୧୫ ଜଣ, ଗଜପତି ଓ ସମ୍ବଲପୁର ଜିଲ୍ଲାରୁ ୧୪-୧୪ ଜଣ, ଜଗତସିଂହପୁର ଜିଲ୍ଲାରୁ ୧୨ ଜଣ, ଢେଙ୍କାନାଳ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୦ ଜଣ ଲେଖାଏଁ, ନୟାଗଡ଼ ଜିଲ୍ଲାରୁ ୭ ଜଣ, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ମାଲକାନଗିରି ଜିଲ୍ଲାରୁ ୬ ଜଣ ଲେଖାଏଁ, ଝାରସୁଗୁଡ଼ା ଓ କୋରାପୁଟ ଜିଲ୍ଲାରୁ ୫-୫ ଜଣ, ବଲାଙ୍ଗୀର ଜିଲ୍ଲାରୁ ୪ ଜଣ, ପୁରୀ ଜିଲ୍ଲାରୁ ୩ ଜଣ, ବୌଦ୍ଧ ଜିଲ୍ଲାରୁ ୨ ଜଣ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଆକ୍ରାନ୍ତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି ।

## ପୁରୀ ଜିଲ୍ଲାରେ ସାପ୍ତାହିକ ଦୁଇ ଦିନିଆ ସଟ୍ ଡାଉନ୍ ଜାରୀ: ରାସ୍ତା ଘାଟ ଶୂନଶାନ୍

ପୁରୀ,୨୬।୭ (ନି.ପ୍ର): ଶନିବାର ଓ ରବିବାର ପୁରୀ ଜିଲ୍ଲାରେ ସାପ୍ତାହିକ ଦୁଇ ଦିନିଆ ସଟ୍ ଡାଉନ୍ ଜାରୀ ରହିଛି । କରୋନାର ଭୟାବହତା ଓ ଆକ୍ରାନ୍ତ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ଗୋଷ୍ଠୀ ସଂକ୍ରମଣକୁ ଏଡାଇବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ପୋଲିସ ଜଗି ରହିଛନ୍ତି । ବିନା କୌଣସି ଜରୁରୀ କାମରେ ଜିଲ୍ଲା ବାହାରର ଲୋକ ଜିଲ୍ଲା ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ । ସେହିପରି ଜରୁରୀ କାମରେ ବାହାରକୁ ଆସିବା ବେଳେ ସାମାଜିକ ଦୂରତା ରକ୍ଷା ଓ ମାସ୍କ ବ୍ୟବହାର ନିମନ୍ତେ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ସଟ୍ ଡାଉନ୍ ସହ ପୁରୀ ପୌରାଂଚଳର ପେଣ୍ଠକଟା ଅଂଚଳ ସମେତ ଅନ୍ୟାନ୍ୟ ସ୍ଥାନ ଗୁଡିକରେ କଂଟେନମେଂଟ କଟକଣା ଜାରୀ କରାଯାଇଛି । ଦୁଇ ଦିନିଆ ସଟ୍ ଡାଉନ୍ ପାଇଁ ଔଷଧ ଦୋକାନକୁ ବାଦ୍ ଦେଲେ ଅନ୍ୟାନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ରାସ୍ତାରେ ଗାଡି ଚଳାଚଳ ସଂଖ୍ୟା କମ୍ ରହିଛି । କାଁ ଭାଁ ଦୁଇ ଚକିଆ ଯାନ ଚଳାଚଳ କରୁଥିବା ଦେଖିବାକୁ ମିଳିଛି । ମଧ୍ୟାହ୍ନ ସୁଦ୍ଧା ରାସ୍ତା ଘାଟ ଶୂନଶାନ୍ ହୋଇପଡିଛି । କରୋନା ସଂକ୍ରମଣକୁ ନେଇ ଲୋକେ ଦିନକୁ ଦିନ ଅଧିକ ସଚେତନ ହେଉଥିବା ପରିଲକ୍ଷିତ ହୋଇଛି ।

## ଓଡିଶୀ ଆକ୍ୱାରେ ଚୋରୀ ଘଟଣା- ଜଣେ ଚୋରକୁ କୋର୍ଟଚାଲାଣ

ନୂଆପଡା,୨୬।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ପଟୁପଡା ଠାରେ ଥିବା ଓଡିଶୀ ଆକ୍ୱା ନାମକ ପାଣି କାରଖାନାରେ ଚୋରୀ ଘଟଣାରେ ଖଡିଆଳ ପୁଲିସ ଜଣେ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଚୋର ଜଣକ ହେଲେ ଖଡିଆଳ ସହରର ମନୋରଞ୍ଜନ ସରାଫଚ ବୋଲି ଜଣାପଡିଛି । ତାଙ୍କ ଠାରୁ ପୁଲିସ ୭୫୦୦ ଟଙ୍କା ସହ ଚୋରୀ ବେଳେ ବ୍ୟବହୃତ ଲୁହାରଡକୁ ପୁଲିସ ଜବତ କରିଛି । ଏହା ସହ ଏହି ଚୋରୀ ଘଟଣାରେ ସଂପୃକ୍ତ ଅନ୍ୟ ଚୋର ମାନଙ୍କୁ ମଧ୍ୟ ଅତିଶିଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ସୂଚନମତେ ଖଡିଆଳ ସହରର ପୁଟୁପଡା ଠାରେ ଥିବା ଓଡିଶୀ ଆକ୍ୱାରେ ଗତ ୨୧ ତାରିଖ ରାତ୍ରରେ କବାଟ ଫାଡି ଚୋରୀ ହୋଇଥିବା ନେଇ ମାଲିକ ଅମନ ସିଂଘଲ ଖଡିଆଳ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗରେ ସିସିଟିଭି କ୍ୟାମେରାର ହାର୍ଡଡିକ୍ସ, ୬୫ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରୀ କରି ନେଇଥିବା ଦର୍ଶାଇଥିଲେ ।

## ସମାଜ ସଂସ୍କାରକ ସଂଘ ପକ୍ଷରୁ ବୃକ୍ଷରୋପଣ

ବାରିପଦା,୨୬।୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସମାଜ ସଂସ୍କାରକ ସଂଘ ଆନୁକୁଲ୍ୟରେ ବାବା ମୁକ୍ତେଶ୍ୱର ଶିବ ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫୦ ରୁ ଉର୍ଦ୍ଧ ବୃକ୍ଷ ରୋପଣ ସହ ଏହାର ଯତ୍ନ ନେବାର ବନ୍ଦୋବସ୍ତ କରିଛନ୍ତି କତୃପକ୍ଷ । ଅବହେଳିତ ହୋଇ ରହିଥିବା ଏହି ମନ୍ଦିରର ଚର୍ତୁପାର୍ଶ୍ୱ ରେ ବୃକ୍ଷରୋପଣ କରାଯାଇଥିବାରୁ ଏହାର ପରିବେଶ ବେଶ ସୁନ୍ଦର ଓ ସଫା ସୁତୁରା ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘର କର୍ମକର୍ତା ତଥା ଉତର ଓଡିଶା ବିଶ୍ୱ ବିଦ୍ୟାଳୟର ଏମ.ସି.ଏ. ବିଭାଗୀୟ ଅଧ୍ୟାପକ ସୌରଭ ମିଶ୍ର, ଇଂରାଜୀ ଅଧ୍ୟାପକ ମହେନ୍ଦ୍ର କନ୍ଧପାଣି ପ୍ରମୁଖ ସଂଘର ସ୍ୱେଚ୍ଛାସେବୀ ମାନଙ୍କ ସହ ଯୋଗଦେଇ ବୃକ୍ଷରୋପଣ କରିବା ସହିତ ଏହିଭଳି କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦଶ୍ୟ ଅଭିଶେକ ବେହେରା, ଅମୀୟ ନାୟକ, ଅମ୍ଲାନ, ପ୍ରଦ୍ୟୁମ୍ନ, ବିବେକ, ସୌରଭ, ସମ୍ମିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡାରେ ଖାବ ପଂଚାୟତ, ଜିଲ୍ଲାପାଳଙ୍କୁ ଭେଟି ସୁରକ୍ଷା ଲୋଡିଲେ ବାସନ୍ଦ ପରିବାର

କେନ୍ଦ୍ରାପଡ଼ା,୨୬।୭ (ନି.ପ୍ର): ଜମିବାଡି ସମସ୍ୟାକୁ ନେଇ ବିବାଦ ଅଦାଲତଙ୍କ ବିଚାରଧିନ ଥିବା ବେଳେ ଗ୍ରାମର କେତେକ ବ୍ୟକ୍ତି ଏକତରଫା ଭାବେ ଗୋଟିଏ ପକ୍ଷକୁ ସମର୍ଥନ କରି ଖାବ ପଂଚାୟତ ଭଳି ନିଷ୍ପତି ଶୁଣାଇଥିବା ଜଣା ପଡିଛି । ଅନ୍ୟ ପକ୍ଷକୁ ସାମାଜିକ ବାସନ୍ଦ କରି ହଇରାଣ ହରକତ କରୁଥିବା ଓ ତାଙ୍କ ସହ କଥା ହେଲେ ୫ ହଜାର ଟଙ୍କା ଜୋରିମାନା ଦେବାକୁ ପଡିବା ବୋଲି ଘଣ୍ଟ ବାଡେଇ ନିଷ୍ପତି ଶୁଣାଇଛନ୍ତି । ଏନେଇ ବାସନ୍ଦ ପରିବାର ଜିଲ୍ଲାପାଳଙ୍କୁ ଭେଟି ସୁରକ୍ଷା ଲୋଡିଛନ୍ତି ଅଭିଯୋଗ ମୁତାବକ ପାଟକୁରା ଥାନା ଅଧିନ ବାରତୁଙ୍ଗା ଗ୍ରାମର ମହେଶ୍ୱର ବେହରା, ସର୍ବେଶ୍ୱର ବେହେରାଙ୍କ ସହ ସେହି ଗ୍ରାମର ମୁରଲୀଧର ବେହେରା ଓ ଖଗେଶ୍ୱର ବେହେରାଙ୍କର ଜମିବାଡି ବିବାଦକୁ ନେଇ ମକଦ୍ଦମା ମାନ୍ୟବର ଅଦାଲତର ବିଚାରଧିନ ରହିଛି । ମାତ୍ର ସେହି ଗ୍ରାମର କେତେକ ବ୍ୟକ୍ତି ମୁରଲୀଧର ଓ ଖଗେଶ୍ୱରଙ୍କ ପକ୍ଷ ନେଇ ଏକ ତରଫା ଭାବେ ଅଦାଲତ ନିଷ୍ପତିକୁ ଅପେକ୍ଷା ନକରି ଏକ ତରଫା ଭାବେ ସମାଧାନ କରିବା ପାଇଁ ଜବରଦସ୍ତ ଚାପ ପକାଉଥିବା ସେ ଅଭିଯୋଗ କରିଛନ୍ତି । ସଂପୃକ୍ତ ବ୍ୟକ୍ତିମାନେ ମହେଶ୍ୱର ଓ ଖଗେଶ୍ୱରଙ୍କ ପରିବାରକୁ ଗାଁରେ ବାସନ୍ଦ କରି ଜବ୍ କାମ କରାଇ ଦେଉନଥିବା, ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା, ଘରକୁ ଯିବାକୁ ଥିବା ରାସ୍ତା ବନ୍ଦ କରିବା ସହ ଗ୍ରାମର କୌଣସି ବ୍ୟକ୍ତି କଥାବାର୍ତା ହେଲେ ୫ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ ବୋଲି ଗ୍ରାମରେ ଘଣ୍ଟ ବାଡାଇ ସୂଚନା ଦେଇଥିବା ମହେଶ୍ୱର ବେହେରା ଓ ଖଗେଶ୍ୱର ବେହେରା ଲିଖିତ ଅଭିଯୋଗ କରିଛନ୍ତି ।

## ଧାମରା ପୋର୍ଟ ସହଯୋଗରେ ମହିଳା ଉତ୍ପାଦକ ଗୋଷ୍ଠୀ ଗଠନ

ଭଦ୍ରକ, ୨୬/୭ (ହି.ସ.) - ମହିଳା ଉତ୍ପାଦକ ଗୋଷ୍ଠୀ ଉତ୍ପାଦନକାରୀମାନଙ୍କୁ ଅର୍ଥନୈତିକ ଲାଭ ଏବଂ ବ୍ୟବସାୟ ଭିତିକ ଜୀବିକା ନିର୍ବାହନ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ; ଯାହା ସେମାନଙ୍କର ଉତ୍ପାଦନ ସଂଗ୍ରହ, ପ୍ରକ୍ରିୟାକରଣ, ମୂଲ୍ୟ ଯୋଗ, ସାମାଜିକ ଏବଂ ଅର୍ଥନନୈତିକ ଆବଶ୍ୟକତା ତଥା ଉତ୍ପାଦକ ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ମାର୍କେଟିଂ କରିବାକୁ ଲକ୍ଷ୍ୟ ରଖିଛି । ଉତ୍ପାଦକମାନେ ପୋର୍ଟ ଆଖପାଖରେ ବ୍ୟବସାୟରେ ଆୟ ଉତ୍ପାଦନ ପ୍ରକଳ୍ପର ସୁଯୋଗ ସୃଷ୍ଟି କରିବା ପାଇଁ ଛତୁ ଚାଷ, ଖାଦ୍ୟ ପ୍ରକ୍ରିୟାକରଣ ଦ୍ରବ୍ୟ (ବଡି / ଆଚାର / ପାମ୍ପଡ) ଇତ୍ୟାଦି ଅଣ-ଫାର୍ମ ଭିତିକ ଦ୍ରବ୍ୟ ବିପଣନ କରିବେ । ଏହି ଉଦ୍ଦେଶ୍ୟ ସହିତ, ଗତ ଜୁଲାଇ ୨୦ ତାରିଖରେ କୁଆମରା ଠାରେ ସ୍ୱୟନ୍ ପ୍ରଭା ମହିଳା ଉତ୍ପାଦକ ଗୋଷ୍ଠୀ ଏବଂ ଜୁଲାଇ ୨୨ ତାରିଖରେ କରଣପାଲି ଗ୍ରାମରେ ସମୁଦ୍ରେଶ୍ୱର ମହିଳା ଉତ୍ପାଦକ ଗୋଷ୍ଠୀ ନାମରେ ଦୁଇଟି ମହିଳା ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇଛି । କରଣପାଲି ଗ୍ରାମ ପଂଚାୟତଠାରେ ସରପଂଚ ବାବୁଲି ସେଠୀ, ନାଏବ୍ ସରପଂଚ ମାଳତୀ ସାନ୍ତାରା ଏବଂ ୱାର୍ଡ ମେମ୍ବର ଶ୍ରୀ ଶିବ ସୁନ୍ଦର ଦାସଙ୍କ ଉପସ୍ଥିତିରେ ଓଡ଼ିଶା ଜୀବିକା ମିଶନ୍ ଟିମ୍ ସମର୍ଥନରେ ଏହି ଗ୍ରୁପ ଗଠନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା, ବ୍ଲକ ଏବଂ ଗ୍ରାମ ପଂଚାୟତସ୍ତରୀୟ ଓଡ଼ିଶା ଜୀବିକା ମିଶନ୍ ଟିମ୍ ଏବଂ ପିଆରଆଇ ସଦସ୍ୟମାନଙ୍କ ସହିତ ପରାମର୍ଶ କରି ମହିଳା ଉତ୍ପାଦକ ଗୋଷ୍ଠୀ ଗଠନ ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ସହିତ ଅନେକ ବୈଠକ କରାଯାଇଛି । ସ୍ୱୟନ୍ ପ୍ରଭା ମହିଳା ଉତ୍ପାଦକ ଗୋଷ୍ଠୀ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨୫ଜଣ ସଦସ୍ୟାଙ୍କ ସହ ଜଡିତ ଏବଂ ସମୁଦ୍ରେଶ୍ୱର ମହିଳା ଉତ୍ପାଦକ ଗୋଷ୍ଠୀ ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨୯ ସଦସ୍ୟାଙ୍କ ସହ ଜଡିତ । ଏହି ପରିପ୍ରେକ୍ଷୀରେ, ଓଡ଼ିଶା ଜୀବିକା ମିଶନ୍ ଗାଇଡଲାଇନ୍ ଅନୁଯାୟୀ ପ୍ରତ୍ୟେକ ଉତ୍ପାଦକ ଗୋଷ୍ଠୀରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ଜଣେ ଉଦ୍ୟୋଗୀ ମିତ୍ର ଏବଂ ଦୁଇଟି ସବ୍ କମିଟି (ଅର୍ଥ ଏବଂ କ୍ରୟ)ରେ ପାଂଚ ଜଣ ଅଫିସ୍ ପଦାଧିକାରୀ ମନୋନୀତ କରାଯାଇଛି । ମାଲିକାନା ଏବଂ ଆତ୍ମ-ସ୍ଥିରତା ଦିଗରେ ସେମାନଙ୍କର ମାସିକ ସଦସ୍ୟତା ଶୁଳ୍କ ସଂଗ୍ରହ କରିବାକୁ ଉତ୍ପାଦକ ଗୋଷ୍ଠୀ ସଦସ୍ୟମାନେ ସହମତ ହୋଇଥିଲେ । ଓଡ଼ିଶା ଜୀବିକା ମିଶନ୍ ଯୋଜନା, ଭଦ୍ରକର ସହଭାଗିତାରେ ରାଜ୍ୟ ସରକାରଙ୍କ ପ ।ୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆର୍ଥିକ ସଂଯୋଗ ସହିତ ଏହା ପରିଚାଳିତ ହେବ । ଏହି କାର୍ଯ୍ୟକ୍ରମକୁ ଆଦାନୀ ଧାମରା ବନ୍ଦରର ସିଏସଆର ଟିମ୍ ପରିଚାଳନା କରିଥିଲେ । ଗତବର୍ଷ(୨୦୧୯-୨୦) ୭୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ଛତୁ ଚାଷ କରି ସ୍ୱାବଲମ୍ବୀ ହେବା ନିମିତ ଆଦାନୀ ଫାଉଣ୍ଡେସନ ତରଫରୁ ପ୍ରୟାସ କରାଯାଇଥିଲା । ଏହି ଚାଷରୁ ଦିଆଯାଇଥିବା ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରି ପ୍ରତ୍ୟେକ ସଦସ୍ୟା ୨୮୦୦ ଟଙ୍କା ଲାଭ ପାଇପାରିଥିଲେ । ଉପରୋକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ, ଆଦାନୀ ଫାଉଣ୍ଡେସନର ସହଯୋଗରେ ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ । ଓଡ଼ିଶା ଜୀବିକା ମିଶନ୍‌ର ଭଦ୍ରକ ଜିଲ୍ଲାର ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଅଧିକ ସହେଯାଗ କରିଥିଲେ ।

## ନିଆରା ପାଠକ ଗୋଲେଖ ବିହାରୀ : ଖବରକାଗଜ ପଢିବାକୁ ଦୈନିକ ସୁରପ୍ରତାପପୁରରୁ ସାଇକେଲରେ ଆସନ୍ତି ଭୁବନ

ଭୁବନ,୨୬।୭ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମର ଗୋଲେଖ ବିହାରୀ ପୁହାଣ (୫୦) ଜଣେ ନିଆରା ପାଠକ । ଦେଶ ବିଦେଶର ଖବର ଜାଣିବା ସକାଶେ ଦୈନିକ ୫/୭ ଟି ଖବରକାଗଜ ଘରକୁ ମଗାଇ ପଢିଥାନ୍ତି । କରୋନାଜନିତ ଲକଡାଉନ/ସଟଡାଉନ ଯୋଗୁ ବର୍ତମାନ ହକର ମାନେ ଭୁବନ ରୁ ସୁରପ୍ରତାପପୁର ଗ୍ରାମକୁ ଯାଉନଥିବାରୁ ଗୋଲେଖ ବାଧହୋଇ ପ୍ରତିଦିନ ସକାଳ ୬ ଟା ସୁଦ୍ଧା ଘରୁ ବାହାରି ୧୮ କିମି ଦୂରରୁ ସାଇକେଲରେ ଭୁବନ ଆସି ଖବରକାଗଜ କିଣି ନେଇ ଘରେ ବସି ପଢୁଛନ୍ତି । ଢେଙ୍କାନାଳ ଜିଲ୍ଲା ଗଁନ୍ଦିଆ ବ୍ଲକ ଯୋରନ୍ଦା ଗ୍ରାମର ମୂଳ ବାସିନ୍ଦା ତାଙ୍କର ଏକମାତ୍ର ଝିଅକୁ ୪ ବର୍ଷ ପୂର୍ବେ ଭୁବନ ବ୍ଲକ ସୁରପ୍ରତାପପୁର ଗ୍ରାମରେ ବିବାହ ଦେଲାପରଠାରୁ ସ୍ୱାମୀ,ସ୍ତ୍ରୀ ଦୁହେଁ ଝିଅ ପାଖରେ ରହୁଛନ୍ତି । ଗୋଲେଖ ପେସାରେ ଜଣେ ଟେଲର (ଦରଜୀ) ହୋଇଥିବାରୁ ସୁରପ୍ରତାପପୁର ଗ୍ରାମରେ ଏକ ଟେଲର ଦୋକାନ ମଧ କରିଛନ୍ତି । ଆଜିର ଟିଭି, ମୋବାଇଲ, ସୋସିଆଲ ମିଡିଆ ଯୁଗରେ ଖବରକାଗଜର ମୂଲ୍ୟ ରହିଛି । ଟିଭିରେ ନ୍ୟୁଜ ଦେଖିହେଉଛି, ମୋବାଇଲରେ ଇପେପର ରେ ସମ୍ବାଦ ଦେଖିହେଉଛି, କିନ୍ତୁ ହାତରେ ପେପର ଖଣ୍ଡେ ନଧରିଲେ ଦିନଟା ଭଲରେ କଟେନି । ଦୈନିକ ୫/୭ ଟି ପେପର ତାଙ୍କର ଏକ ନିଶା । ଆଜକୁ ୩୦ ବର୍ଷ ହେଲା ତାଙ୍କୁ ଏହି ନିଶା ଧରିଛି ବୋଲି କୁହନ୍ତି ଗୋଲେଖ ।

## କୋଭିଡ୍ ମୁକାବିଲା ନେଇ ବିଡ଼ିଓଙ୍କ ସହିତ ଜିଲ୍ଲାପାଳଙ୍କ ଭିଡ଼ିଓ କନଫରେନ୍ସ

ପୁରୀ,୨୬।୭ (ନି.ପ୍ର): ପୁରୀ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଆଜି ଏ ସଂକ୍ରାନ୍ତରେ ଜିଲ୍ଲାପାଳ ବଲୱନ୍ତ ସିଂହ ୧୧ ବ୍ଲକର ବିଡ଼ିଓଙ୍କ ସହିତ ଭିଡ଼ିଓ କନଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି । ପ୍ରତି ବ୍ଲକ୍ ର ଭିଡ଼ିଓ କନଫରେନ୍ସିଂ ହଲ୍ ରେ ବିଡ଼ିଓଙ୍କ ସହିତ କେତେକ ସରପଚଂ ଓ ଜନ ପ୍ରତିନିଧି ଯୋଗ ଦେଇଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରତି ପଚାଂୟତରେ କୋଭିଡ୍ କେୟାର୍ ହୋମ୍ ସମ୍ପର୍କରେ ପଚାରି ବୁଝିଥିଲେ । ଏହାର ପରିଚାଳନା, ସୁରକ୍ଷା ଓ ଆବଶ୍ୟକୀୟ ସରଞ୍ଜାମ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ଏଥିସହ ଆକ୍ରାନ୍ତ ମାନଙ୍କ ସ୍ୱାବ୍ ସଂଗ୍ରହ ଓ ପରୀକ୍ଷା କରାଯିବା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଭିଡ଼ିଓ କନଫରେନ୍ସରେ ଅତିରିକ୍ତ ଜିଲ୍ଲାପାଳ ବିନୟ କୁମାର ଦାଶ, ଉପଜିଲ୍ଲାପାଳ ଭବତାରଣ ସାହୁ, ପିଡି ଡିଆରଡିଏ ବିଶାଲ ସିଂହ ପ୍ରମୁଖ ଓଏସଡବ୍ଲ୍ୟୁଏଏନ୍ ହଲ୍ ରେ ଉପସ୍ଥିତ ଥିଲେ ।

## ମଣ୍ଡଳପଦରରେ ଶିକ୍ଷକଙ୍କ ଦେହାନ୍ତ, ବିଭିନ୍ନ ମହଲରେ ଶୋକରଛାୟା

କନ୍ଧମାଳ,୨୬।୭ (ନି.ପ୍ର): କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ମଣ୍ଡଳପଦର କ୍ଲଷ୍ଟର ଅନ୍ତର୍ଗତ ଖମନପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟାରତ ଶିକ୍ଷକ ପ୍ରହଲ୍ଲାଦ ବଡ଼ସେଠ୍‌ଙ୍କ ବିୟୋଗରେ ସମଗ୍ର ଅୟ୍‌ଚଳରେ ଶୋକରଛାୟା ଖେଳି ଯାଇଛି । ଶ୍ୱାସରୁଦ୍ଧ ହୋଇ ଶିକ୍ଷକଙ୍କର ଦେହାନ୍ତ ହୋଇଥିବା ପ୍ରକାଶ । ତୁମୁଡ଼ିବନ୍ଧ ବ୍ଲକ ତଥା କନ୍ଧମାଳ ଜିଲାରେ ଜଣେ ଆଦର୍ଶକ ଶିକ୍ଷକ ସହିତ ଜଣେ ଟାଣୁଆ ଶିକ୍ଷକ ନେତା ଭାବେ ବେଶ୍ ପରିଚିତ ଥିଲେ । ତାଙ୍କ ଦେହାନ୍ତ ପରେ ତୁମୁଡ଼ିବନ୍ଧ ବ୍ଲକରେ ଜଣେ ଟାଣୁଆ ଶିକ୍ଷକ ନେତାଙ୍କ ଶୁନ୍ୟସ୍ଥାନ ହୋଇରହିଲା ବୋଲି ଶିକ୍ଷକ ମହଲରେ ମତ ପ୍ରକାଶ ପାଇଛି । ତାଙ୍କ ଭଳି ଜଣେ କର୍ମବୀର ଆଉ ମିଳିବ ନାହିଁ ବୋଲି ଦୁଃଖର ସହିତ ଶିକ୍ଷକ ସଂଘର ସଭାପତି ଶରତ ଚନ୍ଦ୍ର ଦେଶୀନାୟକ ଓ କୁମର ପରାସେଟ୍ ପ୍ରକାଶ କରିଛନ୍ତି । ସେ ଶିକ୍ଷକଙ୍କ ସମସ୍ୟା ଛଡ଼ା ସାଧାରଣ ଲୋକଙ୍କ ହକ୍ ପାଇଁ ଅନେକଥର ସଂଗ୍ରାମ କରିଛନ୍ତି । ତାଙ୍କର ବର୍ତମାନ ୩ ପୁଅ ଓ ଗୋଟିଏ ଝିଅ ଓ ସ୍ତ୍ରୀ ଅଛନ୍ତି । ତାଙ୍କ ପରିବାରରେ ସେ ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ । ଏକ ଶୋକକୁଳ ପରିବେଶ ମଧ୍ୟ ତାଙ୍କର ଶେଷ କାର୍ଯ୍ୟ ସଂପର୍ଣ୍ଣ କରାଯାଇଥିବା ବେଳେ ଶେଷ ଦର୍ଶନ ପାଇଁ ବହୁ ଶିକ୍ଷକ ନେତା ସାମିଲ୍ ହୋଇଥିଲେ ।

## ଚାଳଘରେ ଅସହାୟ ବୃଦ୍ଧ ଘଟଣା- ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ

ନୂଆପଡା,୨୬।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ପୁଟୁପଡା ନିବାସୀ କଏଁରା ବନଛୋର(୫୧) ଅସହାୟ ଅବସ୍ଥାରେ ଜୀବନ ଅତିବାହିତ କରୁଥିବା ବେଳେ ତାଙ୍କର ଘର ଖଣ୍ଡିଏ ନଥିବାରୁ ତାରପୋଲିନ ଚାଳଘରେ ରହି ଆସୁଥିବା ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ପ୍ରକାଶ ଦେଖାଇଛି । ଏନେଇ ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କଏଁରା ବନଛୋରଙ୍କୁ ସାମିଲ କରି କାର୍ଯ୍ୟାଦେଶ ନଂ ୭୩୩/ ୨୩.୦୭.୨୦୨୦ ପ୍ରଦାନ କରା ପକ୍କାଘର ନିର୍ମାଣ କରିବାକୁ ଅନୁମତୀ ଦିଆଯାଇଛି । ଫଳରେ ତାଙ୍କର ପକ୍କାଘରେ ରହିବା ସ୍ୱପ୍ନ ସାକାର ହୋଇଥିବା ନେଇ ପ୍ରକାଶ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ପୁଟୁପଡା ଗ୍ରାମରେ କଏଁରା ବନଛୋର ନାମକ ଜଣେ ଜଣେ ମଣିଷ ଶ୍ରମିକ କାର୍ଯ୍ୟ କରି ପେଟ ପୋଷି ଆସୁଛନ୍ତି । ତାଙ୍କର ଘର ନଥିବା ବେଳେ ଅତି ଦୟନୀୟ ଭାବରେ ତାରପୋଲିନ ଚାଳଘରେ ରହି ଆସୁଥିଲେ ।

## ପ୍ରସ୍ତାବିତ ପ୍ଲାଷ୍ଟିକ କାରଖାନା ତିଆରିକୁ ପଡାବାସୀଙ୍କ ବିରୋଧ

ନୂଆପଡା,୨୬।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅ ଳ ପରିଷଦ ଅନ୍ତର୍ଗତ ୧୧ ନଂ ୱାର୍ଡ ପୁଟୁପଡା ଠାରେ ନିର୍ମାଣ ହେବାକୁ ଥିବା ପ୍ଲାଷ୍ଟିକ କାରଖାନା ତିଆରିକୁ ପଡାବାସୀ ପ୍ରବଳ ବିରୋଧ ପ୍ରଦର୍ଶନ କରିଛନ୍ତି । ଏନେଇ ପଡାର ଯୁବଗୋଷ୍ଠୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ରାଜରାସ୍ତାକୁ ଆସି ବିରୋଧ ପ୍ରଦର୍ଶନ କରିଛନ୍ତି । ଜିଲା ପ୍ରଶାସନ ଏହି କାରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର ନକଲେ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ଏହି ପ୍ଲାଷ୍ଟିକ କାରଖାନା ତିଆରି ହେଲେ ସ୍ଥାନୀୟ ଲୋକେ ନିଯୁକ୍ତି ସୁଯୋଗ ପାଇବେ ବୋଲି କୁହାଯାଇଛି । ତାହା ଭୁଲ ପ୍ରମାଣିତ ହୋଇଛି । ପ୍ଲାଷ୍ଟିକ କାରଖାନାରେ ୩ ଜଣ ଅଣ ତାଲିକପ୍ରାପ୍ତ ଶ୍ରମିକ, ୨ ଜଣ ଅର୍ଦ୍ଧ ତାଲିମ ଶ୍ରମିକ, ଜଣେ ମେସିନ ଚାଳକ, ଜଣେ ମ୍ୟାନେଜର, ଜଣେ ଆକାଉ ଷ୍ଟାଣ୍ଡ ଏବଂ ଜଣେ ସେଲସମେନ ନିଯୁକ୍ତି ପାଇବେ । ଏହି ୯ ଗୋଟି ପଦବୀରେ ୬ ଜଣ ତାଲିମପ୍ରାପ୍ତ ଯୁବକ ଆବଶ୍ୟକ ଥିବା ବେଳେ ନୂଆପଡା ଜିଲ୍ଲାରେ ତାଲିମପ୍ରାପ୍ତ ଯୁବକ ନଥିବା ଜଣାପଡିଛି । ଏନେଇ ପଡାବାସୀ ଗତ ଦିନରେ ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଖଡିଆଳ ତହସିଲଦାର, ନୂଆପଡା ଜିଲ୍ଲାପାଳ ଏବଂ ପ୍ରଦୂଷଣ କଂଟ୍ରୋଲ ବୋର୍ଡଙ୍କୁ ମଧ୍ୟ ଦାବୀପତ୍ର ଦେଇ ବିରୋଧ କରିଥିବା ସୂଚନା ମିଳିଛି ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

କୋରେଇ,୨୬।୭ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିକଟରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିର କୌଣସି ପରିଚୟ ମିଳିନଥିବା ବେଳେ ଯେଉଁ ଗାଡ଼ି ଧକ୍କା କରି ଯାଇଛି ତାର ବି କୌଣସି ସୂଚନା ମିଳିନାହିଁ । ମୃତ ବ୍ୟକ୍ତି ଜଣକ ବୟସ୍କ ହୋଇଥିବା ବେଳେ ତାଙ୍କର ମୁହଁରେ ଧଳା ଦାଢ଼ି ଥବବା ଦେଖିବାକୁ ମିଳିଛି । ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଂଚି ପଂଚନାମା କରାଇ ଶବ ବ୍ୟବଚ୍ଛେଦ କରାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଏହି ଅଜଣା ବ୍ୟକ୍ତି ସମ୍ପର୍କରେ କେହି ସୂଚନା ପାଇଲେ ପାଣିକୋଇଲି ଥାନାକୁ ଜଣାଇବାକୁ ପୋଲିସ ସୂଚନା ଦେଇଛି

## ବିଶୋଧନରେ ପୌର ପ୍ରଶାସନର ପାତରଅନ୍ତର : ଭିଆଇପି ଏରିଆକୁ ଅନୁକମ୍ପା, ଆଉ ସବୁକୁ ଉପେକ୍ଷା

ଭଦ୍ରକ, ୨୬/୭ (ହି.ସ.) - ଭଦ୍ରକ ପୌର ପ୍ରଶାସନର କରୋନା ଚିହ୍ନଟ ଅଂଚଳରେ ବିଶୋଧନ ପ୍ରକ୍ରିୟା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କଂଟେନମେଂଟ ଘୋଷିତ ଅଂଚଳ ମଧ୍ୟରୁ ଆସିଥିବା ଫାୟାର ଗାଡି ବାଛି ବାଛି କିଛି ସ୍ଥାନକୁ ବିଶୋଧନ କରି ଫେରି ଯାଇଛି । ସେହି ୱାର୍ଡର ଅନ୍ୟ ଏକ କରୋନା ଆକ୍ରାନ୍ତ ଅଂଚଳକୁ ଏହି ଗାଡି ନଯିବା ନେଇ ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଏପରିକି ବିଶୋଧନ ବେଳେ ପ୍ରଶାସକ ସମେତ ଫାୟା ରଗାଡି ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କେହି ଲୋକଙ୍କ କଥାକୁ ଗୁରୁତ୍ୱ ଦେଇନାହାଁନ୍ତି । ପୌର ପ୍ରଶାସନର କରୋନା ପ୍ରଭାବିତ ଅଂଚଳରେ ଭିଆଇପି ଏରିଆକୁ ଅନୁକମ୍ପା ଦେଖାଇବା ଏବଂ ଅନ୍ୟ ଅଂଚଳ ପ୍ରତି ଉପେକ୍ଷା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅପରପକ୍ଷେ ଫାୟାର ଗାଡି ବାଦ ଦେଇ ଯାଇଥିବା ଅଂଚଳରେ କଂଗ୍ରେସ ପକ୍ଷରୁ ବିଶୋଧନ କରାଯାଇଛି । ଭଦ୍ରକ ପୌରା ଳ ଅଧୀନ ୭ ନଂ ୱାର୍ଡ ଗବସାହିରୁ ଜଣେ କରୋନା ଆକ୍ରାନ୍ତ ବୁଧବାର ଚିହ୍ନଟ ହୋଇଥିଲେ । ଜିଲାପାଳ ଏହି ୱାର୍ଡକୁ କଂଟେନମେଂଟ ଜୋନ୍ ଘୋଷଣା କରିଥିଲେ । ସେହିପରି ଏହି ୱାର୍ଡର ଭିଆଇପି କଲୋନୀ ଓ ହାଉସିଂ ବୋର୍ଡ କଲୋନୀର ଜଣେ ଲେଖାଏଁ ବ୍ୟକ୍ତି କରୋନା ସଂକ୍ରମିତ ବୋଲି ଜଣାପଡିଥିଲା । ଏ ସଂପର୍କରେ ଜିଲାପାଳ ସୂଚନା ଦେଇଛନ୍ତି । ଏହି ୱାର୍ଡର କଲ୍ୟାରୀ ରେସିଡେନ୍ସି ବିପରିତ ଦିଗରେ ଥିବା କଲୋନରୁ ଏହି ୱାର୍ଡର ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାରୁ ସଂପୃକ୍ତ କଲୋନୀକୁ ଅବରୋଧ ଅଂଚଳ ଘୋଷଣା କରିବା ସହ ବିଶୋଧନ କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ କଲୋନୀବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । ପୌର ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ମଧ ଏଥିନେଇ ପ୍ରତିଶ୍ରୁତି ଦେଇଥିଲେ । ଗତକାଲି ପୂର୍ବାହ୍ନ ୧ଟା ସମୟରେ ଅଗ୍ନିଶମ ବାହିନୀର ଏକ ଗାଡି ଏହି ୱାର୍ଡରେ ପହ୍ ହାଉସିଂ ବୋର୍ଡ କଲୋନୀ, ଭିଆଇପି କଲୋନୀ ସମେତ ସାହାପୁର ଅଂଚଳର କିଛି ସ୍ଥାନକୁ ବିଶୋଧନ କରିବା ଆରମ୍ଭ କରିଥିଲା । ପୌର ନିର୍ବାହୀ ଅଧିକାରୀ ଶ୍ରୀ ନାୟକ, ଫାୟାର ଅଫିସରଙ୍କ ସମେତ ବିଶୋଧନ ଗାଡି ନିକଟରେ ଉପସ୍ଥିତ ପୌରପାଳିକାର ଜନୈକ କନିଷ୍ଠ ଯନ୍ତ୍ରୀଙ୍କୁ ଚିହ୍ନଟ ହୋଇଥିବା ପ୍ରଥମ ଆକ୍ରାନ୍ତଙ୍କ ଅଂଚଳକୁ ବିଶୋଧନ ପାଇଁ ଅନୁରୋଧ କରାଯାଇଥିଲା । କିନ୍ତୁ ଉପରୋକ୍ତ ଅଧିକାରୀଙ୍କ ଠାରେ ନକରାତ୍ମକ ମନୋଭାବ ଦେଖାଯିବାରୁ ବିଧାୟକ ସଂଜୀବ ମଲ୍ଲିକଙ୍କୁ ମଧ ଅନୁରୋଧ କରାଯାଇଥିଲା । କିନ୍ତୁ ଏସବୁ ପରେ ମଧ କୌଣସି ସୁଫଳ ମିଳିନଥିଲା । ଏହି ସମୟରେ ସାହାପୁରଠାରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ପକ୍ଷରୁ ବିଶୋଧନ କାର୍ଯ୍ୟ କରୁଥିବା କେତେକ ଦଳୀୟ କର୍ମୀ ଏହି ଖବର ପାଇ କଲ୍ୟାଣୀ ରେସିଡେନ୍ସି ସମ୍ମୁଖ କଲୋନୀରେ ପହଂଚି ଘରକୁ ଘର ବୁଲି ବିଶୋଧନ କାର୍ଯ୍ୟ କରିଥିଲେ । କରୋନା ସଂକ୍ରମଣ ଅଂଚଳରେ ପୌରବାସୀଙ୍କ ସୁରକ୍ଷା ନିମିତ ବିଶୋଧନ କାର୍ଯ୍ୟ କରାଯାଉଛି । ଏ ଦିଗରେ ବିପୁଳ ଅର୍ଥ ମଧ ଖର୍ଚ୍ଚ ହେଉଛି । କିନ୍ତୁ କେଉଁ ପରିପ୍ରେକ୍ଷୀରେ, କାହା ଇଙ୍ଗିତରେ ପ୍ରଥମ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ କଲୋନୀରେ ବିଶୋଧନ କାର୍ଯ୍ୟ କରାଗଲା ନାହିଁ, ସେ ସଂପର୍କରେ ଜିଲ୍ଲାପାଳ ତଦନ୍ତ କରିବାକୁ ଦାବି କରିଛନ୍ତି ସଂପୃକ୍ତ କଲୋନୀବାସୀ ।

## ମୟୂରଭଞ୍ଜ : ପୁଲିସର କଡ଼ା ବ୍ୟବସ୍ଥା ମଧ୍ୟରେ ଜୁଲାଇ ମାସର ସପ୍ତାହନ୍ତା ସଟ୍ ଡ଼ାଉନ-୪ ଆରମ୍ଭ

ବାରିପଦା,୨୬।୭ (ନି.ପ୍ର): ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଅନୁସାରେ କୋଭିଡ଼-୧୯ ସଂକ୍ରମଣର ସଫଳ ମୁକାବିଲା ନିମନ୍ତେ ଲକ୍‌ଡ଼ାଉନ(ଅନଲକ୍-୨)କୁ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ସମୟରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ କୋଭିଡ଼-୧୯ ପରିଚାଳନା ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ଚଳିତ ଜୁଲାଇ ମାସଠାରୁ ସପ୍ତାହର ପ୍ରତ୍ୟେକ ଶନିବାର ଓ ରବିବାର ଦୁଇ ଦିନିଆ ସପ୍ତାହାନ୍ତ ସଟ୍ ଡ଼ାଉନ ଘୋଷଣା କରିଥିଲେ ଏବଂ ଚଳିତ ଜୁଲାଇ ମାସର ଶେଷ ସପ୍ତାହନ୍ତା ସଟ୍ ଡ଼ାଉନ-୪ର ପ୍ରଥମ ଶନିବାର ଜିଲ୍ଲାର ବାରିପଦା ସଦର ସହିତ ପାଂଚ ପୀଢ଼, ବାମନଘାଟୀ ଓ କପ୍ତିପଦା ଆଦି ଉପଖଣ୍ଡଗୁଡ଼ିକରେ ଔଷଧ ଦୋକାନ, କ୍ଷୀର, ପେଟ୍ରୋଲପମ୍ପ ଓ ଏଟିଏମ ଆଦିକୁ ବାଦ ଦେଇ ଅନ୍ୟ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । ଜାତୀୟ ରାଜପଥରେ ପରିବହନ ଯାନକୁ ବାଦ ଦେଇ ଅନ୍ୟ ସମସ୍ତ ଗାଡ଼ିମୋଟର ଚଳାଚଳ ପ୍ରାୟତଃ ବନ୍ଦ ରହିଥିବାର ଦେଖିବାକୁ ମିଳିଥିଲା । ବାରିପଦା ପୌରପରିଷଦରେ ଜରୁରୀ ସେବାରେ ନିୟୋଜିତ ବ୍ୟକ୍ତିମାନଙ୍କ ବ୍ୟତୀତ ସାଧାରଣ ଜନତାଙ୍କ ଚଳାଚଳ ବନ୍ଦ ରହିଥିଲା । ସେହିପରି ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାମକାର୍ଯ୍ୟ ପ୍ରଭାବିତ ହୋଇଥିଲା । ରାସ୍ତାଘାଟ ପ୍ରାୟତଃ ଜନଶୂନ୍ୟ ରହିଥିଲା । କାଁ ଭାଁ ଗାଡ଼ିମୋଟର ଯାତାୟତ କରୁଥିବା ସମୟରେ ପୁଲିସର ପେଟ୍ରୋଲିଂ ଓ ଚେକିଂ କଡ଼ାକଡ଼ି କରାଯାଇଥିଲା । ସେହିପରି ପୁଲିସର ପିସିଆର ଓ ମୋବାଇଲ ଭ୍ୟାନ ସାଇରନ ବଜାଇ ସହରରେ ଚକ୍କର କାଟୁ ଥିବା ବେଳେ ସିସି ଟିଭି କ୍ୟାମେରା ଲାଗିଥିବା ପିସିଆର ଭ୍ୟାନ ସହରରେ ସଟ୍‌ଡ଼ାଉନ ନିୟମ ଭଙ୍ଗକାରୀମାନଙ୍କ ଉପରେ କଡ଼ା ନଜର ରଖିଥିଲା । ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ଆଜିର ସପ୍ତାହାନ୍ତ ସର୍ଟଡ଼ାଉନକୁ ଜନସାଧାରଣ ସହଯୋଗ କରିଥିବାର ଦେଖିବାକୁ ମିଳିଛି । କେବଳ ଜରୁରୀ କାର୍ଯ୍ୟ ନଥିଲେ କୌଣସି ବ୍ୟକ୍ତି ବାହାରକୁ ବାହାରି ନାହାନ୍ତି । ଆମେ ମଧ ମାନବିକତା ଦୃଷ୍ଟିକୋଣରୁ ସେମାନଙ୍କ ସମସ୍ୟାକୁ ବୁଝି ଛାଡ଼ି ଦେଉଛୁ । ଆଜି ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଏସପିଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଜଣେ ଏଡ଼ିସନାଲ ଏସପି, ୪ ଜଣ ଡିଏସପି, ୨୨ ଅଫିସର, ୨ ଇନ୍ସପେକ୍ଟର ଓ ୪ ପ୍ଲାଟୁନ ଫୋର୍ସ କାର୍ଯ୍ୟକରୁଥିଲେ । ଏହା କେବଳ ବାରିପଦା ସହରରେ ନୁହେଁ ମୟୂରଭଞ୍ଜର ସମସ୍ତ ଅଂଚଳରେ ସବୁଠାରେ ଏହି ସପ୍ତାହାନ୍ତ ସଟ୍‌ଡ଼ାଉନ ଜାରି ରହିଛି । କୋଭିଡ଼-୧୯ର ସଫଳ ମୁକାବିଲା କରିବାର ଗୋଟାଏ ମାତ୍ର ରାସ୍ତା ରହିଛି । ଅତି ଜରୁରୀ କାର୍ଯ୍ୟ ନ ଥିଲେ ପଦାକୁ ବାହାରନ୍ତୁ ନାହିଁ । ମୁହଁରେ ମାସ୍କ ପିନ୍ଧିବା ସାଙ୍ଗକୁ ସର୍ବନିମ୍ନ ୬ ଫୁଟ ଦୂରତା ରକ୍ଷା କରିବା, ବାରମ୍ବାର ହାତକୁ ସାନିଟାଇଜରରେ ଅଥବା ସାବୁନରେ ଭଲ ଭାବେ ସଫା କରାଇବା ନିମନ୍ତେ ଜନସାଧାରଣଙ୍କୁ ଥାନା ଅଧିକାରୀ ଶ୍ରୀସେନାପତି ଗଣମାଧମ ଜରିଆରେ ପରାମର୍ଶ ଦେଇଛନ୍ତି ।

## କୋହ୍ଲାପୁରୀ ଚପଲ

**ପିନ୍ଧିବା ପାଇଁ କୋହ୍ଲାପୁରୀ ଚପଲ ଯେମିତି କର୍ମ୍ଫଟେବୁଲ ଲାଗେ ଠିକ୍ ସେମିତି ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ । ଆଜିକାଲି ମାର୍କେଟରେ ଏହି ଚପଲର ଅନେକ ଡିଜାଇନ ବି ମିଲାଣି, ଯାହାକୁ ଉଭୟ କାଜୁଆଲ ଓ ଏଥ୍ନିକ୍ ଆଉଟ୍‌ଫିଟ୍ ସହ ପିନ୍ଧିହେଉଛି । ତା ଛଡ଼ା କୋହ୍ଲାପୁରୀ ବେଶ୍ ଆରାମଦାୟକ, ଫ୍ୟାଶନେବଲ ଆଉ ମଲ୍ଟିପରପୋଜ ଫଉଟୱେର ହୋଇଥିବାରୁ ଏହାକୁ ଯେ କୌଣସି ଅକେଜନରେ ମଧ ଟ୍ରାଏ କରାଯାଇପାରେ । ସେମିତି କିଛି ଟ୍ରେଣ୍ଡି କୋହ୍ଲାପୁରୀ ଫୁଟ୍‌ୱେର ସମ୍ପର୍କରେ.....**

### କାଜୁଆଲ କୋହ୍ଲାପୁରୀ:

ନିୟମିତ ବ୍ୟବହାର ପାଇଁ କାଜୁଆଲ କୋହ୍ଲାପୁରୀ ସବୁଠାରୁ ବେଷ୍ଟ ଅପ୍ସନ । ଏହାକୁ ପିନ୍ଧିଲେ କମ୍ଫର୍ଟେବୁଲ ଲାଗିବା ସହ କ୍ଲାସି ଲୁକ୍ ମିଳିଥାଏ ।





### କ୍ଲାସିକ୍ ଲେଦର କୋହ୍ଲାପୁରୀ:

ଯଦି ଆପଣଙ୍କୁ ଅଫିସୱେର ସହିତ କିଛି ବି ହାଲକା ଫୁଲକା ଫୁଟୱେର ପିନ୍ଧିବାକୁ ଭଲ ଲାଗେ, ତା ହେଲେ କ୍ଲାସିକ୍ ଲେଦର କୋହ୍ଲାପୁରୀ ଫୁଟୱେର ଚୟନ କରିବା ଠିକ୍ ହେବ । ଏହା ପିନ୍ଧିବାକୁ କମ୍ଫର୍ଟେବଲ ଲାଗିବା ସହ ସୋବର ଲୁକ୍ ଦେଇଥାଏ ।

### ଏମ୍ବ୍ରୋଏଡ୍ କୋହ୍ଲାପୁରୀ:

ଏମ୍ବ୍ରୋଏଡ୍ କାମବାଲା ଆଉଟଫଟ୍ କିମ୍ବା ଫୁଟ୍‌ୱେର ପିନ୍ଧିବା ପସନ୍ଦ ଥିଲେ, ଆପର ଏମ୍ବ୍ରୋଏଡ୍ କୋହ୍ଲାପୁରୀ ଟ୍ରାଏ କରିପାରିବେ । ଏବେ ଏହି ଫୁଟୱେର ସିଙ୍ଗଲ ଓ ମଲ୍ଟି କଲରରେ ବି ଉପଲବ୍ଧ ହେଲାଣି । ଏହି ଷ୍ଟାଇଲର କୋହ୍ଲାପୁରୀକୁ ଜୟପୁରୀ ସ୍କର୍ଟ, ଶାଢ଼ି, ସାଲୱାର କମିଜ ସହ ପେୟାର କରି ପିନ୍ଧିଲେ ବେଶ ଭଲ ମାନିଥାଏ ।



### ପମପମ କୋହ୍ଲାପୁରୀ:

ଆଜିକାଲି ପମପମର କ୍ରେଜ ମହିଳାଙ୍କ ଭିତରେ ଖୁବ ରହିଥିବା ଦେଖିବାକୁ ମିଳୁଛି । ଆଉଟଫିଟ୍, ହେୟାର ଆସେସରିଜ ଏପରିକି ଫଉଟ୍‌ୱେରରେ ବି ପମପମର ବ୍ୟବହାର କରାଗଲାଣି । ଏବେ ପମପମ କୋହ୍ଲାପୁରୀ ବି ମାର୍କେଟରେ ମିଳିଲାଣି । ସାଲୱାର କମିଜ ହେଉ ଅବା ଜିନ୍ସ ଓ ଟପ୍ସ ସହ ଏହା ବେଶ୍ ଭଲ ମାନିଥାଏ । ତେବେ ମ୍ୟାଚିଂ କଲରର ପମପମ ତୁଳନାରେ କଣ୍ଟ୍ରାଷ୍ଟିଂ କଲର ପମପମ ତୁଳନାରେ କଣ୍ଟ୍ରାଷ୍ଟିଂ କଲର ପମପମ ଲାଗିଥିବା କୋହ୍ଲାପୁରୀ ଅଧିକ ସୁନ୍ଦର ଦେଖାଯାଇଥାଏ ।



## ପାଣି ମଝିରେ ସାଇକେଲ୍ ଚାଳନା



ଶୀର୍ଷକଟି ପଢ଼ି ବିଭିନ୍ନ ପାଠକ ଭିନ୍ନ ଭିନ୍ନ ଚିନ୍ତା କରୁଥିବେ । କେହି ହୁଏତ ଏକଥା ଭାବୁଥିବେ ପାଣି ଉପରେ ସାଇକେଲ ଚାଳନା କେମିତି ସମ୍ଭବ । ଆଉ କିଏ ହୁଏତ ଭାବିବେ ପାଣି ଉପରେ ପୋଲ ତିଆରି କରି ସାଇକେଲ ଚଲାଇବା ସମ୍ଭବ । ଏଥିରେ ଖାସ୍ କଥା କଣ ଅଛି । କିନ୍ତୁ ବେଲଜିୟମର ଲିମବର୍ଗଠାରେ ଅବସ୍ଥିତ ଦେ ୱିଜର୍ସ ନେଚର ରିଜର୍ଭରେ ଅବସ୍ଥିତ ଏକ ବିଶାଳ ଜଳାଶୟ ମଧ୍ୟ ଦେଇ ସାଇକେଲ ଜାଳନା ବ୍ୟବସ୍ଥା କରାଯାଇଛି। ପାଣି ଉପରେ ପୋଲ ନୁହେଁ, ବରଂ ଜଳାଶୟର ପାଣିକୁ ଦୁଇ ଭାଗ କରି ତାହା ମଧ୍ୟରେ ସାଇକେଲ ଚାଳନା ପାଇ ଏକ ସ୍ୱତନ୍ତ୍ର ଲେନ ତିଆରି କରାଯାଇଛି । ଏହି ୨୧୨ ମିଟର ଲମ୍ବା କଂକ୍ରିଟ୍ ରାସ୍ତା ଜଳ ସ୍ତରଠାରୁ ଆହୁରି ତଳେ ଏପରି ଭାବେ ତିଆରି କରାଯାଇଛି ଯାହା ଦ୍ୱାରା ସାଇକେଲ ଚାଳକ ଜଳାଶୟର ପାଣିକୁ ସ୍ୱଷ୍ଟ ଭାବେ ଦେଖିପାରିବେ । ଏହି ରାସ୍ତା ଏପରି ଭାବେ ତିଆରି ହୋଇଛି ଯାହାଦ୍ୱାରା ଜଳାଶୟର ଜଳଜୀବମାନଙ୍କ ପ୍ରତି ଯେମିତି କୌଣସି ହାନି ପହଞ୍ଚିବ ନାହିଁ । ୨୦୧୬ ମସିହାରେ ଏହି ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ସ୍ଥାନୀୟ ଲୋକଙ୍କ ସମେତ ଦୂର ଦୂରାନ୍ତରୁ ଅନେକ ପର୍ଯ୍ୟଟକ ଜଳାଶୟ ମଝିରେ ସାଇକେଲ ଚାଳନା କରିବାକୁ ଛୁଟି ଆସୁଛନ୍ତି । ଲିମବର୍ଗରେ ବାଇସାଇକେଲ ପର୍ଯ୍ୟଟନର ବିକାଶ ପାଇଁ ଏଭଳି ପଦକ୍ଷେପ ନିଆଯାଇଛି । ଲିମବର୍ଗ ହେଉଛି ସାଇକେଲପ୍ରେମୀଙ୍କ ପାଇଁ ଭୂସ୍ୱର୍ଗ ସଦୃଶ । ୨୫ ବର୍ଷ ପୂର୍ବେ ଲିମବର୍ଗର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ସଂଯୋଗ କରିବା ପାଇଁ ସାଇକେଲ ପାଥ୍ ନିର୍ମାଣ କରାଯାଇଥିଲା ।

## ନଡ଼ିଆ ତେଲର ଘରୋଇ ଉପଚାର

ଆମେ ସାଧାରଣତଃ ନଡ଼ିଆ ତେଲକୁ ଦେହରେ ଲଗାଇବା ପାଇଁ ବ୍ୟବହାର କରିଥାଉ । କିନ୍ତୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ନଡ଼ିଆ ତେଲକୁ ଖାଇବା ତେଲ ଭାବରେ ବ୍ୟବହାର କରାଯାଏ । ନଡ଼ିଆ ତେଲ ଟାଇପ-୨ ମଧୁମେହର ଲକ୍ଷଣକୁ କମ କରିଥାଏ । ୨୦୦୯ରେ ହୋଇଥିବା ସର୍ଭେରୁ ଜଣାପଡ଼ିଥିଲା ଯେ ନଡ଼ିଆ ତେଲ ମଧ୍ୟମ ଧରଣର ଫ୍ୟାଟି ଏସିଡରେ ସମୃଦ୍ଧ । ଏହା ମଧୁମେହର ମୁଖ୍ୟ ଲକ୍ଷଣ ମୋଟାପଣ ରୋକିବା ସହ ଇନସୁଲିନ ପ୍ରତିରୋଧକ ଶକ୍ତି ସହ ଲଢ଼ିବାରେ ସମର୍ଥ । ନଡ଼ିଆ ତେଲ, ଘିଅ ଓ ଲହୁଣୀରେ ଥିବା




ପାମିଟିକ୍ ଏସିଡ୍ ଓ ମ୍ୟୁରିଷ୍ଟିକ୍ ଏସିଡ୍ ମଧୁମେହ ପାଇଁ ବେଶ୍ ଉପକାରୀ । ଏହା ବ୍ୟତୀତ ନଡ଼ିଆ ତେଲ ଖାଇବା ଦ୍ୱାରା ଶରୀରରେ ମାଗ୍ନେସିୟମ ଓ କ୍ୟାଲସିୟମ ବଢ଼ିଲେ ତାହା ଅଷ୍ଟିଓପୋରୋସିସକୁ ପ୍ରତିହତ କରିଥାଏ । ସେହିପରି ଘରେ ରନ୍ଧା ନଡ଼ିଆ ତେଲ ଚର୍ମ ରୋଗ ପାଇଁ ବେଶ୍ ଉପଯୋଗୀ । ନଡ଼ିଆ ତେଲରେ କର୍ପୂର ପକାଇ ଫୁଟାଇ ଯାଦୁ, ବିଇଞ୍ଚ, ଚମଦଳା, କାଛୁକୁଣ୍ଡିଆ ରୋଗରେ ବ୍ୟବହାର କଲେ ଉପଶମ ମିଳିଥାଏ ।

## ହାଇପରଟେନ୍‌ସନ ଓ ଫେଙ୍ଗସୁଇ

ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ହାଇପରଟେନ୍‌ସନ କେତେବେଳେ ଆକ୍ରାନ୍ତ କରେ, ତାହା ଜଣାପଡ଼େନି । ତେବେ ସୁସ୍ଥ ଜୀବନଚର୍ଯ୍ୟା ଓ ଔଷଧ ସେବନ ସହିତ ଫେଙ୍ଗସୁଇର କେତେକ ଉପାୟ ଦ୍ୱାରା ଏଥିରୁ ମୁକ୍ତି ପାଇପାରିବେ । ଘର କିମ୍ବା ଅଫିସର ଟେବୁଲ ଉପରେ ବାଉଁଶ ଗଛ ରଖନ୍ତୁ । ଏହା ମାନସିକ ଉଦବେଗ କମାଇ ମନ ଶାନ୍ତ ରଖେ ଏବଂ ଆତ୍ମବିଶ୍ୱାସ ଓ ସର୍ଜନଶୀଳତା ବଢ଼ାଏ । ଏରିକା ପାମ ଟ୍ରି ଆଖପାଖର ପରିବେଶ ଶୁଦ୍ଧ ରଖିବାରୁ ମସ୍ତିଷ୍କ ଶାନ୍ତ ରହେ ଏବଂ ସକାରାତ୍ମକ





ଶକ୍ତି ମିଳିଥାଏ । କାମ କରିକରି କ୍ଳାନ୍ତ ହୋଇପଡ଼ିଲେ ପିସ ଲିଲିର କିଛି ଫୁଲକୁ ଦେଖିବା ଏକ ସୁଖଦ ଅନୁଭୂତି ଦିଏ । ଏହା ମନକୁ ଶାନ୍ତ କରିପାରେ । ହାଲକା ଆଲୋକ ଥିବା ସ୍ଥାନରେ ଏହି ଗଛ ବଢ଼ିବା ସହ ଏଥିରେ ଧଳାଫୁଲ ଫୁଟିଥାଏ । ଗୋଲାପ, ଚମ୍ପା ଓ ମଲ୍ଲୀଫୁଲ ଗଛ ଘରେ ଲଗାଇଲେ ଏହାର ଫୁଲ ଟେନସନ ଦୂରେଇବାରେ ସହାୟକ ହୋଇଥାଏ । ଫେଙ୍ଗସୁଇ ଅନୁସାରେ, ଜୋତା ନିଜ ସହିତ ପୂରା ଦିନର ଚିନ୍ତା ଏବଂ ଅବସାଦ ଆଣିଥାନ୍ତି । ଜୋତା ସହିତ ଘରକୁ ପଶିଲେ ନକାରାତ୍ମକ ଶକ୍ତି ବି ପ୍ରବେଶ କରେ । ତେଣୁ ବାହାରୁ ଆସିଲେ ଘର ବାହାରେ ଜୋତା ରଖି ଆସନ୍ତୁ । ଘର ହେଉ କି ଅଫିସ ସବୁ ଜିନିଷ ବ୍ୟବସ୍ଥିତ ଭାବେ ରହିବା ଖୁବ୍ ଶାନ୍ତି ଦିଏ । ସକାଳୁ ଆଖି ଖୋଲିବା ମାତ୍ରେ ଆଗରେ ସବୁ ଜିନିଷ ଶୃଙ୍ଖଳିତ ଭାବେ ରହିଥିବାର ଦେଖିଲେ ଆରମ୍ଭରୁ ମାନସିକତା ସକାରାତ୍ମକ ରହିବ ଏବଂ ହାଇପରଟେନ୍‌ସନର ଆଶଙ୍କା ରହିବ ନାହିଁ ।



## ଚୁଗୁଲି କଲେ ଦଣ୍ଡ

ଚୁଗୁଲି ବା ଗସିପ୍ ଏକ ଖରାପ ଅଭ୍ୟାସ । ଏମିତି ଅନେକ ଲୋକ ଅଛନ୍ତି, ଚୁଗୁଲି ନ କଲେ ସେମାନଙ୍କ ଦିନ ଭଲରେ ବିତେନା । ଫିଲିପାଇନ୍ସର ବିନାଲୋନନରେ କିନ୍ତୁ ଚୁଗୁଲିକୁ ନିଷିଦ୍ଧ ଘୋଷଣା କରାଯାଇଛି । ଲୋକଙ୍କୁ ଦାୟିତ୍ୱବାନ କରିବା ଓ ନିଜ କାମରେ ଧ୍ୟାନ ଦେବା ପାଇଁ ପ୍ରୋତ୍ସାହିତ କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି । ଗସିପ୍ ଦ୍ୱାରା ସମୟ ନଷ୍ଟ ହୁଏ, ବ୍ୟକ୍ତି ଜୀବନରେ ପଛୁଆ ହୋଯାଏ । ତେଣୁ ଏହା ବିରୁଦ୍ଧରେ ଏଠି ନିୟମ କଡ଼ାକଡ଼ି ହୋଇଛି । ଏଠାରେ ଯଦି ଜଣେ ପ୍ରଥମ ଥର ଗସିପ୍ କରିବା ସମୟରେ ଧରାପଡ଼େ, ତେବେ ତାକୁ ୭୨୧ ଟଙ୍କା ଜରିମାନା ଦେବାକୁ ପଡ଼େ । ଏଥିସହ ୩ଘଣ୍ଟା ରାସ୍ତାର ଆବର୍ଜନା ସଫା କରିବା ପଡ଼େ । ଦ୍ୱିତୀୟ ଥର ଧରାପଡ଼ିଲେ, ୧୪୦୦ ଟଙ୍କା ଓ ୮ଘଣ୍ଟ ସମୁଦାୟ ସେବା କରିବାକୁ ପଡ଼େ । କାହାର ଆର୍ଥିକ ସ୍ଥିତି ଉପରେ ଗସିପ୍ କରିବା ଏଠି ଆଇନଗତ ଅପରାଧ । ମୋରେନୋରେ ଏହି ନିୟମ ୨୦୧୭ରୁ ଲାଗୁ ହୋଇଛି ।

## ଭିତରକନିକା

ବିଶ୍ୱ ମାନଚିତ୍ରରେ ଭିତର କନିକାର ସ୍ଥାନ ସ୍ୱତନ୍ତ୍ର ରୂପେ ବାରି ହୋଇପଡ଼େ । ନଦୀ, ନାଳ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିବା ଭିତରକନିକାର ଅପୂର୍ବ ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ କାହିଁ କେତେଦୂରରୁ ଆକର୍ଷିତ ହୋଇ ଆସନ୍ତି ପ୍ରକୃତିକୁ ପ୍ରାଣ ଭରି ଭଲପାଉଥିବା ମଣିଷମାନେ । ୧୯୭୫ ମସିହାରେ ବନ୍ୟଜୀବ ଅଭୟାରଣ୍ୟ, ୧୯୯୮ ମସିହାରେ ଜାତୀୟ ଉଦ୍ୟାନ ଓ ୨୦୦୨ ମସିହାରେ ଏହି ଅଭୟାରଣ୍ୟକୁ ଆନ୍ତର୍ଜାତିକ ଆର୍ଦ୍ରଭୂମି ଘୋଷଣା କରାଯାଇଥିଲା ।



**ଅବସ୍ଥିତି:**
**ଭିତରକନିକା ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବିଧାନସଭା କ୍ଷେତ୍ରରେ ଅବସ୍ଥିତ । ୬୭୨ ବର୍ଗ କି.ମିର ଏହି ଜାତୀୟ ଉଦ୍ୟାନରେ ହେନ୍ତାଳ ବଣ ଘଞ୍ଚ ଆରଣ୍ୟ ପରି ଶୋଭା ବୃଦ୍ଧି କରୁଛି ।**





### ।। ଜୈବ ବିବିଧତା: ।।

ଜୈବ ବିବିଧତା ମଧ୍ୟରେ ୬୩ ପ୍ରକାର ଲୁଣି ହେନ୍ତାଳ ଗଛ, ୧୭୨ ପ୍ରକାର ପକ୍ଷୀ, ଘଡ଼ିଆଳ କୁମ୍ଭୀର ସମେତ ଅହିରାଜ ଗୋଖର, ତମ୍ପ ସାପ ପ୍ରଭୃତି ସରୀସୃପ ଦେଖା ଯାଇଥାନ୍ତି । ହରିଣ, ସମ୍ବର, ବାର୍ହା, ହେଟା, ବିଲୁଆ, ବଣ ମଇଁଷି, ଗାଈ, କୁକୁଡ଼ା ଦେଖିବାକୁ ମିଳିଥାନ୍ତି । ଏହି ଉଦ୍ୟାନରେ ଲୁଣି ପାଣିରେ ବଞ୍ଚୁଥିବା କୁମ୍ଭୀର, ଭାରତୀୟ ଅଜଗର, କଳା ଆଇବିସ୍ ଓ ଡାର୍ଟର ମାନଙ୍କର ମଧ ବାସସ୍ଥଳୀ ପାଲଟି ଥାଏ । ଲକ୍ଷ ଲକ୍ଷ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ ଗହୀରମଥା ମୁହାଣରେ ଅଣ୍ଡା ଦେଇଥାନ୍ତି । କେବେକେବେ ଏଠାରେ ଇରୱାଡ଼ୀ ଡଲଫିନ ମଧ ଦେଖିବାକୁ ମିଳିଥାଏ ।

### ରହିବା ଖାଇବାର ବ୍ୟବସ୍ଥା:

ଭିତରକନିକାରେ ରହିବା ଓ ଖାଇବାର ବ୍ୟବସ୍ଥା ମଧ ରହିଛି । ଯାତ୍ରୀମାନେ ଯାତ୍ରୀ ନିବାସରେର ରହିବା ସାଙ୍ଗକୁ ଭିତରକନିକାରେ ରାତ୍ରୀର ସୌନ୍ଦର୍ଯ୍ୟକୁ ଉପରୋଗ କରିପାରିବେ । ଦଳ ଦଳ ହୋଇ ହରିଣ, ବାର୍ହା ଯାତ୍ରୀ ନିକଟକୁ ଆସିବା ସହ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି । ଅନେକ ଛୋଟ ବଡ଼ ହୋଟେଲ, ଲଜ୍ ମଧ ରହିଛି ଭିତରକନିକା ନିକଟରେ ।



### ଆଖପାଖ ଦର୍ଶନୀୟ ସ୍ଥାନ:

ଭିତରକନିକା ଆଖପାଖ ଅଞ୍ଚଳରେ ଧାମରା ବନ୍ଦର, ତାଳଚୁଆ ମାଛ ଜେଟି, ହୁଇଲର ଦ୍ୱୀପ ଓ କାଳୀଭଞ୍ଜଡ଼ିଆ ଅବସ୍ଥିତ । ସ୍ଥଳ ପଥରେ ଯାତ୍ରା ବେଳେ ଭିତରକନିକା ପୂର୍ବରୁ ପଡୁଥିବା ରିଘାଗଡ଼ ଜଗନ୍ନାଥ ମନ୍ଦିରରେ ସର୍ବପୁରାତନ ଜଗନ୍ନାଥଙ୍କୁ ଆପଣ ଦର୍ଶନ କରି ପାରିବେ ।

### ଗମନା ଗମନର ସୁବିଧା:

ଭିତରକନିକାକୁ ଉଭୟସ୍ଥଳ ପଥ ଓ ଜଳ ପଥ ଦେଇ ଯିବାର ସୁବିଧା ରହିଛି । କିନ୍ତୁ ସ୍ଥଳପଥ ଅପେକ୍ଷା ଜଳପଥରେ ଯାତ୍ରା କଲେ ଅଧିକ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରି ହୋଇଥାଏ । ରାଜ୍ୟ ରାଜଧାନୀ ଭୁବନେଶ୍ୱରର ଦୂରତା ପ୍ରାୟ ୧୫୨ କିଲୋମିଟର ହେବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପିଲାଙ୍କ ପାଇଁ ଯୋଗ...

କେବଳ ଭାରତୀୟ ଆଧ୍ୟାତ୍ମିକ ବିଜ୍ଞାନ ନୁହେଁ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରକୁ ଦେଖାଗଲେ ଜଣାଯାଏ ଯେ ଏହି ଯୋଗ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଭୂମିକା ଗ୍ରହଣ କରିଥାଏ। ତେବେ ଯୋଗାସନ କ୍ଷେତ୍ରରେ ପିଲାମାନଙ୍କର କ୍ଷେତ୍ରକୁ ଦେଖିଲେ କେତେକ କ୍ଷେତ୍ରରେ ଭିନ୍ନ ମତ ଦେଖିବାକୁ ମିଳେ। ଏହା ସୁନିଶ୍ଚିତ କଥା ଆଠ ବର୍ଷରୁ ଉର୍ଦ୍ଧ୍ୱ ପିଲା ତା'ର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଯୋଗ ଶିଖାଇଲେ କିଛି ଖରାପ ନୁହେଁ। କିନ୍ତୁ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପ୍ରସଙ୍ଗଟି ହେଉଛି ପିଲାଟିର ସ୍ୱାସ୍ଥ୍ୟ, ଶାରୀରିକ ଅସୁବିଧା ବା ଚିକିତ୍ସା, କୌଣସି ବଂଶାନୁକ୍ରମିକ ରୋଗ ବା ପରିପାର୍ଶ୍ୱିକ ଅବସ୍ଥିତିକୁ ଦେଖି ନିର୍ଣ୍ଣୟ ନେବାକୁ ପଡ଼ିଥାଏ ଯେ ପିଲାଟିର ଶାରୀରିକ ପୁଷ୍ଟିସାଧନ କ୍ଷେତ୍ରରେ ଯୋଗର କ୍ଷେତ୍ର କେଉଁପରି ଓ କିଭଳି ରହିବ। ଆଜିକାଲି କିଛି ପିଲାମାନଙ୍କ ବାପମାଆ ବା ଅଭିଭାବକ ଭାବପ୍ରବଣ ହୋଇ ଖୁବ୍ କମ୍ ବୟସରୁ ପିଲାମାନଙ୍କୁ ଯୋଗ, ଆସନ, ପ୍ରାଣାୟମ ଓ ବିଭିନ୍ନ ଶାରୀରିକ ବିଜ୍ଞାନ କଳା ଶିଖାଉଛନ୍ତି। ଏହାକୁ ଏକ ପ୍ରକାର ଭାବପ୍ରବଣତାର ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ କିନ୍ତୁ ଏହି କ୍ଷେତ୍ରରେ ଚିକିତ୍ସା ବିଜ୍ଞାନ ନିଶ୍ଚିନ୍ତ ଭାବରେ ଏକ ଚିନ୍ତାଜନକ ବିତର୍କରେ ବି ପହ୍ ଯାଇଥାଏ। ଶାସ୍ତ୍ର କହିଛି - 'ଶରୀର ମାଦ୍ୟମଂ ଖଳୁଧର୍ମ ସାଧନମ୍।' ଯାହାର ଭାବାର୍ଥ ହେଉଛି ଶରୀରକୁ ଦେଖି ଧର୍ମ ସାଧନା କର। ସେହିପରି ଆଜିକାଲି କିଛି ବିଦ୍ୟାଳୟରେ ମଧ ପିଲାମାନଙ୍କୁ ଏହିପରି ଯୋଗାସନ ଶିକ୍ଷା ପାଇଁ ଉତ୍ସାହିତ କରାଯାଉଛି। ଆଗାମୀ କାଲିର ଭବିଷ୍ୟତ କୁହାଯାଉଥିବା କୋମଳମତି ପିଲାଙ୍କୁ ଶାରୀରିକ ତ୍ କ୍ଷେତ୍ରରେ ଗଢ଼ି ତୋଳିବା ଏକ ସାଧନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଛୋଟ ପିଲାଟି ପାଇଁ ଏପରି ଅତ୍ୟନ୍ତ ଉପାଦେୟ ପ୍ରସଙ୍ଗ କେତେକ କ୍ଷେତ୍ରରେ ବିପଜ୍ଜନକ ହେବାର ଦୃଷ୍ଟାନ୍ତ ବି ରହିଛି। ସବୁପିଲାମାନଙ୍କ ବାପମାଆ ଚାହାଁନ୍ତି ସେମାନଙ୍କ ପିଲା ସୁସ୍ଥ ସବଳ ଭାବେ କୌଣସି ରୋଗର ଶିକାର ନହୋଇ ବେଶ ଡଉଲ ଡାଉଲ ଶରୀରଟି ପାଉ। କେବଳ ଶାରୀରିକ ଭାବରେ ନୁହେଁ ମାନସିକ ସ୍ତରରେ ପିଲାଟିର ଉନ୍ନତି ବି ବାପମାଆମାନେ ଚାହାଁନ୍ତି। ତେବେ ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ବୟସ ଅବଧି ପରେ ଏବଂ ତାହାର ଶରୀରର ସୁସ୍ଥ ସବଳତାକୁ ଦେଖି ତାହାର ଚିକିତ୍ସା କରୁଥିବା ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଯୋଗାଭ୍ୟାସ କଲେ ଏହା ପିଲାଟି ପାଇଁ ଶାରୀରିକ କ୍ଷେତ୍ରରେ ନିଶ୍ଚିନ୍ତ ଭାବରେ ଉପାଦେୟ ହୋଇପାରିବ।

ପିଲାମାନଙ୍କୁ ଆମର ଭାରତୀୟ ପ୍ରାଚୀନତମ ବିଜ୍ଞାନ ଅନୁଯାୟୀ ସୂର୍ଯ୍ୟ ନମସ୍କାର ଶିଖାଇବା ଏକ ଖୁବ୍ ଭଲ ଅଭ୍ୟାସ। ତେବେ ପ୍ରଥମ କଥା ହେଉଛି ପିଲାଟିକୁ ନିର୍ଦ୍ଦିଷ୍ଟ ଖାଦ୍ୟ ଓ ବିଶ୍ରାମର ରୁଟିନ୍ ତିଆରି କରି ସକାଳୁ ଯୋଗ, ଆସନ ପାଇଁ ପ୍ରସ୍ତୁତି କରନ୍ତୁ। ଏହା ପୂର୍ବରୁ ପିଲାଟିର କୋଷ୍ଠକାଠିନ୍ୟ ଥିଲେ, ବଦ୍ହଜମ ରହୁଥିଲେ, ଶ୍ୱାସ ବା ଅନ୍ୟକୌଣସି ଆନୁବଂଶିକ ବା ସଂକ୍ରମିତ ରୋଗ ରହୁଥିଲେ, ପିଲାଟିକୁ ନିଦ ନ ହେଉଥିଲେ, ଦୁର୍ବଳ ସ୍ୱାସ୍ଥ୍ୟ ରହୁଥିଲେ, ଉଦାସୀନତା ଚିନ୍ତାଧାରା ଥିଲେ ଏହିପରି ଅନେକ କ୍ଷେତ୍ରର ପରିପାର୍ଶ୍ୱିକ ସ୍ଥିତିକୁ ଗୁରୁତ୍ୱର ସହିତ ଦୃଷ୍ଟି ଦିଅନ୍ତୁ। ପିଲାଟିକୁ ପ୍ରଥମେ ଆଗେ ସୁସ୍ଥସବଳ ରଖିବା ପରେ ହିଁ ଯୋଗ ଦିଗଟିକୁ ଦୃଷ୍ଟି ଦିଅନ୍ତୁ। ଯୋଗାସନ ଶିକ୍ଷା ଦେବା ପୂର୍ବରୁ ପିଲାଟିର ସକାଳୁ ନିତ୍ୟକର୍ମ ସାରିବାର ଅଭ୍ୟାସ ରଖନ୍ତୁ। ପିଲାଟିକୁ ନିଶ୍ଚିନ୍ତ ଭାବରେ ଜଣେ ବିଧିବଦ୍ଧ ଯୋଗ ପ୍ରଶିକ୍ଷକଙ୍କ ଠାରୁ ହିଁ ଏହାକୁ ଶିକ୍ଷା ଦେବାକୁ ବ୍ୟବସ୍ଥା କରନ୍ତୁ। ପିଲାମାନଙ୍କର ପ୍ରାୟ ସକାଳୁ ବିଦ୍ୟାଳୟ ଥିବାରୁ ଘରୋଇ ପରିବେଶରେ ଶିକ୍ଷା ଦେବା କିଛି ମନ୍ଦ ନୁହେଁ। ତେବେ ଯୋଗ ଦ୍ୱାରା ପିଲାଟିକୁ ଖୁବ୍ କମ ଦିନ ଭିତରେ ବେଶ୍ ମଜଭୁତିଆ ଶରୀରର କରିଦେବା ପରି ଚିନ୍ତାଧାରା ରଖନ୍ତୁ ନାହିଁ। ପିଲାଟିର ଗତ ରାତ୍ରିର ବିଶ୍ରାମ, ସକାଳର ନିଦ୍ରା ତ୍ୟାଗ, ନିତ୍ୟକର୍ମ ସହ ବିଦ୍ୟାଳୟକୁ ଯିବା ସମୟକୁ ମଧ ଦୃଷ୍ଟିରେ ରଖନ୍ତୁ। କେତେକ ବାପାମାଆ ଜିମ୍‌ରେ ପିଲାଙ୍କୁ ଶରୀର ବିଜ୍ଞାନ ବା ଯୋଗ ଶିଖାଇବାକୁ ଇଚ୍ଛୁକ ଥାନ୍ତି। ଏହାକିନ୍ତୁ କିଛି ମନ୍ଦ ନୁହେଁ, କିନ୍ତୁ କଥାଟି ହେଉଛି 'ଦିଅଁ ଗଢୁ ଗଢୁ, ମାଙ୍କଡ଼ ନହେଉ'। ପିଲାଟିକୁ ଶିକ୍ଷା ଦିଅନ୍ତୁ କିନ୍ତୁ ଶିକ୍ଷା ନାଁରେ ତା କ୍ରମବିକାଶର ବାଧକ ଯେ ଆପଣଙ୍କ ଶିକ୍ଷା ନ ହେଉଛି ତାହାକୁ ଚିନ୍ତାରେ ରଖିଥାନ୍ତୁ। କିଛି ଅଭିଭାବକ ଯୋଗାସନ କରୁଥିବା ପିଲାମାନଙ୍କ ପାଇଁ ବଜାରରେ ମିଳୁଥିବା ତଥାକଥିତ ପ୍ରୋଟିନ୍ ଖାଦ୍ୟକୁ ବେଶ୍ ଗୁରୁତ୍ୱ ଦିଅନ୍ତି। ସେମାନେ ଭାବନ୍ତି ପିଲାଟି ଯୋଗ, ବ୍ୟାୟାମ କରୁଛି ମାନେ ତା'ଶରୀରକୁ ଭଲ ରକମର ପୁଷ୍ଟିକର ଖାଦ୍ୟ ଦରକାର। ଏହା କିନ୍ତୁ ନିଶ୍ଚିନ୍ତ କଥା। ପିଲାଟିକୁ ଘରୋଇ ବ୍ୟବସ୍ଥାର ପୃଷ୍ଟିକର ଖାଦ୍ୟ ଦିଅନ୍ତୁ। ମୁଗଗଜା ହେଉ ବା ବାଦାମ, ପ ବର୍ଣ୍ଣ ଛତୁଆ ହେଉ ବା ଫଳ, କ୍ଷୀର ହେଉ ବା ଅଣ୍ଡା ବା ଛୋଟମାଛ ଏହା ପିଲାମାନଙ୍କ ପାଇଁ ଅତ୍ୟନ୍ତ ପୁଷ୍ଟିକର। ଯୋଗାସନ ପରେ କିଛି ସମୟ ପିଲାମାନଙ୍କ ପାଇଁ ବିଶ୍ରାମର ଆବଶ୍ୟକତା ବି ରହିଛି। ପିଲାଟି ଯୋଗ ଅଭ୍ୟାସ ବେଳେ ଢ଼ିଲା ଓ ସୂତାବସ୍ତ୍ର ପିନ୍ଧାନ୍ତୁ। ଖୋଲା ଏବଂ ମୁକ୍ତ ପବନ ଯାଉଥିବା ସ୍ଥାନରେ ଏ ଅଭ୍ୟାସ ଶରୀର ପାଇଁ ଉପାଦେୟ। କେତେକ ବିଦ୍ୟାଳୟରେ ନିୟମିତ ଶାରୀରିକ ବିଜ୍ଞାନ ଶ୍ରେଣୀ ବି ରହିଛି ଏହା ପିଲାମାନଙ୍କ ପାଇଁ ବି ଯୋଗାଭ୍ୟାସ କ୍ଷେତ୍ର ପାଇଁ ଉପାଦେୟ। ତେବେ ପିଲାକୁ ଯୋଗାସନ କରିବା ପୂର୍ବରୁ ତାର ସ୍ୱାସ୍ଥ୍ୟର ସମସ୍ତ କ୍ଷେତ୍ରକୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ହିଁ ଅଭ୍ୟାସ କରନ୍ତୁ। ନଚେତ୍ ଏହା ପିଲାମାନଙ୍କ ପାଇଁ ଘାତକ ବି ସାବ୍ୟସ୍ତ ହୋଇପାରେ। ଭାରତର ପ୍ରାଚୀନତମ ଯୋଗବିଜ୍ଞାନ ଆଜିକା ସମୟରେ ପିଲାମାନଙ୍କ ପାଇଁ ବି ନିଶ୍ଚିନ୍ତ ଭାବରେ ଉପାଦେୟ।




## ଭିଜା ମୁହୂର୍ତ୍ତ....

ସିଦ୍ଧେଶ୍ୱର ତ୍ରିପାଠୀ

ସଜ ସଜ ତୁମ ସିଂଥିର ସିନ୍ଦୂର
ଲୁହ ଗୁଡା ମୋର ବାସି
ଭିଜା ଭିଜା ତୁମ ଗହନ ରାତିଟା
ମୋ ପାଇଁକି ପରଦେଶୀ ।

ତୁମରି ଦେହର ଦହନ ପରଶେ
କିଏ ଜଣେ ଓଦା ହୁଏ
ଶୁଖିଲା ଏ ଓଠ ତୁମ ବିନା ଏଠି
ବିରହ ରାଗିଣୀ ଗାଏ ।

ହାତ ପାହାନ୍ତାରେ ସୁନେଲି ସପନ
ଧରୁ ଧରୁ ଗଲା ଖସି
ସଜ ସଜ ତୁମ ସିଂଥିର ସିନ୍ଦୁର
ଲୁହ ଗୁଡା ମୋର ବାସି ।

ତୁମେ ଗଲାପରେ ମିଛ ସପନରେ
କେବେଠୁ ଲାଗିଛି ନିଆଁ
ତଥାପି ଏଯାଏଁ ତୁମ ସ୍ମୃତି ସବୁ
ଲାଗେ ଭାରି ମନ ଛୁଆଁ ।

ମୋଠାରୁ ଦୂରେଇ ସାରା ଜୀବନକୁ
ତୁମେ ଆଜି ଭାରି ଖୁସି
ସଜ ସଜ ତୁ ସିଂଥିର ସିନ୍ଦୁର
ଲୁହ ଗୁଡା ମୋର ବାସି ।


+ କୁଣ୍ଡିଲୋ କେରଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦


# ମନେରଗା ଶ୍ରମ ଦିବସ ବଢାଅ

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



ପ୍ରାଣଘାତୀ କରୋନା ଭୂତାଣୁର ମୁକାବିଲା ପାଇଁ ଦେଶରେ ୬୮ ଦିନିଆ ଲକଡାଉନ ପରେ ଘରମୁହାଁ ହୋଇଥିବା ପ୍ରବାସୀ ଶ୍ରମିକଙ୍କ ଦୁଃଖ ଦୁର୍ଦ୍ଦଶା କାହାରିକୁ ଅଛପା ନାହିଁ। ଭାରତ ପରି ଜନମଙ୍ଗଳ ରାଷ୍ଟ୍ରରେ ପ୍ରବାସୀ ଶ୍ରମିକଙ୍କ ଯନ୍ତ୍ରଣା ବୋଧହୁଏ ଭାରତୀୟ ଗଣତାନ୍ତ୍ରୀକ ଇତିହାସରେ ଏକ ବିରଳ ଏବଂ ପ୍ରଥମ ଘଟଣା ବୋଲି କୁହାଯାଇପାରେ। ସରକାରୀ ରିପୋର୍ଟ ଅନୁଯାୟୀ ଦେଶର ବିଭିନ୍ନ ଅଂଚଳରେ କାର୍ଯ୍ୟ କରୁଥିବା ପ୍ରାୟ ୧୦କୋଟିରୁ ଅଧିକ ପ୍ରବାସୀ ଶ୍ରମିକ ଘରକୁ ଫେରିଛନ୍ତି। ସେମାନଙ୍କ ପାଇଁ କେନ୍ଦ୍ର ସରକାର ଏବେ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା କି ସ୍ୱାଗତଯୋଗ୍ୟ। ଦୁଇମାସ ପାଇଁ ମାଗଣା ରେସନ, ଜାତୀୟ ଖାଦ୍ୟ ସୁରକ୍ଷା ସାମିଲ, ଗୋଟିଏ ରାଷ୍ଟ୍ର-ଗୋଟିଏ ରାସନ, ସହରାଂଚଳରେ ପ୍ରବାସୀ ଶ୍ରମିକଙ୍କୁ ସ୍ୱଳ୍ପ ମୂଲ୍ୟରେ ଘରଭଡା, ମନେରଗା ଯୋଜନାରେ କାମ ଯୋଗାଣ, ଶ୍ରମିକଙ୍କ ଦକ୍ଷତା ମାପି ଦକ୍ଷତା ଅନୁସାରେ କର୍ମ ନିଯୁକ୍ତି ଆଦି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରିଛନ୍ତି। ଫେରନ୍ତା ପ୍ରବାସୀ ଶ୍ରମିକଙ୍କୁ ତୁରନ୍ତ କର୍ମ ନିଯୁକ୍ତି ବା କାମ ଯୋଗାଇ ଦେବାର ଏକମାତ୍ର ମାଧମ ହେଉଛି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ନିଶ୍ଚିତ ଯୋଜନା(ମନେରଗା)। ମନେରଗା ପାଇଁ କେନ୍ଦ୍ର ସରକାର ମଧ ୨୦୨୦-୨୧ ଆର୍ଥିକ ବର୍ଷରେ ଅତିରିକ୍ତ ୪୦ ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପୂର୍ବରୁ ଚଳିତ ବର୍ଷର ବଜେଟରେ ୬୧,୫୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ଏବେ ଏହି ଯୋଜନା ଅଟକଳ ୧,୦୧,୫୦୦ କୋଟିରେ ପହଁଚିଛି। ଲକଡାଉନ ପରେ ୧୦କୋଟିରୁ ଅଧିକ ପ୍ରବାସୀ ଶ୍ରମିକ ଫେରିଥିବା ବେଳେ ଆହୁରି କୋଟି କୋଟି ଶ୍ରମିକ ରହିଛନ୍ତି, ଯେଉଁମାନଙ୍କ ନିକଟରେ ଜବ କାର୍ଡ ରହିଛି ଏବଂ ଯେଉଁମାନେ ମନେରଗା ଯୋଜନାରେ କାମ ପାଇବାକୁ ଆଇନତଃ ହକଦାର୍। ଉଲ୍ଲେଖଯୋଗ୍ୟ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଦେଶରେ ଗରିବ ଲୋକଙ୍କୁ ବର୍ଷରେ ଅତି କମରେ ୧୦୦ ଦିନର କାମ ଯୋଗାଇ ଦେବା ଲକ୍ଷ୍ୟରେ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ନିଶ୍ଚିତ ଯୋଜନା(ମନେରଗା) ପ୍ରଣୟନ କରିଥିଲେ। ପରେ ଡଃ ମନମୋହନ ସିଂହଙ୍କ ସରକାର ଅମଳରେ ନରେଗା ପୂର୍ବରୁ ଜାତୀର ପିତା ମହାତ୍ମାଗାନ୍ଧୀଙ୍କ ନାମ ଯୋଡାଯାଇ ଏବେ ଏହା 'ମନେରଗା' ନାମରେ ନାମିତ। ମଜୁରୀ ବାବଦ ପ୍ରାପ୍ୟ ସରକାର ଯବକାର୍ଡ ଧାରୀ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦେଇଛନ୍ତି। କେବଳ ଏତିକି ନୁହେଁ ୧୦୦ ଦିନର କାମ ଯୋଗାଇ ନଦେଲେ ଶ୍ରମିକଙ୍କୁ ଭତା ଦେବା ପାଇଁ ଯୋଜନାରେ ବ୍ୟବସ୍ଥା ରହିଛି। ଏହା ସତ୍ୱେ ମନେରଗା ପ୍ରତି ଶ୍ରମିକ ବିମୁଖ ଥିବା ମନେହୁଏ। ଯେଉଁଥିପାଇଁ କି ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢିବାରେ ଲାଗିଛି। କାରଣଟି ହେଉଛି ସ୍ୱଳ୍ପ ମଜୁରୀ। ସାଂପ୍ରତିକ ମହଙ୍ଗା ଯୁଗରେ ଯେଉଁଠି ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ଆକାଶଛୁଆଁ, ମନେରଗାର ସ୍ୱଳ୍ପ ମଜୁରୀରେ ପରିବାର ପ୍ରତିପୋଷଣ ଅତ୍ୟନ୍ତ ଜଟିଳ ବ୍ୟାପାର। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମନେରଗା ମଜୁରୀ ଦୈନିକ ୧୮୦ ଟଙ୍କା ଥିବାବେଳେ ନିକଟରେ କେନ୍ଦ୍ର ସରକାର ଏହାକୁ ୨୦୨ ଟଙ୍କାକୁ ବୃଦ୍ଧି କରିଛନ୍ତି। ତେବେ ଓଡିଶାର ୪ଟି ଜିଲ୍ଲା ସମେତ ଦେଶର ୧୧୬ଟି ଜିଲ୍ଲାରେ ଶ୍ରମିକଙ୍କୁ ଅତିରିକ୍ତ ୯୧ଟଙ୍କା ବୃଦ୍ଧି କରାଯାଇ ୨୯୮ ଟଙ୍କା ଦିଆଯାଇଛି। ଯୋଜନାରେ ମାତ୍ର ୧୦୦ ଦିନ କାମ ସାଙ୍ଗକୁ ସ୍ୱଳ୍ପ ମଜୁରୀ ଶ୍ରମିକଙ୍କୁ ଦାଦନ ମୁହାଁ କରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ମନେରଗାରେ ଜଣେ ଶ୍ରମିକ ୧୦୦ ଦିନର କାମ ପାଇବା ନିଶ୍ଚିତ ଥିବାବେଳେ ଅବଶିଷ୍ଟ ୨୬୦ ଦିନର କାମ ପାଇଁ ଦାଦନ ଯିବାକୁ ବାଧ ହେଉଥିବା କୁହାଯାଇପାରେ। ଏବେ ସରକାରୀ ସୂତ୍ରରୁ ଯେଉଁ ତଥ୍ୟ ମିଳିଛି, ତାହା ଯେତିକ ଉତ୍ସାହ ଜନକ, ସେତିକ ଚିନ୍ତାଜନକ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। କୁହାଯାଇଛି ଯେ, ଦେଶରେ ୮.୪ ଲକ୍ଷ ଶ୍ରମିକ ମନେରଗା ଯୋଜନାରେ ୨ମାସ ଅର୍ଥାତ ୬୦ ଦିନର କାମ ପାଇସାରି ଥିବାବେଳେ ୧.୪ ଲକ୍ଷ ଶ୍ରମିକ ୧୦୦ ଦିନିଆ କଂଟ ପୁରଣ କରିସାରିଛନ୍ତି। ତେବେ ଏହି ଶ୍ରମିକମାନେ କରିବେ କ'ଣ। ଏହାହିଁ ବଡ ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ଶ୍ରମିକ ଦାଦନ ଖଟିବାକୁ ଯିବ କିମ୍ବା ବେକାର ହୋଇ ବସି ରହିବ। ଲକଡାଉନ ଯୋଗୁ କାମଧନ୍ଦା ନପାଇ ଶ୍ରମିକଙ୍କ ଦୁର୍ଦ୍ଦଶା କାହାରିକୁ ଅଛପା ନାହିଁ। ପୁଣି ଲକଡାଉନ ଯୋଗୁଁ ଦେଶରେ ୧୦୦କୋଟିରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ କର୍ମସଂସ୍ଥାନ ହରାଇ ବେକାର ବା ବେରୋଜଗାର ହୋଇଯାଇଛନ୍ତି। ଏପରି ସ୍ଥଳେ ମନେରଗା ସେମାନଙ୍କ ସାହାରା ପାଲଟି ଥିବାବେଳେ ମାତ୍ର ୧୦୦ ଦିନର କଂଟ ପୁରିଯିବା ପରେ ବେକାର ସମସ୍ୟା ଉତ୍କଟ ହେବା ଆଶଙ୍କାକୁ ଅସ୍ୱୀକାର କରାଯାଇ ନପାରେ। ମନେରଗା କାର୍ଯ୍ୟ ଦିବସ କେନ୍ଦ୍ର ସରକାର ଅତି କମରେ ୨୦୦ ଦିନକୁ ବୃଦ୍ଧି କକରିବା ଜରୁରୀ।


+ ସାମ୍ବାଦିକ
୧୮୧୦, ଅନନ୍ତ ନଗର,
ମହତାବ ରୋଡ୍, ଓଲଡ୍ ଟାଉନ୍,
ଭୁବନେଶ୍ୱର-୭୫୧୦୦୨
୯୪୩୭୯୯୪୩୭୯


# ସରକାରୀ ଚାକିରୀ !

ପଙ୍କଜ କୁମାର ପାଣିଗ୍ରାହୀ

ସରକାରୀ ଚାକିରୀ ଅର୍ଥାତ ନିଜେ ନିଜର ମାଲିକ । ଏହିଭଳି ବିଚାର ସମସ୍ତଙ୍କର । ଯେଉଁ ସ୍ଥାନରେ ଯିଏ ଅବସ୍ଥାପିତ ସେ ସେହି ସ୍ଥାନର ମାଲିକ । ସେ ଯାହା ଚାହିଁବେ ତାହାହିଁ ଶେଷ ନିଷ୍ପତ୍ତି । କୌଣସି ଆରୋପ ପ୍ରତ୍ୟାରୋପ କାଟୁ କରେନି ତାଙ୍କ ବିପକ୍ଷରେ । କେବଳ ଉପରିସ୍ଥ ଅଧିକାରୀଙ୍କୁ ସନ୍ତୁଷ୍ଟ କରାଯିବା ଆବଶ୍ୟକ । ଏମିତିକି ଉପରିସ୍ଥ ଅଧିକାରୀ ମଧ କେତେକ ସମୟରେ ତାଙ୍କର କିଛି ବିଗାଡି ପାରନ୍ତି ନାହିଁ ଯିଏ ବ୍ୟବସ୍ଥା ସହିତ ଯୋଡିହୋଇ ରହିଥା'ନ୍ତି !

ନିର୍ବିଘ୍ନ, ନିଶ୍ଚିନ୍ତ, ନିରୋଳା କର୍ମ କ୍ଷେତ୍ର ଯାହା ବଢ଼ି, ମରୁଡ଼ିରେ ଧୋଇ ଯାଏନି !

ଭୂମିକମ୍ପ, ମହାବାତ୍ୟା ହେଲେ ଗୁଣାତ୍ମକ ଉପହାରରେ ଭୂଷିତ କରିଥାଏ !

ଆମଦେଶର ଏକମାତ୍ର ବିସ୍ତୃତ କ୍ଷେତ୍ର ସରକାରୀ ଚାକିରୀ !!

ସମସ୍ତେ ବ୍ୟସ୍ତ ତାହାରି ପାଇଁ କୌଣସି ମତେ ହାତେଇ ନେଇ

ଜୀବନ ସାର୍ଥକ କରିବା ପାଇଁ !!

ବାପା ମା'ଙ୍କ ଆଗ୍ରହ ଠାରୁ ଆରମ୍ଭ କରି ଭବିଷ୍ୟତରେ ହେବାକୁ ଥିବା ଶାଶୁ ଶଶୁରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଆକାଂକ୍ଷାକୁ ସାକାର କରିବା ଲକ୍ଷ ନେଇ ପାଠ ପଢା ସାରିବା ପରେ ଗନ୍ତବ୍ୟ ସ୍ଥଳ ବାଛିନେଇଥା'ନ୍ତି ଯୁବ ପିଢ଼ି, ଯାହା ଏକ ଦୁର୍ଲଭ, କେବଳ ଭାଗ୍ୟବାନଙ୍କୁ ମିଳିଥାଏ ତାହା ହେଉଛି ଆମ ଦେଶର ସରକାରୀ ଚାକିରୀ ! ନପାଇଲେ ଅନିଚ୍ଛା ସତ୍ୱେ ଅନ୍ୟତ୍ର କର୍ମ କରିବା ସଂଗେ ସଂଗେ ବୟସ ଶେଷ ପର୍ଯ୍ୟନ୍ତ ଚେଷ୍ଟା ଜାରିରହିଥାଏ । ପାଇଗଲା ପରେ ଆଶୀର୍ବାଦ ପ୍ରାପ୍ତିରେ ବିଭୋର ଯୁବକ ନିଜ ଜୀବନସାଥୀ ଖୋଜିବାରେ ଅବିଳମ୍ବେ ମିଳିଯା'ନ୍ତି ଆବଶ୍ୟକ ମୁତାବକ କନ୍ୟା । ସେହି ଘର ସ୍ୱର୍ଗପୁର ବନିଯାଏ ଯିଏ ଜୀବନରେ ସେତିକି ହାସଲ କରିପାରିଲା । ଅନ୍ୟଥା ଅନ୍ୟାନ୍ୟ ଜାଳଗ୍ରସ୍ଥ ଅଭିଶପ୍ତ ପରିବାରଙ୍କ ଭଳି ବଂଚିବା ପସନ୍ଦ କରିନଥା'ନ୍ତି ଆଜିର ଯୁବ ପିଢ଼ି ! ତେଣୁ ସରକାରୀ ଚାକିରୀ ପାଇଁ ସମସ୍ତଙ୍କ ଏତେ ଆଗ୍ରହ ରହିଥିବା ପଛର ରହସ୍ୟ କ'ଣ ବିଚାରକରି ଦେଖିବା ! ନିଜ ଆଖିଦେଖା ଅଭିଜ୍ଞତାରୁ କିଛି ପଦ .............

ସରକାରୀ ଚାକିରୀଟିଏ ମିଳିଗଲେ ଜୀବନ ସାର୍ଥକ ହୋଇଯାଏ ! କାରଣ କୌଣସି ପରିସ୍ଥିତିରେ ବଢି ହେଉକି ମରୁଡି, ମାସିକ ଦରମା ବନ୍ଦ ନାହିଁ ! ଅଧିକନ୍ତୁ ବିପର୍ଯ୍ୟୟ ଆସିଲେ ବିଭିନ୍ନ ସରକାରୀ ଅନୁଦାନ ଆସିଥାଏ ଯେଉଁଥିରୁ ବାଟମାରଣା କରିବାରେ ଗୁଣାତ୍ମକ ମାନର ପର୍ଯ୍ୟାପ୍ତ ଲାଭ ମିଳିଥାଏ ସେହି ସମୟରେ ! କାହାର ସର୍ବନାଶ ହେବାବେଳକୁ ତାଙ୍କର ପୁଷମାସ ଚାଲିଥାଏ ଯାହା ମନଭରି ଆନନ୍ଦ ଦେଇଥାଏ ! ଏମିତି ଏକ ନିର୍ବିଘ୍ନ, ନିରୋଳା କ୍ଷେତ୍ର ସରକାରୀ ଚାକିରୀ, ତାକୁ ହାତେଇ ଆନନ୍ଦମୟ ଜୀବନ ଯାପନ କରିବାରେ କାହାର ଆଗ୍ରହ ରହିବନାହିଁ ଭଲା ?!

ଆଜିର ଦୁନିଆର ହାବଭାବ ଦେଖି ସ୍ରୋତର ଅନୁକୂଳରେ ଚାଲିଲେ ସର୍ବମଙ୍ଗଳ ବୋଲି ବିଚାର ସମସ୍ତଙ୍କର । ସେଇଥିରେ ଘର ପରିବାର, ବନ୍ଧୁ ବାନ୍ଧବ ସମେତ ଉପରିସ୍ଥ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଖୁସି । ତେଣୁ ପ୍ରାୟତଃ ସବୁ ସରକାରୀ କର୍ମଚାରୀ ଗୋଟିଏ ସୂତାରେ ବନ୍ଧା ହୋଇଥିବା ଅସ୍ୱୀକାର କରିହେବନାହିଁ । କିଏ ଯଦି ସେହି ସୁତାରୁ ଖସିଗଲା ତା ଅବସ୍ଥା କହିଲେ ନସରେ । ଉପରିସ୍ଥ ଅଧିକାରୀ, ବାବୁମାନେ ତଳସ୍ଥ କର୍ମଚାରୀଙ୍କୁ ଗାଳି କରିବେ କାର୍ଯ୍ୟହାସଲ ନହେଲେ ! ହେଲେ ସେହି ଗାଳି ଦୁଇଥର ହୋଇଥାଏ ! ଥରେ କାର୍ଯ୍ୟାଳୟର ସବୁ କାମ ଠିକଠାକ ନହେଲେ ! ଆଉଥରେ ଉପଯୁକ୍ତ ପାଉଣାଟି ଠିକଣା ସମୟରେ ନମିଳିଲେ ! ପ୍ରାୟତଃ ଅନେକ ଦାଇତ୍ୱସମ୍ପନ୍ନ କର୍ମଚାରୀ ତଳୁ ଉପର ପର୍ଯ୍ୟନ୍ତ ଏମିତି ଏକ ବନ୍ଧନରେ ବନ୍ଧା ଯାହା ଜନସାଧାରଣଙ୍କ ଠାରୁ ଆଦାୟ କରାଯାଇଥିବା ଉତ୍କୋଚ ଏବଂ ସରକାରୀ ଅନୁଦାନକୁ ବାଟମାରଣା କରି ଆଦାୟ କରାଯାଇଥିବା ଅର୍ଥକୁ ତଳୁ ଉପର ପର୍ଯ୍ୟନ୍ତ ବ ।ଯାଇଥାଏ । ସେସବୁ ଠିକ ଭାବେ କରିପାରୁଥିବା କର୍ମଚାରୀ ସମସ୍ତଙ୍କ ପାଖରେ ଅତ୍ୟୁ ମ ! ନହେଲେ କଠୋର ଦଣ୍ଡ ! ଆଉ ସେହି ଦଣ୍ଡକୁ ତଳୁ ଉପର ପର୍ଯ୍ୟନ୍ତ ସମସ୍ତଙ୍କ ସମର୍ଥନ ! ସାଧାରଣ ଲୋକେ ଉତ୍କୋଚ ନଦେଇ କାର୍ଯ୍ୟ ହାସଲ କରିବା କଷ୍ଟ ! ଅଧିକନ୍ତୁ ସେମାନେ କାହାକୁ ଗୁହାରି କଲେ ଉଚ୍ଚସ୍ଥ ଅଧିକାରୀଙ୍କ ଠାରୁ ଆଶ୍ୱାସନା ପାଉଥିବା ବେଳେ ତଳ କର୍ମଚାରୀ ଅନୁରୂପ ଅଟଳ ରହିଥା'ନ୍ତି ତାଙ୍କ ବ୍ୟକ୍ତିଗତ ଉଦେଶ୍ୟ ପୂରଣ ନହେବା ଯାଏଁ ! ଆଉ କେହି କିଛି କରିପାରିବେନି ତାଙ୍କର ଯେତେବେଳ ଯାଏଁ ତାଙ୍କର ଇଚ୍ଛା ନହୋଇଛି ! ଅନୁରୂପ କୌଣସି ସଚ୍ଚୋଟ କର୍ମଚାରୀ ସଠିକ ଭାବେ କାର୍ଯ୍ୟ କରି କୌଣସି ଦୁର୍ନୀତିରେ ଭାଗିଦାରୀତା ନକରି ଉପରିସ୍ଥ ଅଧିକାରୀଙ୍କୁ ଦୈନନ୍ଦିନ ପାଉଣାଟି ବଢାଇନଦେଲେ ପର୍ଯ୍ୟାପ୍ତ ଭିତ୍ତିହୀନ ଆରୋପ ଲଗାଯାଇ କଳାକୁ ଧଳା, ଧଳାକୁ କଳା କରି ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ମିଶି ସମ୍ପୃକ୍ତ କର୍ମଚାରୀଙ୍କୁ ଏମିତି ଦଣ୍ଡ ବ୍ୟବସ୍ଥା କରନ୍ତି ଯାହା ଅପୂରଣୀୟ ହୋଇଥାଏ ! ଆଉ ତାକୁ ପୂରଣ କରିବାରେ ଆମ ଦେଶର ଆଇନ ବ୍ୟବସ୍ଥା ମଧ ଜଡ଼ ସଦୃଶ୍ୟ ! ତେଣୁ ସବୁ ସରକାରୀ କର୍ମଚାରୀ ଗୋଟିଏ ନାଆର ନାଉରୀ ଭଳି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି ! ଆଉ ଯିଏ ସେହି ନାଆରେ ନାଉରୀ ହୋଇପାରନ୍ତି ନାହିଁ, ନଈର ମଝି ଦରିଆରେ ବୁଡି ମରିଯାଆନ୍ତି ଯାହାଙ୍କ ପ । ସ । ମିଳିବା କଷ୍ଟକର ହୋଇପଡିବ ! ଏମିତି ପର୍ଯ୍ୟାପ୍ତ କେଳେଙ୍କାରୀରେ ଲିପ୍ତ କର୍ମଚାରୀଙ୍କ ଏତେ ଲମ୍ବା ହାତଯେ କେହି କିଛି କରିପାରନ୍ତି ନାହିଁ ତାଙ୍କର ଯେତେ ଯାହା କଲେ ମଧ ! ଏମିତିକି ସୁରକ୍ଷା ତଥା ଅନୁସନ୍ଧାନକାରୀ ସଂସ୍ଥା ମଧ ସେମାନଙ୍କ ପାଖରେ ହାର ମାନିଥାଏ !

ସରକାରୀ ଚାକିରୀ ଅର୍ଥାତ ନିଜେ ନିଜର ମାଲିକ । ଏହିଭଳି ବିଚାର ସମସ୍ତଙ୍କର । ଯେଉଁ ସ୍ଥାନରେ ଯିଏ ଅବସ୍ଥାପିତ ସେ ସେହି ସ୍ଥାନର ମାଲିକ । ସେ ଯାହା ଚାହିଁବେ ତାହାହିଁ ଶେଷ ନିଷ୍ପ ି । କୌଣସି ଆରୋପ ପ୍ରତ୍ୟାରୋପ କାଟୁ କରେନି ତାଙ୍କ ବିପକ୍ଷରେ । କେବଳ ଉପରିସ୍ଥ ଅଧିକାରୀଙ୍କୁ ସନ୍ତୁଷ୍ଟ କରାଯିବା ଆବଶ୍ୟକ । ଏମିତିକି ଉପରିସ୍ଥ ଅଧିକାରୀ ମଧ କେତେକ ସମୟରେ ତାଙ୍କର କିଛି ବିଗାଡି ପାରନ୍ତି ନାହିଁ ଯିଏ ବ୍ୟବସ୍ଥା ସହିତ ଯୋଡିହୋଇ ରହିଥା'ନ୍ତି ! ଅର୍ଥାତ ସରକାରୀ ଚାକିରୀ ନକରି ଯଦି କୌଣସି ବେସରକାରୀ ଚାକିରୀ କରାଯିବ, କୌଣସି ମାଲିକର ଦାଉ ସମ୍ଭାଳି କାର୍ଯ୍ୟ କରିବା କଷ୍ଟକର ହୋଇପଡିବ ଯାହା କେବଳ ଅଭାଗା ମାନଙ୍କ କପାଳରେ ଲେଖା ! ଆଉ ପୂର୍ବ ଜନ୍ମର ସ୍ୱୀକୃତି ଥିଲେ ସରକାରୀ ଚାକିରିଟିଏ ମିଳିଥାଏ ଆମ ଦେଶରେ ଯାହାଙ୍କୁ ସର୍ବ ଭାଗ୍ୟବାନ ବୋଲି ବିବେଚନା କରାଯାଇଥାଏ ! ହେଲେ ବାସ୍ତବିକ କ'ଣ ସରକାରୀ କର୍ମଚାରୀ ମାନେ ନିଜେ ନିଜେ ଗୋଟିଏ ଗୋଟିଏ ମାଲିକ ତାଙ୍କ ଅବସ୍ଥାପିତ କ୍ଷେତ୍ରର ? ନା ସେମାନେ ସାଧାରଣ ଜନତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ହେତୁ ବେସରକାରୀ ସଂସ୍ଥା ଅପେକ୍ଷା ବୃହ ର ଚାକର ବୋଲି ଆମ ମନରେ ଆସୁଥିବା ପ୍ରଶ୍ନକୁ ବ ର୍ମାନ ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ ତାହାର ଜବାବ ରଖି କହିଛନ୍ତି............

ସବୁ ସରକାରୀ କାର୍ଯ୍ୟାଳୟରେ ଲେଖାଯିବ ଆମେ ସବୁ ସରକାରୀ କର୍ମଚାରୀ, ଜନସାଧାରଣଙ୍କ ଅର୍ଥରୁ ଦରମା ନେଇ କାର୍ଯ୍ୟ କରୁଅଛୁ । ତେଣୁ ଆମେ ସାଧାରଣ ଲୋକଙ୍କ ସେବକ । ସେମାନଙ୍କୁ ସମ୍ମାନଦେଇ ତାଙ୍କର ସେବା କରିବା ଆମର କ ର୍ବ୍ୟ ଯାହା ଆମେ କରିବୁ !! ହେଲେ ବାସ୍ତବିକ ସେମିତି କ'ଣ ହେଉଛି ଆମ ରାଜ୍ୟରେ ? ନା କେବେ ହେବ ? ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମନକୁ ଆସେ ଯେ ସରକାର ଖାଲି ସେତିକି କରିଦେଲେ କୌଣସି ଫଳପ୍ରଦ ପରିବ ର୍ନ ହେବନାହିଁ, ଯେତେବେଳ ପର୍ଯ୍ୟନ୍ତ ସର୍ବସାଧାରଣ ସ୍ଥଳରେ କେବଳ ଶିକ୍ଷାଗତ ଯୋଗ୍ୟତାକୁ ନେଇ ନିଯୁକ୍ତି ଦିଆଯିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିର ମାନବିକ ଚରିତ୍ର, ବିଚାରଧାରା, କାର୍ଯ୍ୟ କରିବାର ଦକ୍ଷତା ଏବଂ ସହନଶୀଳତା ଉପରେ ଗୁରୁତ୍ୱାରୋପ କରାନଗଲେ ସାମାଜିକ ବ୍ୟବସ୍ଥା କେବେହେଲେ ପରିବ ର୍ନ ହେବନାହିଁ ! ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରିଙ୍କୁ ଆମ ତରଫରୁ ଅନୁରୋଧ କରାଯିବା ସହିତ ସର୍ବସାଧାରଣ ନିଜ ନିଜ ପ୍ରସ୍ତାବ ଦେଇ କେବଳ ଶିକ୍ଷାଗତ ଯୋଗ୍ୟତାକୁ ମାନ୍ୟତା ଦିଆନଯାଇ ବ୍ୟକ୍ତିଗତ ଚରିତ୍ରକୁ ଗୁରୁତ୍ୱ ଦେଇ କର୍ମଚାରୀ ନିଯୁକ୍ତି କରାଯିବା ସହିତ ବ ର୍ମାନ ଉପସ୍ଥିତ ସମସ୍ତ କର୍ମଚାରୀଙ୍କ ଚରିତ୍ର, ବ୍ୟକ୍ତିତ୍ୱକୁ ଭଲଭାବେ ଯା କରାଯାଇ ଆବଶ୍ୟକ ସ୍ଥଳେ ସେମାନଙ୍କୁ ବିତାଡିତ କରି ସମାଜରେ ଥିବା ପର୍ଯ୍ୟାପ୍ତ ଉ ମ ଚରିତ୍ର ମଣିଷଙ୍କୁ ଅବସ୍ଥାପିତ କରାଗଲେ ସମାଜର ବାସ୍ତବିକ ଉନ୍ନ ି ହୋଇପାରିବ ବୋଲି ଆମର ଭାବନାରେ ଆପଣଙ୍କ ସହମତ ପ୍ରକାଶ କରିବା ସଂଗେ ସଂଗେ ସରକାରଙ୍କୁ ଉପଯୁକ୍ତ ପ୍ରସ୍ତାବ ଦେବେ ବୋଲି ଆଶା ।

ଧନ୍ୟବାଦ ।


+ ସୋସିଆଲ ଫୋରୁମ
(ଭାରତ)
ଛତ୍ରପୁର, ଗଂଜାମ ।
ଦୂରଭାଷ-୯୪୩୭୩୨୪୯୧୭.

# ଦୁନିଆର ସୁନ୍ଦର ରେଳ ଷ୍ଟେସନ

**ରେଳ ଷ୍ଟେସନ ଲୋକଙ୍କ ବିଶ୍ରାମ ନେବାର ଜାଗା ନୁହେଁ। ଷ୍ଟେସନର କୋଳାହଳ, ଭିଡ଼ ମଧ୍ୟରୁ କିପରି ଶୀଘ୍ର ମୁକ୍ତି ମିଳିବ ସେକଥା ଭାବିଥାଆନ୍ତି ଯାତ୍ରୀମାନେ। କିନ୍ତୁ ଦୁନିଆରେ ଏମିତି ବି ରେଳ ଷ୍ଟେସନ ଅଛି ଯାହା ଉପରୁ ଆଖି ଫେରାଇବା ସହଜ ନୁହେଁ। ଖୁବ୍ ସୁନ୍ଦର ସେଇ ସବୁ ରେଳ ଷ୍ଟେସନର ନିର୍ମାଣ ଶୈଳୀ। ଆସନ୍ତୁ ନଜର ପକାଇବା ପୃଥିବୀର କେତୋଟି ସୁନ୍ଦର ରେଳ ଷ୍ଟେସନ ଉପରେ।**

### ଗ୍ରାଣ୍ଡ ସେଣ୍ଟ୍ରାଲ ଟର୍ମିନାଲ, ନ୍ୟୁୟର୍କ:

ରିଡ୍, ଷ୍ଟେମ, ୱାରେନ ଏବଂ ୱେଟମୋର ଭଳି ବିଖ୍ୟାତ ସ୍ଥାପତ୍ୟ ଫାର୍ମ ଦ୍ୱାରା ଡିଜାଇନ୍ ହୋଇଥିବା ନ୍ୟୁୟର୍କର ଏହି ରେଳ ଷ୍ଟେସନକୁ ଦୁନିଆର ସବୁଠୁ ସୁନ୍ଦର ଷ୍ଟେସନ ବୋଲି କୁହାଯାଇଥାଏ। ଏହି ଷ୍ଟେସନ ନ୍ୟୁୟର୍କର ଅନ୍ୟତମ ପର୍ଯ୍ୟଟନ ଆକର୍ଷଣ। ପ୍ରତିବର୍ଷ ଏହି ଷ୍ଟେସନ ଦେଖିବାକୁ ପ୍ରାୟ ୨୦ ନିୟୁତରୁ ଅଧିକ ପର୍ଯ୍ୟଟକ ଆସିଥାଆନ୍ତି। ଏହି ଷ୍ଟେସନ ପରିସରରେ ରହିଛି ସଂଗ୍ରହାଳୟ ଏବଂ ଆର୍ଟ ଗ୍ୟାଲେରୀ। ୧୯୧୩ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଫଦ ଗଡ୍ ଫାଦର', ଫମେନ୍ ଇନ୍ ବ୍ଲାକ' ଭଳି ଫିଲ୍ମରେ ଏହି ଷ୍ଟେସନର ଦୃଶ୍ୟ ରୂପାୟନ ହୋଇଛି।



### ଛତ୍ରପତି ଶିବାଜି ଟର୍ମିନସ, ମୁମ୍ବାଇ:

ୟୁନେସ୍କ ଐତିହ୍ୟ ତାଲିକାଭୁକ୍ତ ହୋଇଥିବା ଏହା ପୃଥିବୀର ଏକମାତ୍ର ରେଳ ଷ୍ଟେସନ। ଛତ୍ରପତି ଶିବାଜି ଟର୍ମିନସ ବିଶ୍ୱସ୍ତରୀୟ ସ୍ଥାପତ୍ୟ ଶୈଳୀର ଏକ ଅନନ୍ୟ ଉଦାହରଣ। ଫ୍ରେଡିକ୍ ୱିଲିୟମ୍ ଷ୍ଟିଭେନ୍ସଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଷ୍ଟେସନରେ ପାରମ୍ପରିକ ମୋଗଲ ଏବଂ ଭିକ୍ଟୋରିଆନ୍ ଗଥିକ୍ ଆର୍କିଟେକଚରର ଝଲକ ଦେଖିବାକୁ ମିଳେ। ଏହା ଭାରତରର ପ୍ରାଚୀନ ଷ୍ଟେସନଗୁଡ଼ିକ ମଧ୍ୟରେ ଅନ୍ୟତମ।



### ସେଣ୍ଟ ପାନକ୍ରାସ ଇଣ୍ଟରନ୍ୟାସନାଲ, ଲଣ୍ଡନ:



ଫକାଥିଡ୍ରାଲ ଅଫ୍ ରେଲୱେ' ନାମରେ ପରିଚିତ ଏହି ରେଳ ଷ୍ଟେସନକୁ ୧୮୬୮ ମସିହାରେ ସର୍ବସାଧାରଣଙ୍କ ନିମନ୍ତେ ଲେଖାଯାଇଥିଲା। ତିଆରି ହେବା ପରଠାରୁ ଏହି ଷ୍ଟେସନ ଅନେକ ମରାମତି ଦେଖିଆସିଛି। ତଥାପି ମୂଳ ନିର୍ମାଣରେ ଟିକିଏ ବି ପରିବର୍ତ୍ତନ ହୋଇନାହିଁ। ଏହି ଷ୍ଟେସନ ପରିସରରେ ଅନେକ ଐତିହ୍ୟବାହୀ ଦୋକାନ, ରେଷ୍ଟୋରାଁ ଅଛି। ଏହା ମଧ୍ୟ ଲଣ୍ଡନର ଏକ ପର୍ଯ୍ୟଟନ ଆକର୍ଷଣ।

### ସିଏଫଏମ୍ ଷ୍ଟେସନ, ମାପୁତୋ:

ଦୁନିଆର ଏହି ସୁନ୍ଦର ରେଳଷ୍ଟେସନ କେଉଁଠାରେ ଅବସ୍ଥିତ ବୋଲି ଜାଣରିଲେ ଆପଣ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ହୋଇଯିବେ। ଏହା ଅବସ୍ଥିତ ଏକ ଆଫ୍ରିକୀୟ ଦେଶ ମୋଜାମ୍ବିକରେ। ପର୍ତ୍ତୁଗୀଜ ସ୍ଥପତି ଆଲଫ୍ରେଦୋ ଅଗଷ୍ଟୋ ଲିସବୋଆ, ମାରିଓ ଭିଏଗା ଏବଂ ଫେରେରିଆ ବା କୋଷ୍ଟାଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଷ୍ଟେସନର ନିର୍ମାଣ କାମ ୧୯୧୬ ମସିହାରେ ଶେଷ ହୋଇଥିଲା। ଏହି ଷ୍ଟେସନରେ ପର୍ତ୍ତୁଗୀଜ ସ୍ଥାପତ୍ୟର ଝଲକ ସୁସ୍ପଷ୍ଟ।



### ଆଟୋଚା ଷ୍ଟେସନ, ମାଦ୍ରିଦ:

୧୮୫୧ ମସିହାରେ ତିଆରି ହୋଇଥିବା ଏହି ରେଳ ଷ୍ଟେସନର ନାଁ ସ୍ଥାନୀୟ ଏକ ଚର୍ଚ୍ଚ ଫଆୱାର ଲେଡି ଅଫ୍ ଆଟୋଚା' ନାଁ ଅନୁସାରେ ରହିଛି। ଆଲବର୍ଟୋ ଦେ ପାଲାସିଓ ଏଲିସାନେ ଏବଂ ଗୁସ୍ତାଭ ଆଇଫେଲଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଷ୍ଟେସନ ଏହାର ବିଶାଳ ଉଦ୍ୟାନ ପାଇଁ ଲୋକପ୍ରିୟ। ଏହି ଉଦ୍ୟାନର ଲ୍ୟାଣ୍ଡସ୍କେପିଙ୍ଗ କରିଥିଲେ ସ୍ପେନର ସ୍ଥପତି ରାଫେଲ ମୋନେଓ। ଷ୍ଟେସନ ପରିସରରେ ଥିବା ଏହି ଉଦ୍ୟାନ ବିଭିନ୍ନ ବିରଳ ପ୍ରଜାତିର ଗଛ ଏବଂ ପଶୁଙ୍କ ପାଇଁ ପରିଚିତ।



## ବାୟୋନିକ ପ୍ୟାଣ୍ଟ ଆସୁଛି

ବିଶ୍ୱସ୍ତରରେ ଭିନ୍ନ ଭିନ୍ନ ସ୍ଥାନରେ ଅତ୍ୟାଧୁନିକ ତଥା ବିଭିନ୍ନ ଡିଜାଇନର ପୋଷାକମାନ ମିଳୁଛି। ଏଇ କିଛି ଦିନ ତଳେ ଇଉରୋପରେ ଏକ ଫେଶନ ଶୋରେ ନୂତନ ଡିଜାଇନ୍ ପ୍ୟାଣ୍ଟ ପ୍ରଦର୍ଶିତ ହୋଇଛି। ତାହାର ନାମ ଫବାୟୋନିକ ପ୍ୟାଣ୍ଟଫ ରଖାଯାଇଛି। ୨୦୧୨ରେ ପ୍ରଥମଥର ଏଇ ପ୍ୟାଣ୍ଟ ବିଷୟରେ ଡିଜାଇନ୍‌ରମାନେ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ତିଆରି କରାଯିବା ସହ ଏ ସମ୍ପର୍କିତ ତଥ୍ୟ ଲୋକଲୋଚନକୁ ଅଣାଯାଇଛି। ଏହି ପ୍ୟାଣ୍ଟ ଉଭୟ ପୁରୁଷ-ମହିଳାଙ୍କ ପାଇଁ ନିର୍ମିତ। ଏହାର ବିଶେଷତ୍ୱ ହେଉଛି, ପ୍ୟାଣ୍ଟ ପିନ୍ଧିବା ପରେ ଏହା ଚୌକି ପରି କାମ କରିବ। ଯେ କୌଣସି ସ୍ଥାନରେ ବେଶ୍ ଆରାମରେ ଜଣେ ବ୍ୟକ୍ତି ବସିପାରିବେ। ଡିଜାଇନରଙ୍କ ମତରେ ଏହି ପ୍ୟାଣ୍ଟ ଶରୀର ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ। ୨୫ ହଜାର ଟଙ୍କାରୁ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ସାଇଜରେ ବାୟୋନିକ୍ ପ୍ୟାଣ୍ଟ ବଜାରରେ ବ୍ରିକି ହେବ।

## ସକରାତ୍ମକ ଶକ୍ତି

**ବାସ୍ତୁଶାସ୍ତ୍ର ଅନୁସାରେ ଯେଉଁ ଘରେ ନକରାତ୍ମକ ଶକ୍ତିର ପ୍ରଭାବ ବେଶିଥାଏ ସେଇ ଘରେ ରହୁଥିବା ବ୍ୟକ୍ତି ତଥା ପରିବାରକୁ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ବହୁ ପ୍ରତିବନ୍ଧକ ଓ ବାଧାବିଘ୍ନର ସାମାନା କରିବାକୁ ପଡ଼େ। ବାସ୍ତୁଦୋଷ ମାନସିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରେ। ଚିନ୍ତା ଓ ଚେତନାର ନକରାତ୍ମକ ପ୍ରକାଶ ପାଏ କାର୍ଯ୍ୟରେ, ଚିନ୍ତନରେ ଓ ଭାବନାରେ ଉତ୍ସାହ ପ୍ରକାଶ ପାଏ ନାହିଁ। ଏହାକୁ ଦୂର କରିବାର ଉପାୟ ମଧ୍ୟ ବାସ୍ତୁଶାସ୍ତ୍ରରେ ରହିଛି।**

୧. ଘରେ ପୋଛା ଲଗାଇବା ବେଳେ ପାଣିରେ କିଛି ଲୁଣ ପକାନ୍ତୁ। ନକରାତ୍ମକ ଶକ୍ତିକୁ ଅବଶୋଷଣ କରିବା କ୍ଷମତା ଲୁଣରେ ଅଛି, ତେଣୁ ବାସ୍ତୁଦୋଷର ପ୍ରଭାବକୁ ଏହା ଦୂର କରିପାରେ।



୨. ସକାଳେ ଝାଡୁ ଲଗାଇବା ପରେ ଗୋମୂତ୍ର ସିଂଚନ କରି ମଧ୍ୟ ଆପଣ ନକରାତ୍ମକ ଶକ୍ତିକୁ ଦୂରକରିପାରିବେ। ଏହା ଉଭୟ ବାସ୍ତୁ ଓ ସ୍ୱାସ୍ଥ୍ୟ ପାଇଁ ହିତକର।

୩. ରଙ୍ଗୋଲି ମଙ୍ଗଳଦାୟକ। ଏହା ନକରାତ୍ମକ ଶକ୍ତି ପ୍ରତିରୋଧକ। ପ୍ରତିଦିନ ସକାଳେ ମୁଖ୍ୟଦ୍ୱାରରେ ରଙ୍ଗୋଲି ପକାଇଲେ ଘରେ ସକରାତ୍ମକ ଶକ୍ତି ପ୍ରବେଶ କରେ। ରଙ୍ଗୋଲି ମନ ଓ ମସ୍ତିଷ୍କକୁ ସ୍ଥିର ରଖେ।

୪. ଝୁଣା, କର୍ପୂର, ଗୁଗୁଳ, ଦେଶୀ ଘିଅ ଓ ଚନ୍ଦନ ଧୂଆଁ ଘର ଓ ବାତାବରଣ ପାଇଁ ଅତ୍ୟନ୍ତ ଲାଭଦାୟକ। ଏହାର ମଧ୍ୟ ନକରାତ୍ମକ ଶକ୍ତିକୁ ଦୂର କରିବା କ୍ଷମତା ରହିଛି। ତେଣୁ ସକାଳେ ଓ ସଂଧ୍ୟାରେ ଏହି ଧୂଆ ନୟମିତ ଦେଲେ ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ହୁଏ। ତା' ସହିତ ଏହା ମନକୁ ପ୍ରଫୁଲ୍ଲତା ପ୍ରଦାନ କରେ।

୫. ଏହା ସହିତ ପରିବାରର ସୁଖ ଓ ସମୃଦ୍ଧି ପାଇଁ ଆପଣ ଘରର ପ୍ରବେଶ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ବା ଭଗବାନ ଗଣେଶଙ୍କ ଏକ ଚିତ୍ର କିମ୍ବା ଫଟୋ ଲଗାଇପାରିବେ। ଏହା ବାସ୍ତୁଦୋଷ ଦୂର କରିବା ସହ ତା'ର କୁପ୍ରଭାବ ଘରକୁ ମୁକ୍ତରଖେ।

## କେଶର ଯତ୍ନ

**କେଶର ସମସ୍ୟା ନେଇ ଏବର ଯୁବତୀ ଓ ମହିଳାମାନେ ମାତ୍ରାଧିକ ଚିନ୍ତିତ। କେଶର ସୌନ୍ଦର୍ଯ୍ୟ ଓ ଘନତ୍ୱ ବଢ଼ାଇବା ନିମନ୍ତେ ନାନାଦି ସରଳ ଉପଚାର କରିହେବ।**

ରୁକ୍ଷ କେଶରେ ଚମକ ଆଣିବା ପାଇଁ ପିଆଜ, ରସ, ମେଥି, ମହୁ ମିଶାଇ ଏକ ପାତ୍ରରେ ରାତି ସାରା ରଖିବେ। ସକାଳୁ କେଶରେ ଲଗାଇ ଘଂଟେ ରଖିବା ପରେ ଶ୍ୟାମ୍ପୁରେ କେଶ ଧୋଇନେବେ। କେଶ ଚମକିବା ସହ ମଜବୁତ୍ ମଧ୍ୟ ହୋଇଯିବ।

କେଶକୁ ମୁଲାୟମ୍ କରିବା ତଥା ଏହାର ଘନତ୍ୱ ବଢ଼ାଇବା ପାଇଁ ୪ ଚାମଚ ମେଥିଦାନା (ରାତିରେ ଭିଜାହୋଇଥିବା) ୪ ଚାମଚ ଘି-କୁଆଁରୀ ରସ, କିଛି ଭୃଙ୍ଗରାଜ ପତ୍ର, ୨-୩ ମନ୍ଦାର ଫୁଲ, ୨ ଚାମଚ ମହୁ, ୧ ଚାମଚ ସୋରିଷ ତେଲ ମିଶାଇ ପେଷ୍ଟ ଭାବରେ କେଶରେ ଲଗାଇବେ। ସପ୍ତାହକୁ ଥରୁଟିଏ ଏହି ପ୍ୟାକ୍ ଲଗାଇଲେ କେଶ ମୁଲାୟମ ହେବ।



## ୩୦ ପରର ତ୍ୱଚା ଚର୍ଚ୍ଚା

**ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ସାଧାରଣତଃ ୩୦ ବର୍ଷ ହେବାପରେ ମହିଳାଙ୍କ ତ୍ୱଚାରେ ଭାଙ୍ଗ ପଡ଼ିବା ସହ ଶୁଷ୍କ ହୋଇଥାଏ। ସେଥିପାଇଁ ସମୟ ପୂର୍ବରୁ ସଚେତନ ହୋଇଗଲେ ତ୍ୱଚାରେ ଚମକ ଆସିବା ସହ ବୟସର ଛାପ ପଡ଼େନାହିଁ। ୩୦ ବର୍ଷ ପରେ ଘରୋଇ ରୂପଚର୍ଯ୍ୟା କରିବା ତ୍ୱଚା ପାଇଁ ନିତାନ୍ତ ଆବଶ୍ୟକ**



◆ ଖଣ୍ଡେ ଗାଜର ଓ ଛୋଟ ଆଳୁକୁ ଭଲଭାବରେ ସିଝାଇ ଦିଅନ୍ତୁ। ପରେ ତାକୁ ଭଲଭାବରେ ଚକଟି ଅଳ୍ପ ହଳଦୀ ଗୁଣ୍ଡ ମିଶାଇ ତ୍ୱଚାରେ ଲଗାଇ ୧୫ ମିନିଟ୍ ରଖନ୍ତୁ। ହାଲକା ଉଷୁମ ପାଣିରେ ମୁହଁ ଧୋଇ ଅଲିଭ ତେଲ ଲଗାନ୍ତୁ। ସପ୍ତାହକୁ ଥରେ ଏହି ଉପଚ ।ର କରିବା ତ୍ୱଚାପାଇଁ ଭଲ।

◆ ରାତିରେ ଶୋଇବା ପୂର୍ବରୁ ୨ ଚାମଚ ଗୋଲାପ ଜଳ, ୧ ଚାମଚ ଗ୍ଲିସେରିନ୍ ଓ ଅଧ ଚାମଚ ଲେମ୍ବୁରସକୁ ନେଇ ଭଲଭାବରେ ମୁହଁ ଓ ବେକରେ ଲଗାନ୍ତୁ। ନିୟମିତ ଏହା କରିବା ଦ୍ୱାରା ତ୍ୱଚାରେ ବୟସର ଛାପ ପଡ଼ିନଥାଏ।

◆ ସପ୍ତାହକୁ ୨ରୁ ୩ ଥର ନଡ଼ିଆ ପାଣି ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ମୁହଁ ଧୋଇବେ।

◆ ଗାଧୋଇବା ପୂର୍ବରୁ ଦୈନିକ ମଇଦା ଓ କଂଚା କ୍ଷୀର ପ୍ୟାକ ଲଗାନ୍ତୁ। ନଖ ଉଷୁମ ପାଣିରେ ଏହି ପ୍ୟାକକୁ ଛଡ଼ାଇବା ଭଲ।

◆ ସକାଳୁ ଉଠିବା ପରେ ଏକ ଗିଲାସ ନଖ ଉଷୁମ ପାଣି ପିଇବା ନିୟମିତ ଅଭ୍ୟାସ କରନ୍ତୁ।

## ରୋଷଶାଳାର ଟିପ୍ସ

**ରୋଷେଇ ଘରେ କାମ ଶୀଘ୍ର ଶେଷ କରିବା ନିମନ୍ତେ ଅନେକ ସମୟରେ ଛୋଟ ଟିପ୍ସ ଗୁଡ଼ିକର ଉତ୍ତମ କାର୍ଯ୍ୟ କରେ। ସେହିଭଳି ଜାଣିବା କଥାମାନ ହେଉଛି:**

■ ପେସ୍ତାବାଦାମ୍ବରୁ ଚୋପା ସହଜରେ ଛଡ଼ାଇବା ପାଇଁ ଗରମ ପାଣିରେ ୧୫ରୁ ୨୦ମିନିଟ୍ ସେଗୁଡ଼ିକୁ ଭିଜାଇ ରଖନ୍ତୁ।

■ ଚିନି ରଖୁଥିବା ପାତ୍ରରେ ୩-୪ଟି ଲବଙ୍ଗ ରଖିଲେ ସେଥିରେ ପିମ୍ପୁଡ଼ି ଲାଗିନଥାଏ।

■ ବିସ୍କୁଟ ଡବାରେ ଏକ ବ୍ଲଟିଙ୍ଗ କାଗଜ ରଖିଲେ ବିସ୍କୁଟ ଟାଣ ରୁହେ।

■ ରୋଷେଇ ଘରେ କାମବେଳେ ହାତ ପୋଡ଼ିଗଲେ କିମ୍ବା ବାମ୍ଫ ପଡ଼ିଲେ, ତୁରନ୍ତ ଏକ କଦଳୀକୁ ଚକଟି ସେହି ସ୍ଥାନରେ ଲଗାନ୍ତୁ।

■ କୌଣସି ପାତ୍ର ପୋଡ଼ିଗଲେ, କଟା ପିଆଜକୁ ସେହି ପାତ୍ରରେ ରଖି ଗରମ ପାଣି ଢ଼ାଳନ୍ତୁ। ୧୦ ମିନିଟ୍ ପରେ ସେହି ପାତ୍ରକୁ ଧୋଇଲେ ପୋଡ଼ା ଦାଗ ଛାଡ଼ିଯାଏ।

■ ଲଙ୍କା ଗୁଣ୍ଡ ଥିବା ଡବାରେ ସାମାନ୍ୟ ହେଙ୍ଗୁ ପକାଇଲେ ଲଙ୍କା ଗୁଣ୍ଡ ସତେଜ ରହେ।



■ ପରିବା କାଟିବା ନିମନ୍ତେ ସବୁବେଳେ କାଠର ଚପିଂ ବୋର୍ଡ଼ ବ୍ୟବହାର ରକରିବା ଉଚିତ୍। କାରଣ ପ୍ଲାଷ୍ଟିକ ଚପିଂ ବୋର୍ଡ଼ ବ୍ୟବହାର କଲେ ପରିବା କାଟିବାବେଳେ ପ୍ଲାଷ୍ଟିକ ମଧ୍ୟ ଅନେକ ସମୟରେ ପରିବା ସହ କାଟିହୋଇ ମିଶିଯାଏ।

## ଜଳଖିଆକୁ ନେଇ ସତର୍କତା

**ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଡାଏଟିଂ କରନ୍ତୁ ହେଲେ ସକାଳ ଜଳଖିଆକୁ ସବୁଠୁ ଅଧିକ ପ୍ରାଧାନ୍ୟ ଦେବା ଉଚିତ୍। ନଚେତ୍ ଶରୀର ଉପରେ ଏହାର ଓଲଟା ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।**

ସକାଳେ ଉଠିବା ପରେ ୧ ଘଂଟା ମଧ୍ୟରେ ଜଳଖିଆ କରିନେବା ଉଚିତ୍। ଜଳଖିଆ ନଖାଇଲେ ଶରୀରର ଓଜନ ଅଧିକ ବଢ଼େ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ।

ପୂରା ରାତି ଖାଲିପେଟରେ ଶରୀର ରହିବା ପରେ ସକାଳ ଜଳଖିଆ ନ ଖାଇଲେ ଏସିଡିଟି ହୋଇଥାଏ। ଏପରିକି ଏହି କାରଣରୁ ଅନେକ ଝାଡ଼ା, ବାନ୍ତିରେ ଆକ୍ରାନ୍ତ ହୋଇଥାନ୍ତି।

ସକାଳ ଜଳଖିଆ ନଖାଇଲେ ଅଲସର ରୋଗ ହେବାର ଆଶଙ୍କା ସର୍ବାଧିକ ବୋଲି ନ୍ୟୁଜିଲାଣ୍ଡ ବିଶେଷଜ୍ଞ ନିକଟରେ ପ୍ରକାଶ କରିଥିବାର ଜଣାପଡ଼ିଛି।

ଆମେରିକୀୟ ବିଶେଷଜ୍ଞ ମତ ଦେଇଛନ୍ତି ୨୭ % ଲୋକେ ଜଳଖିଆ କରୁନଥିବାରୁ ହୃଦଘାତରେ ପ୍ରାଣ ହରାଇଥାନ୍ତି। ସେଥିପାଇଁ ପ୍ରତ୍ୟେକ ବର୍ଗର ଲୋକେ ସକାଳବେଳା ଆବଶ୍ୟକ ପେଟପୁରା ଖାଦ୍ୟ ଖାଇବା ଉଚିତ୍।

ଏପରିକି ଜଳଖିଆ ନଖାଇଲେ ମଧୁମେହ ରୋଗ ହେବାର ଆଶଙ୍କା ୫୪% ଅଧିକ ବଢ଼େ ବୋଲି ଜଣାପଡ଼ିଛି।

ଜଳଖିଆ କରୁନଥିବା ଲୋକମାନେ ଦିନମାନ ପ୍ରତ୍ୟେକ କାମ କଲେ କ୍ଳାନ୍ତ ଲାଗିଥାଏ।



# ୨୧୭୩ କେଜି ଗଞ୍ଜେଇ ଜବତ : ୪ ଗିରଫ

## ମାଷ୍ଟର ମାଇଣ୍ଡ ସମେତ ୪ ଫେରାର୍

ଜୟପୁର,୨୬।୭ (ନି.ପ୍ର): କୋରାପୁଟ ଜିଲା ଜୟପୁର ସଦର ପୋଲିସ ଗଞ୍ଜେଇ ଲୋଡିଙ୍ଗ ହେଉଥିବା ବେଳେ ଖବର ପାଇ ଚଢ଼ଉ କରିଛି । ଜୟପୁର ଏସଡିପିଓ ବରୁଣ ଗୁଣ୍ଠପାଲ୍ଲି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗୁଡା ଠାରେ ୮ରୁ ୧୦ ଜଣ ଯୁବକ ଗଞ୍ଜେଇ ଲୋଡ୍ କରୁଥିବା ବିଷୟ ସଦର ପୋଲିସ ଖବର ପାଇ ଗତକାଲି ବିଳମ୍ବିତ ରାତ୍ର ରେ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ୯୧ଟି ବସ୍ତାରେ ଗଞ୍ଜେଇ ଜବତ କରିଛି । ଯାହାକି ୨୧୭୩ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୁଲ୍ୟ ୪୦ ଲକ୍ଷରୁ ଅଧିକ ହେବ । ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ଟ୍ରକ୍ ନଂ ସିଜି-୦୪-ଏମଜି ୮୪୦୯, ୩ଟି ବାଇକ୍, ଧଳା କଲରର ବିନା ନମ୍ବର ବୋଲେରୋ ଗାଡି ଏବଂ ପିକଅପ୍ ଭ୍ୟାନ୍ ନଂ ଓଆର ୨୪-ଏ-୨୭୬୭ କୁ ଜବତ କରିଛି । ଏହି ମାମଲାରେ ୪ ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗାଡା ଗ୍ରାମର ପ୍ରର୍ଶୁରାମ ନାଗ (୩୦), ଜୟପୁର ଜୟନଗରର ପ୍ରତାପ ବେହେରା (୨୨), ଶ୍ୟାମସୁନ୍ଦର ମିଶ୍ର (୨୦) ଓ ଅଭୟ ପ୍ରଧାନୀ (୧୮) । ଏଥିରେ ଜଡ଼ିତ ଥିବା ଅନ୍ୟ ୪ ଜଣ ଫେରାର୍ ହୋଇଯାଇଛନ୍ତି । ଫେରାର୍ ୪ ଜଣଙ୍କ ମଧ୍ୟରୁ ମାଷ୍ଟର ମାଇଣ୍ଡ କୁହାଯାଉଥିବା ଇମରାନ ଓ ପ୍ରଶାନ୍ତ ସହ ୨ ସହଯୋଗୀ ରହିଥିବା ପୋଲିସ ସୂଚନା ଦେଇଛି । ଏମାନଙ୍କୁ ଅତିଶିଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଗିରଫ ୪ ଜଣ ଯୁବକ ନିଯୁକ୍ତିର ସୁଯୋଗ ନପାଇ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବ ଗୋଷ୍ଠିଙ୍କୁ ଏବେ ଗଞ୍ଜେଇ ଚାଲାଣ ଭଳି ଅପରାଧରେ ସାମିଲ୍ କରୁଛନ୍ତି । ଗିରଫ ଅଭିଯୁକ୍ତଙ୍କ ଠାରୁ ୪ଟି ମୋବାଇଲ, ୧୨୩୦ ଟଙ୍କା ଜବତ କରାଯାଇଛି । ଏହା ସହ ଟ୍ରକରୁ ୪୦ ବସ୍ତା ଗୋ ଖାଦ୍ୟ ମଧ ଜବତ କରିଛି । ଏହି ଖବରଦାତା ସମ୍ମିଳନୀରେ ଏସଡିପିଓଙ୍କ ସହ ସଦର ଥାନା ଅଧିକାରି ଆଦିତ୍ୟ ମହାକୁର ଉପସ୍ଥିତ ଥିଲେ । ସେହିପରି କୁନ୍ଦୁରା ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ବାଗଦେରି ପଚାଂୟତ କୋଲାବ ସେତୁ ନିକଟରେ ୧୬ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି । ଗିରଫ ୪ ଜଣଙ୍କ ମଧ୍ୟରୁ ୨ ଜଣ ହୋମଗାର୍ଡ ରହିଛନ୍ତି । ଏହି ଗଞ୍ଜେଇକୁ ବାଇକରେ ଜଗଦଳପୁର ଚାଲାଣ କରାଯାଉଥିବା ବେଳେ ପୋଲିସ ଚଢ଼ଉ କରିଥିଲା ।

## ୧୬ଜଣ ଅମାନିଆଙ୍କଠାରୁ ୮ହଜାର ଟଙ୍କା ଆଦାୟ

ଜଳେଶ୍ୱର,୨୬।୭ (ନି.ପ୍ର): ଆଜିବି ସଟ୍‌ଡାନ୍‌ର ୬ଷ୍ଠ ଦିନରେ ଜଳେଶ୍ୱର ବହୁ ଅମାନିଆ କୋଭିଡ୍-୧୯ ଆଇନ୍ ଭଂଗକରି ନିଜକାର୍ଯ୍ୟରେ ବ୍ୟସ୍ତ ଥିଲେ । ଶେଷରେ ଜଳେଶ୍ୱର ଥାନା ପୁଲିସ୍ ପକ୍ଷରୁ ଅମାନିଆଙ୍କ ଲାଗି ଥାନା ସମ୍ମୁଖରେ ଧରପଗଡ ଆରମ୍ଭ ହୋଇଥିଲା । ଏଥିରେ ୧୬ଜଣଙ୍କର ହେଲମେଣ୍ଟ ଓ ମାକ୍ସ ନ ଥିବାରୁ ସେମାନଙ୍କଠାରୁ ୮ହଜାର ଟଙ୍କା ଆଦାୟ କରାଯାଇଥିଲା ।

# ଦୁଧିଆଣୀ ରେଂଜ ଅଂଚଳରେ ହାତୀ ଉପଦ୍ରବରେ ଲୋକେ ଆତଙ୍କିତ



ବାରିପଦା,୨୬।୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ କରିଆ ବନଖଣ୍ଡ ଅଂଚଳରେ ଦିନ କୁ ଦିନ ହାତୀ ଉପଦ୍ରବ ବଢିବାରେ ଲାଗିଛି । ବନ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ହାତୀ ମାନଙ୍କୁ ଘଉଡାଇବା ପାଇଁ ଯେତେ ଉଦ୍ୟମ କଲେ ମଧ୍ୟ ହାତୀମାନେ ଅଂଚଳ ଛାଡିବାକୁ ନାଁ ନେଉନାହାନ୍ତି । ଏଇ କିଛିଦିନ ହେବ ପ୍ରଥମେ ୧୭ ଟିକିଆ ହାତୀପଲ ଝଡଖଣ୍ଡ ଜଙ୍ଗଲରୁ ଆସି ପ୍ରଥମେ ରରୁଆଁ ଓ ଶୁକ୍ଳି ଅଂଚଳରେ ଉପଦ୍ରବ ଆରମ୍ଭ କରିଥିଲେ । ସେମାନଙ୍କୁ ବନକର୍ମଚାରୀମାନେ ପୁଣି ଝାଡଖଣ୍ଡ ଅଂଚଳକୁ ଘଉଡାଇ ଦେଇଥିରେ । ହେଲେ ପୁଣି ଏହି ହାତୀପଲ ସହ ଆଉ ଚାରିଗୋଟି ଝାଡଖଣ୍ଡୀ ହାତୀ ଆସି ଏବେ ଏହି ବନଖଣ୍ଡର ଦୁଧିଆଣି ରେଂଜ ଅଂଚଳରେ ଉପଦ୍ରବ ଜାରି ରଖିଥିବାର ଜଣାପଡିଛି । ଗତକାଲି ୨୩ ତାରିଖ ବିଳମ୍ବିତ ରାତିରେ ଦରି ଗ୍ରାମରେ ଏହି ହାତୀପଲ ପଶି ତିନିଜଣଙ୍କ ଘର ଭାଙ୍ଗି ଧାନଚାଉଳ ଖାଇବା ସହିତ ଘରଆସବାବପତ୍ର ନଷ୍ଟ କରିଥିବାର ଜଣାପଡିଛି । ଏହାଛଡା ଅନେକଙ୍କ ଚାଷଜମିରେ ଖିନ୍ ଭିନ୍ କରିପକାଇଥିବାର ଅଭିଯୋଗ ହୋଇଛି । ଏହି ହାତୀପଲ ଦିନବେଳେ ଜଙ୍ଗଲରେ ରହୁଥିବାବେଳେ ରାତିହେଲେ ଲୋଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇଯାଉଛନ୍ତି । ହାତୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ବିଜୁଳିକାଟ କରାଯାଉଥିବାରୁ ଲୋକେ ନାହିଁନଥିବା ହଇରାଣ ହେଉଥିବାର ଅଭିଯୋଗ ହେଉଛି । ହାତୀମାନଙ୍କ ଉତ୍ପାତରେ ଲେକେ ଆତଙ୍କିତ ହୋଇଥିବାବେଳେ ବିଜୁଳକାଟରେ ଜନସାଧାରଣ ଅତଷ୍ଟ ହୋଇପଡିଲେଣି । ଏହି ହାତୀମାନଙ୍କୁ ତୁରନ୍ତ ଘଉଡାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ଟମାଟୋ ପରେ ଆଳୁ ଦର ବୃଦ୍ଧି ଅଭିଯୋଗ

ନୂଆପଡା,୨୬।୭ (ନି.ପ୍ର): ନୂଆପଡା ଜିଲ୍ଲାର ପରିବା ବଜାରରେ ଟମାଟୋ ଦର ବୃଦ୍ଧି ପରେ ଏବେ ଆଳୁ ଦର ବୃଦ୍ଧି ପାଇଛି । ଗତ କିଛି ଦିନ ହେବ ଆଳୁକୁ କେଜି ପ୍ରତି ୪୦ ଟଙ୍କା ଦରରେ ବିକ୍ରୟ କରୁଥିବା ଦେଖିବାକୁ ମିଳିଛି । ଯାହାଫଳରେ ଖାଉଟି ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ମହାମାରୀ କରୋନା ପରେ ପରେ ଅନେକଙ୍କ ଆୟ ବନ୍ଦ ହୋଇ ଯାଇଥିବା ବେଳେ ରାସନ ସାମଗ୍ରୀ, ପନିପରିବା ଦର ସହ ଆଳୁ ଭଳି ଅନେକ ଅତ୍ୟାବଶ୍ୟକୀୟ ଦର ଆକାଶଛୁଆଁ ହୋଇଯାଇଛି । ଏପରିସ୍ଥିତିରେ ଖାଉଟିଙ୍କୁ ଏହି ଚଢା ଦର ସମସ୍ୟାରେ ପକାଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଦରଦାମ ନିୟନ୍ତ୍ରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଖାଉଟି ମାନେ ଦାବୀ କରିଛନ୍ତି ।

# ଭୁବନରେ ସପ୍ତାହନ୍ତ ସଟଡାଉନ ର ସପ୍ତମ ଦିନ, ଏବେ ଲୋକେ ସଚେତନ

ଭୁବନ,୨୬।୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ କରୋନା ଦିନକୁ ଦିନ କାୟା ବିସ୍ତାର କରୁଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୁଲାଇ ୩୧ ପର୍ଯ୍ୟନ୍ତ ପ୍ରତି ଶନିବାର ଓ ରବିବାର ସପ୍ତାହାନ୍ତ ସଟଡାଉନ ଜୁଲାଇ ୩୧ ପର୍ଯ୍ୟନ୍ତ ଘୋଷଣା କରାଯାଇଛି । ସପ୍ତାହନ୍ତ ସଟଡାଉନ ର ଆଜି ସପ୍ତମ ଦିବସରେ ଭୁବନରେ ସମସ୍ତ ଦୋକାନ,ବଜାର ଓ ଦୈନିକ ପରିବା ମାର୍କେଟ ସଂପୂର୍ଣ୍ଣ ବନ୍ଦ ଥିଲା । ଜନସାଧାରଣ ଏବେ ସଚେତନ ହୋଇ ଆଉ ଆଗଭଳି ବଜାର ଘାଟରେ ବୁଲୁନାହାନ୍ତି । ଭୁବନ ପୋଲିସ ତରଫରୁ ୫୩ ନମ୍ବର ଜାତୀୟ ରାଜପଥ ସମେତ ଭୁବନ-ଢେଙ୍କାନାଳ ରାସ୍ତାରେ ଚଳାଚଳ କରୁଥିବା ମାଲବାହୀ ଗାଡି କୁ ଯାଂଚ କରି ଛାଡୁଥିବା ଦେଖିବାକୁ ମିଳିଥିଲା । ନିହାତି ଆବଶ୍ୟକ ତଥା ଜରୁରୀ କାର୍ଯ୍ୟରେ ବଜାରକୁ ଆସିଥିବା ଲୋକଙ୍କୁ ପୋଲିସ ପଚରାଉଚରା କରି ସନ୍ତୋଷଜନକ ଉତର ପାଇବା ପରେ ଛାଡୁଥିବା ଦେଖିବାକୁ ମିଳିଥିଲା । ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ନିର୍ଦ୍ଦେଶରେ ୫୩ ନମ୍ବର ଜାତୀୟ ରାଜପଥର କାଳୀବଜାର ଠାରେ ଏଏସଆଇ ଲକ୍ଷ୍ମୀଧର ରଣା, ଅନନ୍ତପୁର ସୀମାନ୍ତରେ ଏଏସଆଇ ହେମନ୍ତ କୁମାର ପାଢୀ,ମହୁଲପାଳ ନୂଆହାଟ ରେ ଏଏସଆଇ ନୀଳକଣ୍ଠ ପାତ୍ର ସଜାଗ ରହିଥିଲେ ।

# ପ୍ରବାସୀଙ୍କ ସଂଗରୋଧ ଅନୁକମ୍ପା ରାଶିରେ ବି ସରପଂଚଙ୍କ ଭାଗ, ଭିଡିଓ ଭାଇରାଲ

ଭଦ୍ରକ, ୨୬/୭ (ହି.ସ.) - କରୋନା ମହାମାରୀ ପାଇଁ ବାହାର ରାଜ୍ୟରୁ ପ୍ରବାସୀ ମାନଙ୍କୁ ଫେରାଇ ଆଣି ସଙ୍ଗରୋଧ କେନ୍ଦ୍ରରେ ସରକାରୀ ସ୍ତରରେ ରଖାଯାଇଥିଲା । ସରକାର ନିର୍ଦ୍ଧାରିତ ସମୟ ଅବଧି ସଂପୂର୍ଣ୍ଣ କରିଥିବା ପ୍ରବାସୀମାନଙ୍କୁ ସରକାର ଦୁଇହଜାର ଟଙ୍କା କରି ମୁଣ୍ଡପିଛା ଅନୁକମ୍ପା ରାଶି ଦେବା ପାଇଁ ଘୋଷଣା ମଧ କରିଥିଲେ । ସଙ୍ଗରୋଧ ସମୟ ଅବଧି ସଂପୂର୍ଣ୍ଣ କରିଥିବା ବ୍ୟକ୍ତିଙ୍କୁ ଦୁଇ ହଜାର ପରିବର୍ତ୍ତେ୧୯୦୦ ଟଙ୍କା ଦିଆଯାଉଥିବାର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଏହି ଅମାନବୀୟ ଦୁର୍ନୀତି ବାସୁଦେବପୁର ବ୍ଲକ୍ ଶାଶୁ ଭୁଆଶୁଣି ପଂଚାୟତରେ ଘଟିଥିବାର ଭାଇରାଲ ଭିଡିଓରୁ ଅନୁମାନ କରାଯାଉଛି । ଭାଇରାଲ ହୋଇଥିବା ଭିଡିଓ ଅନୁସାରେ ଉକ୍ତ ପଂଚାୟତର ସରପଂଚ ପ୍ରତିନିଧି ଶରତ ମଳିକଙ୍କ ଉପସ୍ଥିତିରେ ଅନ୍ୟ ଅଧିକାରୀମାନେ ପ୍ରବାସୀମାନଙ୍କୁ ୧୯୦୦ ଟଙ୍କା ଦେଉଥିବାର ଦୃଶ୍ୟ ଉପଲବ୍ଧ ହେଉଛି । ଏ ନେଇ ସରପଂଚ କିମ୍ବା ସରପଂଚ ପ୍ରତିନିଧିଙ୍କ ସହ ଚେଷ୍ଟା କଲେ ମଧ ଯୋଗାଯୋଗ ହୋଇପାରୁନଥିବା ବେଳେ ଏଥି ସଂକ୍ରାନ୍ତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଂପୃକ୍ତ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି ।

# କାଳିଆ ଯୋଜନାର୍ ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରାଇବା ପାଇଁ ନୋଟିସ୍

## ଅଡୁଆରେ ନୋଟିସ ପାଇଥିବା ହୀତାଧିକାରୀ

କନ୍ଧମାଳ,୨୬।୭ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କାଳିଆ ଯୋଜନାରେ ମିଛସତ କହି ଜାଲିଆତି କରି ଯୋଜନାରେ ସରକାରୀ ଦାୟିତ୍ୱରେ ଥିବା ଅଫିସରଙ୍କୁ ପ୍ରଭାବୀତ କରି ନିଜ ନାଁକୁ ତାଲିକାରେ ସାମିଲ କରି ସରକାରୀ କାଳିଆ ଟଙ୍କା ନେବାରେ ସମର୍ଥ ହୋଇଥିଲେ । ଆଉ ଏବେ ବିଭାଗ ଖୋଳତାଡ କରିବା ପରେ କନ୍ଧମାଳ ଜିଲ୍ଲାର ୧୨ଟି ବ୍ଲକର ପ୍ରାୟ ୨ ହଜାର ପାଖାପାଖି ଅଯୋଗ୍ୟ ହିତାଧିକାରୀ କାଳିଆ ଟଙ୍କା ହାତେଇଥିବା ଜଣାପଡିଛି । ଏବେ ବିଭାଗ ପକ୍ଷରୁ ସମସ୍ତଙ୍କୁ ଟଙ୍କା ଫେରାଇବା ଲାଗି ନୋଟିସ୍ ଜାରୀ କରିଛି ପ୍ରଶାସନ । କୃଷି ଅଧିକାରୀ ଓ କର୍ମଚାରୀ ମାନେ ଏବେ ଘର ଘର ବୁଲି ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରାଇବା ଲାଗି ଚିଠି ପ୍ରଦାନ କରୁଛନ୍ତି । ତେବେ, ଜିଲ୍ଲାରେ କରୋନା ପାଇଁ ସଟଡାଉନ୍ ଓ ଲକଡାଉନ୍ ଜାରୀ ହେବା ସହ କିଛି ଗାଁ କଣ୍ଟେନମେଣ୍ଟ ଜୋନ୍ ଓ ବଫର ଜୋନ୍ ଘୋଷଣା କରାଯାଇଥିବାରୁ ହିତାଧିକାରୀଙ୍କ ଘରକୁ ଯାଇ ଚିଠି ଦେବା ଅସୁବିଧା ହେଉଛି ବୋଲି କୃଷି କର୍ମଚାରୀ କହିଛନ୍ତି । ତଥାପି ସମସ୍ତ ଅଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା ଦୁଇସପ୍ତାହ ମଧ୍ୟରେ ଚିଠି ପ୍ରଦାନ କରାଯିବ ବୋଲି କହିଛନ୍ତି । ହିତାଧିକାରୀ ମାନେ ସେମାନଙ୍କ ଟଙ୍କା ଫେରାଇବେ ବର୍ତମାନ ଅଡୁଆରେ ଅଛନ୍ତି ଏହି ନୋଟିସ ପାଇଥିବା ଅଯୋଗ୍ୟ ହୀତାଧିକାରୀମାନେ । ଟଙ୍କା ନଫେରାଇଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ହେଲେ ଏଠାରେ ପ୍ରଶ୍ନ ଉଠୁଛି ଜିଲ୍ଲାରେ ବିଭାଗୀୟ କର୍ମଚାରୀ ମାନେ ହିତାଧିକାରୀ ଚୟନରେ କିଭଳି ଅନିୟମିତତା କରିଥିଲେ ଆଉ ତଦନ୍ତ କିଭଳି କରିଥିଲେ ଏଥିରୁ ଜଣାପଡୁଛି । ରାଜନୈତିକ ନେତାଙ୍କ ଚାପରେ ପଡିହେଉ କିମ୍ବା ଅନ୍ୟ କୌଣାସି କାରଣରୁ ସେମାନେ ଯାଂଚ ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ନାଁକୁ ତାଲିକାରେ ସାମିଲ କରିଥିବା ଜଣାପଡିଛି । କାଗଜପତ୍ର ଠିକ୍ ଭାବେ ଯାଂଚ ଠିକବାବରେ କରିନାହାନ୍ତି । ଜିଲ୍ଲାରେ ମୋଟ ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୧୦ରୁ ୨୦ ଭାଗ ଅଯୋଗ୍ୟ ହିତାଧିକାରୀ ଥିବା ଜଣାପଡିଛି । ତେବେ, କରୋନା ସଂକ୍ରମଣ ସମୟରେ ଦୋକାନ ବଜାର, ଗାଡିମଟର ଚଳାଚଳ ବନ୍ଦ ଥିବା ସହ ବ୍ୟବସାୟ ମଧ ସବୁ ବନ୍ଦ ରହିଛି ସେଥିପାଇଁ ଲୋକଙ୍କ ପାଖରେ ପଇସାପତ୍ର ବି ନାହିଁ । ଗତ ୪/୫ ମାସ ହେଲା ଲୋକେ ଘରେ ବସିଛନ୍ତି । ଏପରି ସ୍ଥିତିରେ ଅଯୋଗ୍ୟ ହିତାଧିକାରୀ ବୋଲି କୁହାଯାଉଥିବା ଚାଷୀ କିଭଳି ଅର୍ଥ ଫେରାଇବେ ତାକୁ ନେଇ ଉଠିଛି ପ୍ରଶ୍ନ । ସରକାର ମହାମାରୀ କରୋନା ସଂକ୍ରମଣ ସମୟରେ ଏଭଳି ଅର୍ଥ ଫେରାଇବା ଲାଗି ନୋଟିସ ଜାରୀ କରିବା ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କଂଗ୍ରେସ କୃଷକ ସେଲର ବରୀଷ୍ଠ ନେତା ହେମନ୍ତ କର ଓ ଶ୍ରମିକ ନେତା ଘନ ଶବର । ସରକାର ସେମାନଙ୍କୁ କରୋନା ସମୟରେ ସାହାଯ୍ୟ କରିବା ପରିବର୍ତେ ଅର୍ଥ ଆଦାୟ ଧମକ ଦେବାରୁ ବିରତ ରହିବା ଲାଗି ଶ୍ରମିକ ନେତା ଶବର ପରାମର୍ଶ ଦେଇଛନ୍ତି ।

## ବ୍ରହ୍ମଗିରି ୪ ଓ ପିପିଲିର ଗୋଟିଏ ସ୍ଥାନକୁ କଂଟେନମେଂଟ ଜୋନ୍ ଘୋଷଣା

ପୁରୀ,୨୬।୭ (ନି.ପ୍ର): ପୁରୀ ଜିଲ୍ଲାର ବ୍ରହ୍ମଗିରି ବ୍ଲକର ୪ଟି ଗାଁ ଓ ପିପିଲି ବ୍ଲକର ଗୋଟିଏ ଗାଁରୁ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଜିଲ୍ଲାପାଳ ବଲବନ୍ତ ସିଂ ସେହି ଅଂଚଳକୁ କଂଟେନମେଂଟ ଜୋନ୍ ଘୋଷଣା କରିଛନ୍ତି । ବ୍ରହ୍ମଗିରି ବ୍ଲକର କାଣ୍ଡଗୋଦା ଗ୍ରାମପଚାଂୟତର ହରପଡା ଗ୍ରାମର ଜଣେ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବା ପରେ ସେହି ଅଂଚଳକୁ କଂଟେନମେଂଟ ଜୋନ୍ କରାଯାଇଛି । ସେହି ଅଂଚଳକୁ ବିଶୋଧନ କରାଯିବା ସହ ରୋଗୀଙ୍କ ଥଣ୍ଡା, କାଶ ଓ ଜ୍ୱର ଆଦି ଲକ୍ଷଣ ସମ୍ପର୍କରେ ସଂପର୍କରେ ଆଶାକର୍ମୀମାନେ ପଚାରି ବୁଝୁଛନ୍ତି । ସେହିପରି ବ୍ରହ୍ମଗିରି ବ୍ଲକର ରାହାଡମଲ୍ଲ ଗ୍ରାମପଚାଂୟତ ଅଧିନ ଭାଟପଡା ଗ୍ରାମରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସେହି ଅଂଚଳକୁ ମଧ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ବ୍ରହ୍ମଗିରି ଗ୍ରାମପଚାଂୟତର ବାଲିସାହି ଓ ଅଲାରପୁର ଗୋପ ରୋଡ ଅଂଚଳରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସେହି ଅଂଚଳକୁ ମଧ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ସମ୍ପୃକ୍ତ ଅଂଚଳର କୌଣସି ବ୍ୟକ୍ତି ବାହାରକୁ ଯାଇପାରିବେ ନାହିଁ କି ବାହାରର କୌଣସି ବ୍ୟକ୍ତି ଏହି ଅବରୋଧ ଅଂଚଳରେ ପ୍ରବେଶ କରିପାରିବେ ନାହିଁ । ଅନୁରୂପ ଭାବେ ପିପିଲି ବ୍ଲକର ଜଗନ୍ନାଥପୁର ଗ୍ରାମପଚାଂୟତ ଅନ୍ତର୍ଗତ ଲୋହାପୁର ଗ୍ରାମରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଂଚଳକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି ।

# ମୌସୁମୀର ଲୁଚକାଳି, କମିଛି ବର୍ଷା : କୃଷିକାର୍ଯ୍ୟରେ ବାଧା

ବାରିପଦା,୨୬।୭ (ନି.ପ୍ର): ଚଳିତ ବର୍ଷ ପାଣିପାଗ ବିଭାଗର ପୂର୍ବାନୁମାନକୁ ଭୂଲ ପ୍ରମାଣିତ କରାଇ ଦେଇଛି ମୌସୁମୀ ବାୟୁ । ମୟୂରଭଞ୍ଜ ଜିଲ୍ଲାରେ ମୌସୁମୀ ଲୁଚକାଳି ଖେଳ ଆରମ୍ଭ କରିଛି । ଆଷାଢ଼ ପରେ ଶ୍ରାବଣ ଶେଷ ହେବାକୁ ବସିଛି । ଧରା ସ୍ରାବଣ ବଦଳରେ ଆକାଶରେ ବାଦଲ ଓ ସୂର୍ଯ୍ୟଦେବ ଲୁଚକାଳି ଖେଳ ଚଳାଇଛନ୍ତି । ନିଅଁଟିଆ ବର୍ଷା କାରଣରୁ ଜିଲ୍ଲାରେ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ବେଉଷଣ ନିମନ୍ତେ ପାଣିର ଅଭାବ ଫଳରେ ଚାଷୀକୂଳ ହତାଶ ହୋଇପଡ଼ିଛନ୍ତି । ବର୍ତମାନ ପର୍ଶ୍ଚିମବଙ୍ଗ-ବାଙ୍ଗଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା କାରଣରୁ ମୌସୁମୀ ଟ୍ରାଫ ପୂର୍ବ ମୁହାଁ ହୋଇ ବିହାର ଦିଗରୁ ବଙ୍ଗୋପସାଗର ମୁହାଁ ହୋଇଛି । ଏହା ପ୍ରଭାବରୁ ମଧ୍ୟମ ଧରଣର ଓ ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଥିଲେ ମଧ ମୟୂରଭଞ୍ଜ ଜିଲ୍ଲାରେ କୌଣସି ପ୍ରଭାବ ପକାଇ ପାରିନାହିଁ । କେବଳ ଆକାଶ ମେଘାଚ୍ଛନ୍ନ ରହିଥିବାର ଦେଖିବାକୁ ମିଳିଛି । ୨୦୧୧ ଜନଗଣନା ଅନୁସାରେ ଜିଲ୍ଲାର ଜନସଂଖ୍ୟା ୨୫,୧୯,୭୩୮ ରହିଥିବା ବେଳେ ଜନସଂଖ୍ୟାର ୯୨.୩୪ ପ୍ରତିଶତ ଲୋକ ଗ୍ରାମାଂଚଳରେ ବସବାସ କରନ୍ତି । ସେହିପରି ଜିଲ୍ଲାରେ କୌଣସି ବୃହତ ଓ କ୍ଷୁଦ୍ର ଆଦି ଶିଳ୍ପ ପ୍ରତିଷ୍ଠା ହୋଇପାରିନଥିବାରୁ କୃଷି କାର୍ଯ୍ୟ ଗ୍ରାମାଂଚଳରେ ବସବାସ କରୁଥିବା ଜନସାଧାରଣଙ୍କର ଏକମାତ୍ର ଆୟ ଉପାର୍ଜନର ମାଧ୍ୟମ ହୋଇଥାଏ । ବଣପାହାଡ଼ ଘେରା ମୟୂରଭଞ୍ଜ ଜିଲ୍ଲାରେ ୪.୩୭ ଲକ୍ଷ ହେକ୍ଟର ଜମିରେ କୃଷକମାନେ ଖରିଫ ଋତୁରେ ଧାନ ଚାଷ କରିଥାନ୍ତି । ଏହା ମଧ୍ୟରେ ୧.୮୫ ଲକ୍ଷ ହେକ୍ଟର ଉଚ୍ଚ ଜମି ରହିଥିବା ବେଳେ ୧.୨୫ ଲକ୍ଷ ହେକ୍ଟର ମଧ୍ୟମ ଓ ୧.୨୬ ଲକ୍ଷ ହେକ୍ଟର ତଳିଆ ଜମି ରହିଛି । ଜିଲ୍ଲାରେ ଅନେକ ଛୋଟବଡ଼ ଅନେକ ଜଳଉସ୍ର ରହିଥିଲେ ମଧ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ସୁବିଧାଜନକ ନୁହେଁ । ଏହି ସମସ୍ତ ଜମିଗୁଡ଼ିକ ମଧ୍ୟରୁ ଖରିଫ ଋତୁରେ ୨୭,୭୫୫ ହେକ୍ଟର ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା ରହିଛି । ସେହିପରି ଉଚ୍ଚ ଜମିଗୁଡ଼ିକରେ ବାଇଗଣ, କୋବି, ମୂଳା, ପୋଟଳ, କଲରା, ଜହ୍ନି, କାକୁଡ଼ି, ବୋଇତାଳୁ, ଲାଓ ଆଦି ପନିପରିବା ସହ ମକା, ମୁଗ, ବିରି, ହରଡ଼, ଚିନାବାଦାମ, ରାଶି(ତିଳ), ଅଦା ଆଦି ଡ଼ାଲି, ତୈଳ ଓ ମସଲା ଜାତୀୟ ଚାଷ କରାଯାଇଥାଏ । ପ୍ରତ୍ୟେକ ବର୍ଷ ଜିଲ୍ଲାରେ ୧୬୪୮.୨ମିମି ଆଭେରେଜରେ ବର୍ଷା ହେଉଥିବା ସମୟରେ ଜୁନ ମାସରୁ ଅକ୍ଟୋବର ମାସ ମଧ୍ୟରେ ଦୈନିକ ୧୦ମିମି ଆଭେରେଜରେ ବର୍ଷା ହେଉଥିବାର ଜିଲ୍ଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । କୃଷି ବିଭାଗର ସୂଚନା ଆଧାରରେ ଜୁଲାଇ ମାସର ୨୫ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ଅଂଚଳରେ ହାରାହାରି ଭାବେ ୨୫୦ ମିମି.ରୁ ଅଧିକ ବର୍ଷା ହେବା ବଦଳରେ ୧୭୫.୧୨ମିମି ବର୍ଷା ହୋଇଛି । ଅର୍ଥାତ୍ ୩୦ ପ୍ରତିଶତ କମ୍ ବର୍ଷା ହୋଇଛି । କୁସୁମୀ ବ୍ଲକରେ ସର୍ବନିମ୍ନ- ୩୬ମିମି., କରଞ୍ଜିଆ ଓ ରରୁଆଁ ବ୍ଲକରେ ୬୮ମିମି., ଶୁକ୍ଳି ବ୍ଲକରେ ୭୬ମିମି ବର୍ଷା ରେକର୍ଡ଼ ହୋଇଥିବାର ସରକାରଙ୍କ ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି । ସେହିପରି ଉଦଳା-୧୧୧.୪୦ମିମି, ତିରିଂ-୧୧୮.୨୦ମିମି, ଶାମାଖୁଣ୍ଟା-୧୩୫, ଯଶୀପୁର-୧୪୦, ରାସଗୋବିନ୍ଦପୁର-୧୪୯.୮୦, ବାଙ୍ଗିରିପୋଷି-୧୫୮, ବାରିପଦା-୧୬୪, ଠାକୁରମୁଣ୍ଡା-୧୬୪.୫୦, ଶୁଳିଆପଦା- ୧୬୮.୨୦, ଜାମଦା-୧୭୩, ମୋରଡ଼ା- ୧୯୫, ବେତନଟୀ-୧୯୮, ବିଜାତୋଳା- ୨୦୫, କପ୍ତିପଦା- ୨୧୭, ବଡ଼ସାହି-୨୧୯, ରାଇରଙ୍ଗପୁର-୨୨୬, ଖୁଂଟା ଓ ଗୋପବନ୍ଧୁନଗର- ୨୩୭.୭୦ ମିମି ବର୍ଷା ହୋଇଥିବାର ରେକର୍ଡ଼ କରାଯାଇଛି ଥିବା ସମୟରେ ସ୍ୱଭାବିକ ହାରଠାରୁ କେବଳ ଜିଲ୍ଲାର ବହଳଦା- ୨୬୫ମିମି, ବିଶୋଇ-୨୭୪ମିମି, କୁଳିଅଣା-୨୭୪.୨୦ମିମି ଓ ସାରସକଣା ବ୍ଲକ ଅଂଚଳରେ ୨୭୪.୪୦ମିମି ବୃଷ୍ଟିପାତ ହୋଇଥିବାର ଜଣାପଡ଼ିଛି । ତେଣୁ ଅଧିକାଂଶ ବ୍ଲକଗୁଡ଼ିକରେ ହୋଇଥିବା ନିଅଁଟିଆ ବର୍ଷା କୃଷି କାର୍ଯ୍ୟରେ ବାଧକ ସାଜିଛି । ଏବିଷୟରେ ଜିଲ୍ଲା କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ ନିଜ ପ୍ରତିକ୍ରିୟାରେ ଜିଲ୍ଲାରେ ନିଅଁଟିଆ ବୃଷ୍ଟିପାତକୁ ସ୍ୱୀକାର କରିଛନ୍ତି । ଏଥି ସହିତ ପ୍ରତ୍ୟେକ ଦିନ ଜିଲ୍ଲା ସମସ୍ତ ବ୍ଲକରୁ ଆସୁଥିବା ବର୍ଷା ପରିମାଣର ରେକର୍ଡ଼ ଉପରେ ନଜର ରହିଛି । ଯେଉଁ କୃଷକମାନେ ଖରିଫ ଚାଷ କରିବା ନିମନ୍ତେ ଋଣ ନେଇଛନ୍ତି ସେମାନେ ନିଜକୁ ଚଳିତ ଜୁଲାଇ ଶେଷ ପର୍ଯ୍ୟନ୍ତ ଫସଲ ବୀମାଭୁକ୍ତ କରାଇ ନେବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ପ୍ରତ୍ୟେକ ଗ୍ରାମପଂଚାୟତକୁ ନେଇ ଗୋଟାଏ ଗୋଟାଏ ୟୁନିଟ କରାଯାଇଛି । ପ୍ରତ୍ୟେକ ପଂଚାୟତସ୍ତର ୟୁନିଟରେ ଫସଲ ବୀମା କରାଇଥିବା ଚାଷୀର ବର୍ଷା ଅଭାବରୁ ଫସଲ କ୍ଷତିଗ୍ରସ୍ତ ହୁଏ ତେବେ ତିନୋଟି ସୋପାନ ମାଧ୍ୟମରେ ଫସଲ ବୀମାରେ ଅର୍ଥ ମିଳିପାରିବ । ପ୍ରଥମେ ବର୍ଷା ଅଭାବରୁ କୃଷି କାର୍ଯ୍ୟ ଆରମ୍ଭ କରିପାରିନଥିବା କୃଷକଙ୍କୁ ବୀମା ରାଶି ମିଳିପାରିବ । ଦ୍ୱିତୀୟରେ କୃଷି କାର୍ଯ୍ୟ ଶେଷ କରିଛନ୍ତି, ମାତ୍ର ବର୍ଷା ଅଭାବରୁ ନଷ୍ଟ ହୋଇ ଗଲା ସେ କ୍ଷେତ୍ରରେ ଏବଂ ଅମଳ ସମୟରେ କ୍ରପ କଟିଂ ଅନୁସାରେ କ୍ଷୟକ୍ଷତି ଆକଳନ କରାଯାଇ ବୀମା ଅର୍ଥ ପ୍ରଦାନ କରାଯାଇଥାଏ । ତେବେ ନିଅଁଟିଆ ବର୍ଷା ତୈଳବୀଜ, ମସଲା, ଡ଼ାଲି ଓ ପନିପରିବା ଚାଷ କାର୍ଯ୍ୟକୁ ବିଶେଷ ଭାବେ ପ୍ରଭାବିତ କରାଇବାର ସମ୍ଭାବନା ନ ଥିବା ବେଳେ ଧାନ ଚାଷର ସମୟ ଅଛି । ତେଣୁ ପରବର୍ତୀ ସମୟର ଅବସ୍ଥାକୁ ଅନୁଧ୍ୟାନ ପରେ ଯାହାକିଛି କୁହାଯାଇ ପାରିବ ବୋଲି କହିଥିଲେ । ସେହିପରି ବର୍ତମାନ ଶ୍ରାବଣ ମାସରେ ହିଡ଼ବାଡ଼ ଉଛୁଳି ପାଣି ଭାସିବା ବଦଳରେ ବର୍ଷା ଅଭାବରୁ ଧାନ ତଳି ଶୁଖିଗଲାଣି । ଜମି ଫାଟିବା ଆରମ୍ଭ କରିଛି । ବେଉଷଣ ହୋଇପାରୁ ନାହିଁ । କରୋନା କଟକଣା ସମସ୍ତ ଆୟ ଉପାର୍ଜନକୁ ବନ୍ଦ କରାଇ ଦେଇଥିବା ବେଳେ ଧାନ ଚାଷ ଏକମାତ୍ର ରାସ୍ତା । ଯଦି ବର୍ଷା ନ ହୁଏ, ତେବେ ଘର ସଂସାର ଭାସିଯିବ ବୋଲି ବୋଲି ଖୁଂଟା ବ୍ଲକର ଚାଷୀ କୃଷ୍ଣଚନ୍ଦ୍ର ମହାନ୍ତ କହିଛନ୍ତି ।

# ପବ୍-ଜି ଖେଳରେ ମାତିଛନ୍ତି ଯୁବପିଢି

ଭଦ୍ରକ, ୨୬/୭ (ହି.ସ.) - ତାସ୍ ଖେଳିବାକୁ ଇଚ୍ଛା ହେଉନି । ଲୁଡୁ ଖେଳରେ ମନ ଲାଗୁନି । ଆଉ ଦୌଡା-ଦୌଡି, କବାଡି, ଚୋର ପୁଲିସ୍ ଖେଳ ଖେଳିଲେ ଲାଜ ଲାଗୁଛି । ସେଥିପାଇଁ ମୋବାଇଲ୍ ଧରି ବସି ପଡୁଛନ୍ତି ଏବେ ଯୁବଗୋଷ୍ଠୀ । 'ପବ୍-ଜି' ଗେମ୍‌ରେ ମାତୁଛନ୍ତି । ଏହି ଖେଳ ପାଇଁ ତ ଅଧିକାଂଶ ଯୁବକ ଦାମୀ ମୋବାଇଲ୍ କିଣୁଥିବା ଜଣାପଡିଛି । ଦିନ ଥିଲା ଯୁବକମାନେ ତାସ୍ ଖେଳ, ଲୁଡୁ, ଚେସ୍ ଭଳି ଖେଳରେ ନିଜକୁ ମତୁଆଲା କରୁଥିଲେ । କିନ୍ତୁ ଆଜିର ସମୟ ଆଧୁନିକ ଆଡକୁ ଗତି କରୁଥିବା ବେଳେ ଟେକ୍ନୋଲୋଜିର ବହୁଳ ବ୍ୟବହାର ମଧ ବୃଦ୍ଧି ପାଉଛି । ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର କରି ବିଭିନ୍ନ ପ୍ରକାରର ମୋବାଇଲ୍ ଖେଳକୁ ଯୁବପିଢି ଆଦରି ନେଉଛନ୍ତି । ମୋବାଇଲ୍‌ରେ ଖେଳାଯାଉଥିବା ବିଭିନ୍ନ ଖେଳ ମଧ୍ୟରୁ ଏବେ 'ପବ୍-ଜି' ଖେଳ ଯୁବଗୋଷ୍ଠୀମାନଙ୍କୁ କବଳିତ କରି ରଖିଛି । 'ପବ୍-ଜି' ଖେଳ ଏମିତି ଏକ ଗେମ୍ ଥରେ ପଶିଗଲେ ଏଥିରୁ ବାହାରିବା ମୁସ୍କିଲ । ଏମିତିକି ଖାଇବା ପିଇବା ସବୁକିଛି ଭୁଲି ଗେମ୍ ନିଶାରେ ବୁଡି ଯାଉଛନ୍ତି ଯୁବ ସମାଜ । ଗେମ୍ ଶେଷ ନହେବା ପର୍ଯ୍ୟନ୍ତ ନିଦ ବି ଆସୁନି । ଗେମ୍‌ର ଗୋଟିଏ ରାଉଣ୍ଡ ଜିତିଲେ ମିଛିମିଛିକା ଚିକେନ୍ ଡିନର ଖାଇ ଆନନ୍ଦିତ ହେଉଛନ୍ତି ଯୁବକ । ଗେମ୍ ଖେଳୁଥିବାବେଳେ କେହି ପ୍ରତିବାଦ କଲେ ସେମାନଙ୍କ ସହ ଝଗଡା ମଧ କରିବାକୁ ପଛାଉ ନାହାଁନ୍ତି । ଭଦ୍ରକ ସହର ଠାରୁ ଗ୍ରାମାଳ ପର୍ଯ୍ୟନ୍ତ ଅଧିକାଂଶ ଯୁବଗୋଷ୍ଠୀ 'ପବ୍-ଜି' ଖେଳରେ ନିଜକୁ ହଜାଇ ଦେଉଛନ୍ତି । କେମିତି ହୁଏ ଖେଳ .... ଏହାକୁ ଖେଳିବାକୁ ହେଲେ ପ୍ରଥମେ ମୋବାଇଲ୍ ଅନ୍‌ଲାଇନ୍ କରିବାକୁ ପଡିଥାଏ । 'ପବ୍-ଜି' ଖେଳିବାକୁ ସର୍ବାଧିକ ୪ ଜଣ ସାଙ୍ଗ ଏକାଥରକେ ଏହାକୁ ଖେଳିପାରିବେ । ଖେଳର ଭୂମିକା ହେଲା ଏକ ନିଛାଟିଆ ଜଂଗଲ ବା ମରୁଭୂମିରେ ଗୋଳାବାରୁଦ ଧରି ଛକି ରହି ଶତ୍ରୁପକ୍ଷ ଲୋକଙ୍କୁ ଗୁଳି କରି ମାରିବାକୁ ପଡିଥାଏ । ଶତ୍ରୁପକ୍ଷ ଲୋକଙ୍କୁ ନିପାତ କରିବା ପରେ ଖେଳର ପ୍ରଥମ ବିଜୟ ହୋଇଥାଏ । ଏପରିକି କେହି କେହି ଗେମ୍ ଖୋଳିଲାବେଳେ ନିଜର ସୁରକ୍ଷା ପାଇଁ ମିଛିମିଛିକା ବୁଲେଟ୍ ପ୍ରୁଫ୍ ଜାକେଟ, ଗାଡିବନ୍ଧୁକ ଇତ୍ୟାଦି କିଣିବା ପାଇଁ ଅନ୍‌ଲାଇନ୍‌ରେ ବି ପେମେଟ୍ କରିବାକୁ ପଡିଥାଏ । ଏଥିପାଇଁ ହଜାର ହଜାର ଟଙ୍କା କ୍ଷତି ସହିବାକୁ ପଡୁଥାଏ । ତଥାପି ଯୁବ ସମାଜ ଏହି ଖେଳରୁ ନିଜକୁ ଦୂରେଇ ରଖିପାରୁନାହାଁନ୍ତି ।

## କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୯୦ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୨୬।୭ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୯୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ସେହିପରି ଏହି ସମୟ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିବା ଅଭିଯୋଗରେ ୭୭୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# କନ୍ଧମାଳର ଗ୍ରାମାଂଚଳରେ ନେଟୱାର୍କ ସମସ୍ୟା, ଅନଲାଇନ୍ ଶିକ୍ଷାଦାନ ସଫଳ ହେଉନି

କନ୍ଧମାଳ,୨୬।୭ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଗତ ମାର୍ଚ୍ଚ ୧୭ ତାରିଖରୁ ସମସ୍ତ ସ୍କୁଲ ବନ୍ଦ କରିଛନ୍ତି । ସ୍କୁଲ କେବେ ଖୋଲିବ ମଧ କହିବା ମୁସ୍କିଲ । ଏପରିସ୍ଥଳେ ସରକାର ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ ମାଧ୍ୟମରେ ଶିକ୍ଷାଦାନ କରିବା ବ୍ୟବସ୍ଥା ଆପଣାଇଛନ୍ତି । ମାତ୍ର କନ୍ଧମାଳ ଭଳି ଆଦିବାସୀ ଅଧ୍ୟୁଷିତ ପଛୁଆ ଜିଲ୍ଲାରେ ଏହା ସଫଳ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପିଲାଙ୍କ ପାଖରେ ଫୋର ଜି ମୋବାଇଲ ନାହିଁ କି ଇଂଟରନେଟ ସୁବିଧା ବି ନାହିଁ । ଯେଉଁଠି କିଛି କିଛି ଅଛି ସେଠି ଗତ ୨ ମାସ ହେଲା ଆରମ୍ଭ ହୋଇଛି । ହାତଗଣତି ବହୁତ୍ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଅନଲାଇନ୍‌ରେ ହ୍ୱାଟ୍ସଆପ୍‌ରେ ଯୋଡି ହୋଇଛନ୍ତି । ସେଥିରେ ପୁଣି ଘରେ ନେଟୱାର୍କ ଆସୁନଥିବାରୁ କିଏ ବିଲହୁଡାରେ ତ କିଏ ଗଛମୂଳେ ଆଉ କିଏ ଗଛ ଉପରେ ବି ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି । ବାଲିଗୁଡା ଏନଏସି ନିକଟବର୍ତୀ ଛାତ୍ରଛାତ୍ରୀ ମାନେ ମଧ ଗଛମୂଳେ ବସି ପାଠ ପଢୁଥିବା ଦେଖାଯାଉଛି । ସ୍ଥାନୀୟ ୧ନଂ ୱାର୍ଡର ନିକଳାସ୍ ଦିଗାଲଙ୍କ ଝିଅ ଗଛମୂଳକୁ ଯାଇ ସେଠାରେ ନେଟୱାର୍କ ଠିକ୍ ଆସୁନଥିବାରୁ ବସି ପାଠ ପଢୁଥିବା ଦେଖାଯାଇଥିଲା । ସେହିପରି ଅନ୍ୟଜଣେ ଛାତ୍ର ପ୍ରଜ୍ଞାମୟୀ ମଧ ଗଛମୂଳେ ପାଠ ପଢୁଛନ୍ତି । ଆଉକିଛି ବିଲହୁଡାରେ ପଟି ପକାଇ ବସୁଥିବା ବେଳେ କେହି କେହି ଗଛଡାଳକୁ ଯାଇ ଉପରେ ବସି ବି ପାଟ ପଢୁଥିବାର ରୋଚକ ଦୃଶ୍ୟମାନ ଦେଖିବାକୁ ମିଳିଛି ଜିଲ୍ଲାରେ । ଏବେ ଜିଲ୍ଲାର ଫୁଲବାଣୀ ଓ ବାଲିଗୁଡାରେ କଂଟେନମେଂଟ ଜୋନ୍ ଘୋଷଣା ଓ ସଟଡାଉନ୍ ଜିଲ୍ଲାରେ ଚାଲିଥିବାରୁ ଛାତ୍ରଛାତ୍ରୀ ମାନେ ଆଉ ଘରୁ ପଦାକୁ ବାହାରୁ ନଥିବାରୁ ଅନଲାଇନ୍ ପାଠ ପଢିପାରୁନଥିବା କହିଛନ୍ତି । ସେହିପରି ଜିଲ୍ଲାର ୧୨ଟି ବ୍ଲକର ସଦର ମହକୁମା ଅଂଚଳର କାଁ ଭାଁ ୮/୧୦ ଜଣ ଛାତ୍ରଛାତ୍ରୀଙ୍କୁ ଛାଡିଦେଲେ ବାକି ପଂଚାୟତ ଓ ଗ୍ରାମାଂଚଳରେ ଥିବା ଛାତ୍ରଛାତ୍ରୀ ମୋବାଇଲ ବ୍ୟବହାର ଜାଣିନଥିବା ବେଳେ ୪(ଜୀ) ମୋବାଇଲ ବି ସେମାନଙ୍କ ଅଭିଭାବକଙ୍କ ନିକଟରେ ନାହିଁ । ସେଠି କି ପାଠପଢା ହେବ ଅନଲାଇନ୍‌ରେ । ମଙ୍ଗଳ ବିଭାଗର ଶିକ୍ଷକ ଶିକ୍ଷୟତ୍ରୀ ଗାଁକୁ ଯାଇ ପାଠ ପଢାଉଥିବା ମଧ ଜଣାପଡିଛି ।

# ସମବାୟ ସମିତି ଗୁଡିର ଧାନ କିଣିବା ଅବଧି ଶେଷ : ବିକ୍ରି କରିପାରିନାହାନ୍ତି ସମସ୍ତ ଟୋକନ୍‌ଧାରୀ

ଜଳେଶ୍ୱର,୨୬।୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅଂଚଳରେ ଥିବା ସେବା ସମବାୟ ସମିତି ଗୁଡିକରେ ଧାନ କିଣିବା ଅବଧି ଶେଷ ହୋଇଥିଲେ ମଧ୍ୟ ଯୋଗାଣ ବିଭାଗ ଦେଇଥିବା ଟୋକନ୍‌ଧାରୀଙ୍କ ଠାରୁ ସମସ୍ତ ଧାନ କ୍ରୟ ହୋଇନଥିବା ଜଣାଯାଇଛି । ଫଳରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଜଳେଶ୍ୱର ବ୍ଲକ ଅଂଚଳରେ ରବି ଋତୁରେ ୮ହଜାର ହେକ୍ଟର ଓ ଖରିଫ ଋତୁରେ ୨୦ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ । ଗତ ଖରିଫ ଋତୁରେ ସବୁ ଟୋକଧାରୀଙ୍କ ନିକଟରୁ ଧାନ କ୍ରୟ କରାଯାଇନଥିବାର ବହୁ ଅଭିଯୋଗ ଡିଆର୍‌ସିଏସ୍, ଜିଲା ଯୋଗାଣ ଅଧିକାରୀ ଓ ଜିଲାପାଳଙ୍କ ଠାରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ରବି ଋତୁରେ ପ୍ରାୟ ୮ଲକ୍ଷ କ୍ୟୁଣ୍ଟାଲ ଧାନ ଅମଳ ହୋଇଥିବା ବେଳେ ସେ ସବୁ କିଣିବାପାଇଁ ବ୍ଲକ ଅଂଚଳରେ ଥିବା ୧୯ଟି ସେବା ସମବାୟ ସମିତିକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଟୋକନ୍ ଦିଆଯାଇଥିବା ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ନିୟମ ଥିଲେ ମଧ୍ୟ ଚଳିତବର୍ଷ ତାହା ହୋଇନାହିଁ । ପ୍ରକାଶଯୋଗ୍ୟ କେତେକ ଚାଷୀ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ନାମ ପଂଜିକରଣ କରିନଥିବାରୁ କିମ୍ବା ସେବାସମବାୟ ସମିତିର କେତେକ ଅସୁବିଧା ଯୋଗୁଁ ନାମ ପଂଜିକରଣ କରିପାରିନଥିଲେ । ଜୁଲାଇ ମାସ ଶେଷ ହେବାକୁ ଯାଉଥିବା ବେଳେ ବହୁ ସମବାୟ ସମିତିରେ ଟୋକନ୍‌ଧାରୀଙ୍କ ଧାନ କ୍ରୟ ହୋଇନଥିବା ଜଣାଯାଇଛି । ଫଳରେ ଆସନ୍ତା ୩୧ତାରିଖରେ ରାଇବଣିଆ ସେବାସମବାୟ ସମିତିରେ ତାଲା ପଡିବାକୁ ଥିବା ବେଳେ ଆମ୍ବଳିଅଠା ସେବା ସମବାୟ ସମିତିରେ ଉତ୍ତେଜନା ପ୍ରକାଶ ପାଇଛି । ଆମ୍ବଳି ଅଠା ସେବା ସମବାୟ ସମିତିରେ ୨୭୨ ଜଣ ଚାଷୀ ଟୋକନ୍ ପାଇଥିବା ବେଳେ ମାତ୍ର ୧୨୨ଜଣଙ୍କ ଠାରୁ ଧାନ କ୍ରୟ କରାଯାଇଛି ବୋଲି ମନୋରଂଜନ ଦେ, ମିହିର ଦେ, ସୁଧିର କୁମାର ଦେ, ସନ୍ତୋଷ କୁମାର ଦେ, ସ୍ୱରୂପ ନନ୍ଦୀ, ତନୁଜ ନନ୍ଦୀ, ମିହିର ଜେନା, ପ୍ରମୋଦ ଜେନା, ଖଗେନ୍ଦ୍ର ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି । କେବଳ ଏହି ଗୋଟିଏ ସେବା ସମବାୟ ସମିତି ନୁହେଁ ଜଳେଶ୍ୱର ବ୍ଲକରେ ୧୮ଟି ଯାକ ସେବା ସମବାୟ ସମିତିରେ ସମାନ ପରିସ୍ଥିତି ଉପୁଜିଥିବାରୁ ଚାଷୀମାନେ ଅଭାବି ବିକ୍ରିର ସମ୍ମୁଖୀନ ହେବାକୁ ବାଧ୍ୟ ହେବେ ବୋଲି ଜଣାଯାଇଛି ।

## ଲଗାତାର ଷଷ୍ଠ ବର୍ଷ ମରୁଡି ଅପେକ୍ଷାରେ ନୂଆପଡା ଚାଷୀ

ନୂଆପଡା,୨୬।୭ (ନି.ପ୍ର): ନୂଆପଡା ଜିଲ୍ଲାର ୫ ଗୋଟି ବ୍ଲକର ଚାଷୀ ଷଷ୍ଠ ବର୍ଷ ମରୁଡିର ସମ୍ମୁଖିନରେ ପଡିବେ ବୋଲି ଅନୁମାନ କରିଛନ୍ତି । ଜୁଲାଇ ମାସ ସରିବାକୁ ବସିଥିବା ବେଳେ କାଁ ଭାଁ ସ୍ୱଳ୍ପ ବର୍ଷାକୁ ଛାଡି ଦେଲେ ଆଉ ବର୍ଷାର ଦେଖା ଦର୍ଶନ ନାହିଁ । ଫଳରେ ଜୁଲାଇ ମାସର ଶେଷରେ ମଧ୍ୟ ଗ୍ରୀଷ୍ମ ମାସ ଭଳି ଖରା ଅନୁଭୂତ ହେବା ସହ ପ୍ରବଳ ଗରମ ହେଉଛି । ଫଳରେ ଚାଷୀ ଧାନ ବୁଣି ଆସନ୍ନ ମରୁଡିକୁ ଦେଖି ଆଶଙ୍କା ଏବଂ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଗତ ୧୦/୧୨ ଦିନ ପୂର୍ବେ ଲଘୁଚାପ ବର୍ଷା ହୋଇଥିଲେ ମଧ୍ୟ କେବଳ ଝିପି ଝିପି ବର୍ଷା ଲାଗି ରହିବା ଫଳରେ ମାଟି ମଧ୍ୟ ଠିକ ଭାବରେ ଭିଜି ନଥିଲା । ଯାହାଫଳରେ କିଛି ଚାଷୀ ନିକଟସ୍ଥ କୂଅ, ବନ୍ଧ, ପୋଖରୀ ମାନଙ୍କରେ ପମ୍ପ ଲଗାଇ ଚାଷ କାମ କରୁଥିବା ଦେଖିବାକୁ ମିଳିଛି । କିନ୍ତୁ ଯେଉଁ ଚାଷୀର ପାଣି ସେଚନର ବ୍ୟବସ୍ଥା କରିବାର ବ୍ୟବସ୍ଥା ନାହିଁ ସେହି ଚାଷୀ ମାନେ ଭଗବାନଙ୍କୁ ଭରଷା ରଖି ପଡି ରହିଛନ୍ତି । ବର୍ତ୍ତମାନ ମଧ୍ୟ ଅର୍ଦ୍ଧାଧିକ ଚାଷ ଜମିରେ ପାଣି ଅଭାବରୁ ସୁଖିଲା ପଡିଛି । ଫଳରେ ଚଳିତ ବର୍ଷ ମଧ୍ୟ ମରୁଡି ସ୍ଥିତି ଦେଖାଦେବ ବୋଲି ଚାଷୀ ଅନୁମାନ କରୁଛନ୍ତି । ଅନ୍ୟପକ୍ଷରେ ଗତ ୨୦୧୭ ଓ ୨୦୧୮ ବର୍ଷର ବୀମା ରାଶି ମଧ୍ୟ ନୂଆପଡା ଜିଲ୍ଲା ଚାଷୀ ପାଇନଥିବାରୁ ହତୋତ୍ସାହିତ ହୋଇ ପଡିଛନ୍ତି । ଚଳିତ ବର୍ଷ ମଧ୍ୟ କୃଷୀ ବୀମା ପାଇଁ ସରକାରଙ୍କ ପକ୍ଷରୁ ଚଳିତ ମାସ ୨୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିବା ବେଳେ କେବଳ ୬ ଦିନରେ କୃଷୀ ବୀମା କରିବା ଚାଷୀଙ୍କ ପାଇଁ ଅସମ୍ଭବ ହୋଇପଡିଛି ।

# ସପ୍ତାହଅନ୍ତ ସଟ୍ ଡାଉନ୍ ଅବଧି ଶେଷ

## ଅନଲକ୍-୩ କଟକଣା ଅପେକ୍ଷାରେ ଜନସାଧାରଣ

ବାଲେଶ୍ୱର,୨୬।୭ (ନି.ପ୍ର): କରୋନା ସଂକ୍ରମଣ ରୋକିବା ପାଇଁ ଲକଡାଉନ ଓ ସଟ ଡାଉନ୍ ଲାଗୁ ସହ ଜୁନ୍ ମାସରେ ଅନ୍‌ଲକ୍-୧ ଏବଂ ଚଳିତ ଜୁଲାଇ ମାସ ପହିଲାରୁ ଆରମ୍ଭ ହୋଇଥିଲା ଅନଲକ୍-୨ । ଅନଲକ୍-୨ର ଅବଧି ଶେଷ ହୋଇ ଆସୁଥିବା ବେଳେ ଅଗଷ୍ଟମାସରେ ଲାଗୁ ହେବାକୁ ଥିବା ଅନଲକ୍-୦୩ର କଟକଣାକୁ ନେଇ ଏବେ ସବୁ ମହଲରେ ଦେଖାଦେଇ ଉତ୍ସୁକତା । ଦିନକୁ ଦିନ ମହାମାରୀ କରୋନା କାୟା ବିସ୍ତାର କରି ଚାଲିଥିବା ବେଳେ ଅନଲକ୍-୦୩ରେ କିଛି କଟକଣା ହ୍ରାସ ହେବ କି ନାହିଁ ତାହାକୁ ନେଇ ସବୁଠି ପ୍ରଶ୍ନବାଚୀ ଦେଖାଦେଇଛି । ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କର ଅନଲକ୍ ୩ କଟକଣା କ'ଣ ରହିବ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ କିଛି ନୂଆ କଟକଣା ଲାଗୁ କରାଯିବ କିମ୍ବା ପୂର୍ବଭଳି ସପ୍ତାହଅନ୍ତ ସଟ୍ ଡାଉନ୍ ଜାରି ରହିବ ତାହାକୁ ନେଇ ସମସ୍ତଙ୍କ ମନରେ ଉଙ୍କି ମାରୁଛି ପ୍ରଶ୍ନ । ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଅନଲକ୍-୨ର ଶେଷ ସପ୍ତାହ ଅନ୍ତ ଦୁଇଦିନିଆ ସଟ ଡାଉନର ଅବଧି ଆଜି ଶେଷ ହୋଇଛି । ବାଲେଶ୍ୱର ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଛନ୍ତି । ସକାଳଠାରୁ ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ କ୍ଷେତ୍ରରେ ପଲିସ ଓ ପ୍ରଶାସନର ଅନୁମତି ନେଇ କାଁଭାଁ ଲୋକେ ବାହାରକୁ ବାହାରିଥିଲେ । ତେବେ ବଢୁଥିବା କରୋନା ସଂକ୍ରମଣ ରୋକିବା ପାଇଁ ସବୁ ମହଲରୁ ସତର୍କତା ଅବଲମ୍ବନ ସହ ସାମାଜିକ ଦୂରତ୍ୱ ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି ।

# କଟକରେ ସଂକ୍ରମିତ ହୋଇଛନ୍ତି ୨୧୧ କୋଭିଡ୍ ଯୋଦ୍ଧା

ଭୁବନେଶ୍ୱର,୨୬।୭ (ନି.ପ୍ର): କଟକ ଜିଲ୍ଲାରେ ଆଜିସୁଦ୍ଧା ୧,୬୧୪ଟି କୋଭିଡ୍ ପଜିଟିଭ୍ କେଶ୍ ଚିହ୍ନଟ ହୋଇଛନ୍ତି । ତନ୍ମଧ୍ୟରେ ୬୧୨ କଟକ ମହାନଗର ନିଗମର ଓ ୧୦୦୨ଟି କେଶ୍ ଜିଲ୍ଲାର ଅନ୍ୟ ଅଂଚଳର ଅଟନ୍ତି । ତନ୍ମଧ୍ୟରୁ ୧୧୧୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୪୮୩ଜଣ ସକ୍ରିୟ ଅଛନ୍ତି । କଟକ ମହାନଗର ନିଗମରେ ୩୦୭ ଜଣ ଏବଂ ଗ୍ରାମୀଣ କଟକରୁ ୧୭୬ ଜଣ ସକ୍ରିୟ ପଜିଟିଭ୍ ରହିଛି । କଟକ ଜିଲ୍ଲାରେ ୨୧୧ ଜଣ କୋଭିଡ୍ ଯୋଦ୍ଧା ସଂକ୍ରମିତ ହୋଇଥିଲେ । ତନ୍ମଧ୍ୟରୁ ୧୭୩ ଜଣ ସୁସ୍ଥ ହୋଇସାରିଛନ୍ତି ଓ ମାତ୍ର ୩୮ ଜଣ ଚିକିତ୍ସାଧୀନ ଅଛନ୍ତି ବୋଲି କଟକ ଜିଲ୍ଲା କୋଭିଡ୍ ପର୍ଯ୍ୟବେକ୍ଷକ ତଥା କୃଷି ବିଭାଗ ପ୍ରମୁଖ ସଚିବ ଡ. ସୌରଭ ଗର୍ଗ ସୂଚନା ଦେଇଛନ୍ତି । ରବିବାର ଦିନ କୋଭିଡ୍-୧୯ ମୁକାବିଲା ଦିଗରେ କଟକ ଜିଲ୍ଲାରେ ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ସଂପର୍କରେ ସୂଚନା ଦେଇ ଶ୍ରୀ ଗର୍ଗ କହିଛନ୍ତି ଯେ ବ୍ୟାପକ ଆନୁଷ୍ଠାନିକ ସଂଗରୋଧ ବ୍ୟବସ୍ଥା ଫଳରେ କଟକ ଜିଲ୍ଲାର ଗ୍ରାମାଂଚଳରେ କୋଭିଡ୍ ସଂକ୍ରମଣକୁ ବହୁମାତ୍ରାରେ ନିୟନ୍ତ୍ରିତ କରାଯାଇପାରିଛି । ଜିଲ୍ଲାରେ ୨୪ ହଜାର ୩୫୨ ଜଣ ବ୍ୟକ୍ତି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ରହି ଫେରିଛନ୍ତି । କଟକ ଜିଲ୍ଲାରେ ୨୪୬୨ ଶଯ୍ୟା ବିଶିଷ୍ଟ ୬୪ଟି କ୍ଲଷ୍ଟର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି ଯେଉଁଥିରେ କି ଏବେ ୬୯୮ ଜଣ ବ୍ୟକ୍ତି ରହିଛନ୍ତି । ଏବେଠାରୁ ଯେଉଁ ପ୍ରବାସୀମାନେ ଫେରିବେ, ସେମାନେ ଏହି କେନ୍ଦ୍ରଗୁଡ଼ିକରେ ସଙ୍ଗରୋଧରେ ରହିବେ । ନରସିଂହପୁର, ମାହାଙ୍ଗା ଓ ସାଲେପୁର ବ୍ଲକ୍ କୁ ଅଧିକ ପ୍ରବାସୀ ଫେରୁଛନ୍ତି । ଯେଉଁମାନଙ୍କର ଲକ୍ଷଣ ରହିଛି କିନ୍ତୁ କୋଭିଡ୍ ଟେଷ୍ଟ ହୋଇନାହିଁ, ସେମାନଙ୍କ ପାଇଁ ଜିଲ୍ଲାରେ ୩୮୯୦ ଶଯ୍ୟା ବିଶିଷ୍ଟ ୩୭୩ଟି କୋଭିଡ୍ କେୟାର ହୋମ୍ କାର୍ଯ୍ୟକ୍ଷମ ଅଛି । କଟକ ଜିଲ୍ଲାର ଡ୍ରୀମସ୍ (ଟାଙ୍ଗୀ)ରେ ୩୦୦ରୁ ଉର୍ଦ୍ଧ୍ୱ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଂଟର ରହିଛି । ଏଥିରେ ଆବଶ୍ୟକସ୍ଥଳେ ଶଯ୍ୟା ସଂଖ୍ୟା ୫୦୦କୁ ବୃଦ୍ଧି କରାଯାଇପାରିବ । ସେହିପରି ଆଠଗଡ ଉପଖଣ୍ଡରେ କୋଭିଡ୍ ସଂକ୍ରମିତଙ୍କୁ ରଖାଯିବା ପାଇଁ ବଡମ୍ବାରେ ୧୦୦ ଶଯ୍ୟାବିଶିଷ୍ଟ ଏକ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା କରାଯିବ । ଏହା ବ୍ୟତୀତ ଆଠଗଡର ଜିମ୍ ସାରଠାରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହେଲଥ୍ ସେଂଟର କାର୍ଯ୍ୟକ୍ଷମ ରହିଛି । କଟକ ଜିଲ୍ଲାର ଗ୍ରାମାଂଚଳରେ ମୋଟ ୪୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଂଟର ଓ କୋଭିଡ୍ ହେଲ୍‌ଥ ସେଂଟର ରହିଛି, ଯାହାକି ଆଗାମୀ ୧୦ ଦିନ ମଧ୍ୟରେ ୭୫୦ କୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରହିଛି । ରୋଗ ଚିହ୍ନଟ, ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସଂଗରୋଧ କରିବା ଏବଂ ପରୀକ୍ଷଣ ପାଇଁ ଜିଲ୍ଲାରେ ୧୮୨୧ଟି କୋଭିଡ୍ ପରିଚାଳନା କମିଟି ଗଠିତ ହୋଇଛି । ଯେଉଁମାନେ କି ଜିଲ୍ଲାରେ କୋଭିଡ୍ ପରିଚାଳନାରେ ସକ୍ରିୟ ଭୂମିକା ନିର୍ବାହ କରୁଛନ୍ତି । ସେହିପରି ସହରାଂଚଳରେ ୧୧୩ଟି ୱାର୍ଡ କମିଟି ରହିଛି । ଏହି କମିଟିଗୁଡ଼ିକରେ ଆଶା, ଏଏନ୍‌ଏମ୍, ଅଙ୍ଗନୱାଡି କର୍ମୀ ଏବଂ ସ୍ଥାନୀୟ ନିର୍ବାଚନ ଜନପ୍ରତିନିଧି ସଦସ୍ୟ ରହିଛନ୍ତି । ରୋଗ ପରୀକ୍ଷଣରେ ଓ ସଂଗରୋଧରେ ସାହାଯ୍ୟ କରିବା ବ୍ୟତୀତ ସେମାନେ ପ୍ରଶାସନକୁ ଜିଲ୍ଲାରେ ପହଁଚୁଥିବା ସଦ୍ୟତମ ପ୍ରବାସୀମାନଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁଛି । ଜ୍ୱର, ଥଣ୍ଡା, କାଶ ବା ଇନ୍‌ଫ୍ଲୁଏଞ୍ଜା ଭଳି ଲକ୍ଷଣ ଥିବା, ଶ୍ୱାସକ୍ରିୟାଜନିତ କଷ୍ଟ ଅନୁଭବ କରୁଥିବା ବ୍ୟକ୍ତି ଏବଂ କୋଭିଡ୍ ପଜିଟିଭ୍ ଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ତଥା ପ୍ରବାସୀମାନଙ୍କୁ ସ୍କ୍ରିନିଂ କରାଯାଇ ପରୀକ୍ଷଣ କରାଯାଉଛି । କୋଭିଡ୍ ରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କୋଭିଡ୍ ସ୍ୱେଚ୍ଛାସେବୀମାନଙ୍କୁ ଚୟନ ପ୍ରକ୍ରିୟା ଚାଲୁ ରହିଛି, ଯେଉଁମାନେ କି କୋଭିଡ୍ କେୟାର ହୋମ୍ ପରିଚାଳନାରେ ସାହାଯ୍ୟ କରିପାରିବେ । କୋଭିଡ୍ ରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ଲାଜ୍‌ମା ଦାନ ପାଇଁ ଉତ୍ସାହିତ କରାଯାଉଛି । କୋଭିଡ୍ ଯୋଦ୍ଧାମାନଙ୍କୁ ନିରାପଦ ରଖିବା, କାର୍ଯ୍ୟାଳୟଗୁଡ଼ିକୁ କୋଭିଡ୍ ସଂକ୍ରମଣମୁକ୍ତ କରିବା ପାଇଁ ସାମାଜିକ ଦୂରତ୍ୱ ଓ କୋଭିଡ୍-୧୯ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ଗର୍ଗ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାସନକାର୍ଡ ଅନିୟମିତତାରେ ...

ଏହିପରି ଅନେକ ଉଦାହରଣ ରହିଛି ଯେଉଁଥିରେ ଯୋଗ୍ୟ ହିତାଧିକାରୀଙ୍କୁ ଧର୍ମଶାଳା ବିଡିଓ ସ୍ମିତା ରଥ ଅଣଦେଖା କରି ମିଥ୍ୟାସତ୍ୟପାଠ ହାଇକୋର୍ଟରେ ଦାଖଲ କରିଛନ୍ତି । ଡ.ସାମନ୍ତସିଂହାର ଫଟୋ ସହ ମିଥ୍ୟା ସତ୍ୟପାଠର ସମସ୍ତ ତଥ୍ୟ ପ୍ରମାଣ ଗଣମାଧ୍ୟମ ଆଗରେ ରଖିଛନ୍ତି । ରାସନ କାର୍ଡ ଥିବା ଲୋକଙ୍କୁ ରାସନ ସାମଗ୍ରୀ ମିଳୁନାହିଁ । କମାଗଡ ପଂଚାୟତର ସୁନନ୍ଦା ଭୂୟାଁ, ମହିଶର ପଂଚାୟତର ବାସନ୍ତୀ ସାହୁଙ୍କ ନାଁରେ ରାସନ କାର୍ଡ ଥିବାସତ୍ୱେ ସେମାନଙ୍କୁ ରାସନ ସାମଗ୍ରୀ ମିଳୁନାହିଁ । ଅନେକ ସ୍ଥାନରେ ଡିଲରମାନେ ନିଜ ନାଁରେ ରାସନକାର୍ଡ କରି ରାସନ ସାମଗ୍ରୀ ଉଠାଉଛନ୍ତି । ଏଭଳି ପୂରା ବ୍ଲକରେ ରାସନ କାର୍ଡ ବ୍ୟାପକ ଅନିୟମିତତାର ପ୍ରମାଣ ମିଳିଛି । ଏହା କେବଳ ଗୋଟିଏ ବ୍ଲକ ନୁହେଁ ବଂର ସାରା ରାଜ୍ୟରେ ଏମିତି ଦୁର୍ନୀତି ଚାଲିଛି ବୋଲଇ ସେ ଅଭିଯୋଗ କରିଛନ୍ତି ।

### ରାଜ୍ୟରେ ଗୋଟିଏ ...

ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୪୮୪ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୫ , ବାଲେଶ୍ୱର ଜିଲ୍ଲାରେ ୨୯ ଜଣ, ବରଗଡ ଜିଲ୍ଲାରେ ୭, ଭଦ୍ରକ ଜିଲ୍ଲାରେ ୧୦ , ବଲାଙ୍ଗୀର ଜିଲ୍ଲାରେ ୧୯. ବୌଦ୍ଧ ଜିଲ୍ଲାରେ ୮, କଟକ ଜିଲ୍ଲାରେ ୭୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୧, ଢେଙ୍କାନାଳ ଜିଲ୍ଲାରେ ୧୫, ଗଜପତି ଜିଲ୍ଲାରେ ୭୪, ଜଗତସିଂହପୁର ଜିଲ୍ଲାରେ ୧୧, ଯାଜପୁର ଜିଲ୍ଲାରେ ୮, ଝାରସୁଗୁଡା ଜିଲ୍ଲାରେ ୬, କଳାହାଣ୍ଡି ଜିଲ୍ଲାରେ ୧୧. କନ୍ଧମାଳ ଜିଲ୍ଲାରେ ୧୨, କେନ୍ଦ୍ରାପଡା ଜିଲ୍ଲାରେ ୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୧୦୩ , ଖୋର୍ଦ୍ଧା ଜିଲ୍ଲାରେ ୧୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୭ ଜଣ, ମାଲକାନଗିରି ଜିଲ୍ଲାରେ ୧୫, ମୟୁରଭଂଜ ଜିଲ୍ଲାରେ ୨୨, ନବରଂଗପୁର ଜିଲ୍ଲାରେ ୨୧, ନୟାଗଡ ଜିଲ୍ଲାରେ ୩୦, ନୂଆପଡା ଜିଲ୍ଲାରେ ୪, ପୁରୀ ଜିଲ୍ଲାରେ ୯୧, ରାୟଗଡା ଜିଲ୍ଲାରେ ୪୫ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୧୭, ସୋନପୁର ଜିଲ୍ଲାରେ ୫ ତଥା ସୁନ୍ଦରଗଡ ଜିଲ୍ଲାରେ ୩୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୪,୫୮,୧୨୦ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୨୫,୩୮୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୧୬,୭୯୨ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଥିବା ବେଳେ ୧୪୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି । ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୮,୪୨୨ ରହିଛି । ୯,୨୮୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍ ରେ ରହିଛନ୍ତି ।

### କଳାହାଣ୍ଡି ଡେପୁଟି ...

ବୋଲି ଦଲାଲ ଅଭିଜିତ ମହଲ ବାଲିମାଫିଆଙ୍କୁ ପ୍ରତିଶ୍ରୁତି ଦେଉଥିଲେ । ପୋଲିସ ଏହି ଘଟଣାରେ ଦଲାଲ ଅଭିଜିତ ମହଲକୁ ଗିରଫ କରିଥିଲା । ଆଉ ବେତନଟି ତହସିଲଦାର ଅନିଶା ଦାସଙ୍କୁ କଳାହାଣ୍ଡିକୁ ବଦଳି କରିଦିଆଯାଇଥିଲା । ତେବେ ଆଜି ଅନିଶାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି । ଏହାସହ ଜିଲ୍ଲାପାଳଙ୍କ ବିନାଅନୁମତିରେ ମୁଖ୍ୟାଳୟ ନଛାଡିବାକୁ ନ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ସରକାରଙ୍କୁ କଂଗ୍ରେସର...

ସଂକୋଚନ ହେତୁ ହୋଇଛି । ସରକାରୀ କ୍ଷେତ୍ରରେ ୨୦୦୪ ଅଗଷ୍ଟ ମାସରେ ବିଜ୍ଞପ୍ତି ବାହାର କଲେ ଯେଉଁଥିରେ ୭୫% ଖାଲି ପଦବୀ ଯାହାକି ୩ଲକ୍ଷରୁ ଉର୍ଦ୍ଧ୍ୱ ଉଚ୍ଛେଦ କରାଗଲା । ଏଣୁ ଏବେ ଘୋଷିତ ଖର୍ଚ୍ଚକାଟ ବିଜ୍ଞପ୍ତିରେ ଗତ ୫ବର୍ଷ ଧରି ଖାଲିଥିବା ପଦବୀ ୧୦୦% ରୁ ଉଚ୍ଛେଦ ଘୋଷଣା ହୋଇଛି । ତେବେ ଏହି ଅବ୍ୟବସ୍ଥାଟି ପାଇଁ କ'ଣ କେବଳ କରୋନା ମହାମାରୀ ଦାୟୀ ? ରାଜ୍ୟର ୨ଲକ୍ଷ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବନ୍ଦ ଗତ ୨୦ବର୍ଷରେ ହୋଇଛି । ସମସ୍ତ ଚିନିକଳ, ସୂତାକଳ, ଲୁଗାକଳ, ତେଲକଳ ଆଦି ବନ୍ଦ କେଉଁ ସମୟରେ ହୋଇଛି ? ରାଜ୍ୟ ସରକାର ରାଜ୍ୟର ସ୍ୱାର୍ଥକୁ କେନ୍ଦ୍ର ହାତରେ କେଉଁ ସ୍ୱାର୍ଥରେ ଟେକି ଦେଇଛନ୍ତି ? ସେବା ଓ ଦ୍ରବ୍ୟକର ମାନଙ୍କରେ ୨୦୧୯-୨୦ ବର୍ଷ ପାଇଁ ୧ହଜାର କୋଟି ଟଙ୍କା ଓ ଚଳିତ ବର୍ଷର ପ୍ରଥମ ଦୁଇଟି କିସ୍ତି ଆଇନ ଅନୁସାରେ ୧୪% ହାରରେ ଆଣି ନାହାନ୍ତି କାହିଁକି ? ରାଜ୍ୟର ଅମୂଲ୍ୟ ସମ୍ପଦ ଖଣିଜ ପଦାର୍ଥ ନିଲାମ ଦିଆଗଲା । ଏହାର ରୟାଲଟି ଗତ ୪ବର୍ଷ ଧରି ଘଟିନାହିଁ । ଏ ବାବଦରେ ୧୦ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜ୍ୟ ହରାଇଛି, ନା ଅଛି ? ସରକାର ନିରବ କାହିଁକି ? ଚତୁର୍ଦ୍ଦଶ ଅର୍ଥ କମିଶନର ସୁପାରିଶ ଅନୁସାରେ ୧% କାଟିଦେବା ଫଳରେ ରାଜ୍ୟ ପ୍ରତିବର୍ଷ ହାରାହାରି ୫୦୦କୋଟି ଟଙ୍କା ହରାଉଛି ନା ନାହିଁ ? ସୁପ୍ରିମ୍ କୋର୍ଟଙ୍କ ରାୟ ଅନୁସାରେ ଖଣିମାଲିକଙ୍କ ଉପରୁ ଆଦାୟ କରୁଥିବା ୧୮ହଜାର କୋଟିଟଙ୍କା ଆଦାୟ କରାଯାଇ ନାହିଁ କାହିଁକି ? ପାରାଦ୍ୱୀପ୍ ରିଫାଇନାରୀ ଉପରେ ବକେୟା ଥିବା ଟିକସ୍ ଅନାଦେୟ ହୋଇ ପଡ଼ିଛି କାହିଁକି ? ବୋଲି ସେ ପ୍ରଶ୍ନ କରିଛନ୍ତି ।

# ଜଳେଶ୍ୱର ବ୍ଲକର ଆମ୍ବଳିଅଠା ଗାଁ ହେଲା ସଟ୍‌ଡାଉନ୍

## ୧୫ କରୋନା ପଜେଟିଭ୍ ଚିହ୍ନଟ : ସୋମବାରରୁ ଶୁକ୍ରବାର ଦିନ ୧୨ରୁ ସକାଳ ୫ କଟକଣା ଜାରି

ଜଳେଶ୍ୱର, ୨୬/୭ (ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ପଂଚାୟତର ଉପାନ୍ତ ଗାଁ ଆମ୍ବଳିଅଠାରେ ୧୫ଜଣ କରୋନା ପଜେଟିଭ୍ ଚିହ୍ନଟ ହେବାପରେ ଆସନ୍ତା ସୋମବାର ଦିନ ୧୨ଟାରୁ ସଟ୍‌ଡାଉନ୍ ଘୋଷଣା କରିଛନ୍ତି ସରପଂଚ । ପ୍ରତିଦିନ ଦ୍ୱି ପ୍ରହରରୁ ସକାଳ ୫ଟା ଯାଏ କରୋନା ଆଇନ୍ ଲାଗୁ ସଂପର୍କରେ ଆଜି ମାଇକ୍‌ରେ ଗାଁ ଯାକ ସୂଚନା ଦିଆଯାଇଛି । ଏହି ଗାଁରେ ୧୫ଜଣ ଚିହ୍ନଟ ହୋଇଥିବା ବେଳେ ଗୋଟିଏ ପରିବାରରୁ ୮ଜଣ ଚିହ୍ନଟ ହୋଇଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ସରପଂଚ ଦୀପାଳୀ ଜେନା କହିଛନ୍ତି । ସଟ୍‌ଡାଉନ୍‌ର କୋହଳ ନିୟମ ଲାଗୁ କରାଯାଇଥିବାରୁ ଅଧିକ କଟକଣା ଲାଗୁ ହେବ ନାହିଁ ବୋଲି ସେ କହିଛନ୍ତି । କିନ୍ତୁ ସକାଳ ୫ରୁ ଦିନ ୧୨ଟା ପରେ ଏହି ନିୟମକୁ କଡାକଟି କରାଯିବ ବୋଲି ସେ କହିଛନ୍ତି । ଆସନ୍ତା ସୋମବାର ଏପରି କଟକଣା ଲାଗୁ ହେବାକୁ ଥିବା ବେଳେ ଗାଁର ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ଜ୍ୱର, ଥଣ୍ଡା, କାଶ, ଡାଇବେଟଇସ୍ ଇତ୍ୟାଦି ରୋଗୀ ଚିହ୍ନଟ କାର୍ଯ୍ୟ ଚାଲୁ ରହିଛି ।

# ପୂର୍ବୋତ୍ତରରେ ୮ଟି ରାଜ୍ୟରେ ମୋଟ ୪୧,୦୭୯ କରୋନା ରୋଗୀ

## ଗତ ୨୪ ଘଂଟାରେ ୧୫୩୦ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ, ୨୬ ଜୁଲାଇ (ହି.ସ.) - ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସୁଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧ୍ୟରେ ୧୫୩୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୧,୦୭୯ରେ ପହଂଚିଛି । ଏଥିମଧ୍ୟରୁ ୨୮,୭୭୪ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୪୫୪ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୧୨,୭୭୫ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୯୬ ଜଣ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ କରୋନା ରୋଗୀ ବାହାରକୁ ଚାଲିଯାଇଛନ୍ତି । ଆସାମରେ ନୂଆ ରୋଗୀଙ୍କ ସଂଖ୍ୟା ୧୧୬୫ ରେ ପହଂଚିଛି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୩୧,୦୮୭ ହୋଇଛି । ଏଥିରୁ ୨୩,୬୫୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୨୯୪ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୭୯୫୧ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୭୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି । ତ୍ରିପୁରାରେ ୧୦୫ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୮୮୨ ରେ ପହଂଚିଛି । ୨୨୧୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୭୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୬୪୩ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୧୧ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୩୦ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୨୧୭୬ ରେ ପହଂଚିଛି । ସେଥିମଧ୍ୟରୁ ୧୫୨୦ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୯ ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୫୬ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ନାଗାଲାଣ୍ଡରେ ୫୦ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୨୮୯ ହୋଇଛି । ରାଜ୍ୟରେ ୫୪୧ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୭୪୮ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ଅରୁଣାଚଳ ପ୍ରଦେଶରେ ୭୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୧୨୬ ହୋଇଛି । ୪୨୮ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୩୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୯୫ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୫୯ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୪୬ ରେ ପହଂଚିଛି । ୯୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୫୪୭ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୫ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ୨୯ ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୬୧ ରେ ପହଂଚିଛି । ୧୮୩ ଜଣ ସୁସ୍ଥ ହୋଇଛନ୍ତି । ୧୭୮ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ସିକ୍କିମରେ ୨୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୧୨ରେ ପହଂଚିଛି । ୧୪୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୩୫୭ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣକର ମୃତ୍ୟୁ ହୋଇଛି ।

# କାଙ୍ଗଡ଼ାରେ ଗୋଟିଏ ପରିବାରରୁ ୪ ସଦସ୍ୟ ଏବଂ ସେନାର ୫ ଯବାନ ସହିତ ୧୩ କରୋନା ସଂକ୍ରମିତ

ଧର୍ମଶାଳା,୨୬।୭ (ନି.ପ୍ର): କାଂଗଡ଼ା ଜିଲ୍ଲାରେ କରୋନାର ସଂକ୍ରମଣ ବଢ଼ିବାରେ ଲାଗିଛି । ଶନିବାର ବିଳମ୍ବିତ ରାତିରେ ଜିଲ୍ଲାରେ ୧୩ ନୂଆ କରୋନା ସଂକ୍ରମିତ ମାମଲା ଦୃଷ୍ଟିଗୋଚର ହୋଇଛି । ପ୍ରଥମେ ୪ ମାମଲା ସହିତ ୧୩ ନୂଆ ମାମଲାକୁ ମିଶାଇ ଗୋଟିଏ ଦିନରେ ଜିଲ୍ଲାରୁ ୧୭ ମାମଲା ସାମନାକୁ ଆସିଛି । ନୂଆ ମାମଲା କାଂଗଡ଼ା ତହସିଲ ଏରିଆରେ ଗୋଟିଏ ପରିବାରରୁ ୪ ସଦସ୍ୟ ସହିତ ୫ ସେନାର ଯବାନ କରୋନା ସଂକ୍ରମିତ ହୋଇଛନ୍ତି । ସେହିପରି ନୁରପୁର ତହସିଲ ଅଂଚଳର ରିଟ୍ ଗାଁର ଗୋଟିଏ ପରିବାରର ୩ ସଦସ୍ୟ ମଧ୍ୟ କରୋନା ପଜିଟିଭ ମିଳିଛି । ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ଏବେ ୪୦୩ରେ ପହଂଚିଛି । ଗତ ରାତିରେ ଆସିଥିବା ମାମଲା ସଂକ୍ରମିତ ବ୍ୟକ୍ତିର ସମ୍ପର୍କରେ ଆସିଥିବା କାଂଗଡ଼ା ତହସିଲର କୁଲଥି ଗ୍ରାମର ଗୋଟିଏ ପରିବାରରୁ ୩୨ ବର୍ଷିୟ ମହିଳା, ୯ ବର୍ଷର ପୁତ୍ର ଏବଂ ୬ ବର୍ଷର କନ୍ୟା ସହିତ ୨୭ ବର୍ଷିୟ ଦେଓର ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ଚାରିଜଣଙ୍କୁ କୋଭିଡ଼୍ କେୟାର ସେଂଟରକୁ ସ୍ଥାନାନ୍ତର କରାଯାଇଛି । ଏହା ବ୍ୟତୀତ ସେନାର ୫ ଯବାନଙ୍କ ମଧ୍ୟରୁ ୨୫ ବର୍ଷୀୟ ଯବାନକୁ ୟୋଲ ସେନାର ସଂଗରୋଧ କେନ୍ଦ୍ରରେ ରଖାଯାଇଛି । ସିକ୍କିମରୁ ଫେରିଥିବା ନେହରନପୁଖର ର ଦୁଇ ଜଣ ୨୯ ଓ ୩୮ ବର୍ଷୀୟ ଦୁଇ ଜଣ ଯବାନ, ଲେହରୁ ଆସିଥିବା ୩୧ ବର୍ଷିୟ ନେହନପୁଖରର ହାର ଗ୍ରାମର ଯବାନ ତଥା ନୋଏଡ଼ାରୁ ଫେରିଥିବା ଧର୍ମଶାଳାର ମନେଢ଼ ଗ୍ରାମର ୩୪ ବର୍ଷିୟ ଯବାନ ସାମିଲ ଅଛନ୍ତି । ସେନା ଯବାନ ମାନଙ୍କୁ ସେନା ହସ୍ପିଟାଲ ୟୋଲ ପଠାଇ ଦିଆଯାଇଛି । ଏହା ବ୍ୟତୀତ ହାଇଦ୍ରାବାଦରୁ ଫେରିଥିବା ନୁରପୁର ତହସିଲର ରିଟ ଗ୍ରାମର ୬୮ ବର୍ଷିୟ ବୃଦ୍ଧ ମହିଳା, ତାଙ୍କର ୩୧ ବର୍ଷୀୟ ବୋହୁ ତଥା ୬ ବର୍ଷର ନାତି ସାମିଲ ଅଛନ୍ତି । ପଲଟ୍ରି କାମ କରୁଥିବା ୪୦ ବର୍ଷିୟ ଏକ ବେପାରୀ ମଧ୍ୟ କରୋନା ପଜିଟିଭ ଚିହ୍ନଟ ହୋଇଛି । ୧୦ ଦିନ ପୂର୍ବରୁ ସେ ପଠାନକୋଟ ଯାଇଥିଲେ । ଏବେ ତାଙ୍କର ପଜିଟିଭ ମିଳିଛି । ଏମାନଙ୍କୁ କୋଭିଡ଼୍ କେୟାର ସେଂଟରକୁ ପଠାଇ ଦିଆଯାଇଛି । ଶନିବାର ବିଳମ୍ବିତ ରାତିରେ ଜିଲ୍ଲାରେ ଜଣେ କରୋନା ସଂକ୍ରମିତ ବ୍ୟକ୍ତିର ରିପୋର୍ଟ ନେଗେଟିଭ ଆସିଛି । ଦେହରା ତହସିଲର ପନିୟାଲ ଗ୍ରାମର ୩୯ ବର୍ଷିୟ ସେନାର ଯବାନ ଯିଏକି ୟୋଲ ହସ୍ପିଟାଲରେ ଚିକିତ୍ସିତ ଥିଲେ, ଘରକୁ ଫେରିଛନ୍ତି । ଏବେ ଘରେ ତାଙ୍କୁ ୭ ଦିନ ପାଇଁ ଘରୋଇ ଏକାନ୍ତବାସରେ ରହିବାକୁ ହେବ । ଜିଲ୍ଲାରେ ନୂଆ ମାମଲା ସହିତ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୦୩ ରେ ପହଂଚିଛି । ଜିଲ୍ଲାରେ ଏବେ ସୁଦ୍ଧା ୩୦୮ କରୋନା ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୯୨ ଜଣ ସକ୍ରିୟ ରୋଗୀ ଅଛନ୍ତି ଏବଂ ୩ ଜଣଙ୍କର ମୃତ୍ୟୁ ହୋଇଛି ।

## ପ୍ରଶାସନର ବୈଠକ : କଣ୍ଟେନ୍‌ମେଣ୍ଟ ଓ ସଟ୍‌ଡାଉନ୍ ସମୟସୀମା ବୃଦ୍ଧି ସୁପାରିଶ

ଜଳେଶ୍ୱର, ୨୬/୭ (ନି.ପ୍ର) : ଆଜି ମ୍ୟୁନିସିପାଲଟି କାର୍ଯ୍ୟାଳୟରେ ଜଳେଶ୍ୱରର ପ୍ରଶାସନୀକ ସ୍ତରୀୟ ସମସ୍ତ କର୍ମକର୍ତ୍ତାଙ୍କର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମ୍ୟୁନିସିପାଲଟିର ପ୍ରଶାସକ ନିଲୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତହାସିଲଦାର କ୍ଷୀରୋଦ କୁମାର ପଣ୍ଡା, ବିଡିଓ ଦିପ୍ତିରଂଜନ ସେଠୀ, ପୌରଅଧିକାରୀ ଅଜୟ ମହାପାତ୍ର, ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ ଓ ଆଇଆଇସି ଧନେଶ୍ୱର ସାହୁ ଯୋଗ ଦେଇଥିଲେ । ଜଳେଶ୍ୱର ମ୍ୟୁନିସିପାଲଟି ଓ କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ଲକ୍ଷ୍ୟକରି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସଟ୍‌ଡାଉନ୍ ଓ ଆଉ ୭ ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ଲାଗି ସୁପାରିକରି ଜିଲାପାଳଙ୍କୁ ପଠାଯାଇଥିବା ଜଣାଯାଇଛି ।

# କାରଗିଲ ବିଜୟ ଦିବସରେ ବେଳାଭୂମି ସଫେଇ

ବାଲେଶ୍ୱର,୨୬।୭ (ନି.ପ୍ର): କାରଗିଲ ବିଜୟ ଦିବସ ପାଳନ ଅବସରରେ ସହିଦ୍ ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ କଲେଜ୍ ଛାତ୍ରଛାତ୍ରୀମାନେ ଆଜି ଚାନ୍ଦିପୁର ବେଳାଭୂମି ସଫେଇ କରିଛନ୍ତି । ଛାତ୍ରନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଶିବଶଙ୍କର ପରିଡ଼ା, କମଳଲୋଚନ ମୈକାପ, ପ୍ରଦୀପ ମାରାଣ୍ଡି, ନୀଳାଦ୍ରି ନିବାସିନୀ ଦାସ, ଏସବି ସିମରନ୍, ଶଙ୍କରନାଥ ଟୁଡୁ, ସୁବାସ ଚନ୍ଦ୍ର ଗିରି, ରାକେଶ ବାରିକ, କିରଣମୟୀ ଜେନା, ବିପିନ ଟୁଡୁ, ସୁମତୀ ସିଂ, ଜଗନ୍ନାଥ ମାରାଣ୍ଡି ପ୍ରମୁଖଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବେଳାଭୂମିରେ ପହଞ୍ଚି ନିରବ ପ୍ରାର୍ଥନା ସହ ଦିବଂଗତ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ସେମାନେ ପାନ୍ଥ ନିବାସ ପାର୍ଶ୍ୱ ଓ ସମୁଦ୍ରକୂଳକୁ ପରିଷ୍କାର କରିଥିଲେ । ଦୀର୍ଘଦିନରୁ ପଡ଼ିଥିବା ଅଳିଆ ବାର୍ଜନାକୁ ସଫା କରିବା ସହ ତାହାକୁ ଗୋଟିଏ ସ୍ଥାନରେ ଠୁଳ କରି ପୋଡ଼ିଥିଲେ ।

ସୋମବାର, ୨୭ ଜୁଲାଇ ୨୦୨୦
ଧ୍ୱନି ପ୍ରତିଧ୍ୱନି


# ଚାଷୀ ମାନେ କାଳିଆ ଟଙ୍କା ଫେରସ୍ତ କରନ୍ତୁ ନାହିଁ: ପ୍ରଦୀପ୍ତ ନାଏକ

ଭୁବନେଶ୍ୱର,୨୬।୭ (ନି.ପ୍ର): ନିର୍ବାଚନ ଜିତିବା ଓ କ୍ଷମତା ଆପଣେଇବା ପାଇଁ କାଳିଆ ଯୋଜନାକୁ ରାଜ୍ୟ ସରକାର ତରବରିଆ ଭାବେ ଆରମ୍ଭ କରିଥିଲେ । ଦଳୀୟ କର୍ମୀମାନଙ୍କୁ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନା ମାଧ୍ୟମରେ ଟଙ୍କା ବଂଟାଯାଇଥିଲା । ଆଉ ଏବେ ନିର୍ବାଚନ ସରିବା ପରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅର୍ଥ ଫେରାଇବା କହି ଚାଷୀଙ୍କ ମନରେ ଆତଙ୍କ ସୃଷ୍ଟି କରୁଛନ୍ତି ରାଜ୍ୟସରକାର । ଏବେ ରାଜ୍ୟସରକାର ୩ ଲକ୍ଷ ୪୧ ହଜାର ଚାଷୀଙ୍କ ଠାରୁ ୫ ହଜାର ଟଙ୍କା ଲେଖାଏଁ ୧ ମାସ ଭିତରେ ଫେରାଇବା ପାଇଁ ନୋଟିସ କରିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ଚାଷୀଭାଇମାନେ ସରକାରଙ୍କୁ ଟଙ୍କା ମାଗିନଥିଲେ । ଏଣୁ ରାଜ୍ୟର ଚାଷୀଭାଇ ମାନେ ଗୋଟିଏ ବି ଟଙ୍କା ଫେରସ୍ତ କରନ୍ତୁ ନାହିଁ ବୋଲି ମୁଖ୍ୟ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ କହିଛନ୍ତି । କାଳିଆ ଯୋଜନା ଆରମ୍ଭରୁ ପ୍ରଥମେ ହିତାଧିକାରୀଙ୍କ ପାଖରୁ ଦରଖାସ୍ତ ଗ୍ରହଣ କରାଯାଇଥିବ ଏବଂ ଏହାକୁ ତନଖି କରି ଯୋଗ୍ୟ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଥିବ । କିନ୍ତୁ ନିର୍ବାଚନ ଥିବାରୁ ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ତରବରିଆ ଭାବେ ଲାଗୁ କରି ୫ ହଜାର ଟଙ୍କା ଲେଖାଏଁ ୫୧ ଲକ୍ଷ ଲୋକଙ୍କୁ ବାଂଟି ଭୋଟ ହାତେଇଥିଲେ । ଏବେ ୩ ଲକ୍ଷ ୪୧ ହଜାର ଚାଷୀଙ୍କୁ ଅଯୋଗ୍ୟ ଦର୍ଶାଇ ସେମାନଙ୍କ ଠାରୁ ୧୭୦ କୋଟି ୫୦ ଲକ୍ଷ ଟଙ୍କା ଆଦାୟ କରିବାକୁ ବସିଛନ୍ତି । ଚାଷୀମାନେ ପଇସା ମାଗିନଥିଲେ । ସରକାର ତାଙ୍କ ସ୍ୱାର୍ଥ ପାଇଁ କାଳିଆ ଯୋଜନାକୁ ଲାଗୁ କରିଥିଲେ । ରାଜ୍ୟର କୌଣସି ଚାଷୀଭାଇ ସେମାଙ୍କର ଟଙ୍କା ନଫେରାଇଲେ କିଛି ବି ଅସୁବିଧା ହେବ ନାହିଁ ବୋଲି ଶ୍ରୀ ନାଏକ କହିଛନ୍ତି । ରାଜ୍ୟସରକାର ଚାଷୀଙ୍କ ପାଖରୁ ଅର୍ଥ ଆଦାୟ କରିବାର ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ । କାଳିଆ ଯୋଜନାରେ ତାଲିକାରେ ଯେଉଁ ଅଧିକାରୀମାନେ ନିଜ କ୍ଷମତାକୁ ଅପବ୍ୟବହାର କରି ଅଯୋଗ୍ୟ ହିତାଧିକାରୀମାନଙ୍କୁ ସାମିଲ କରିଛନ୍ତି ସେହି ସରକାରୀ ଅଫିସର ଏବଂ କୃଷି ଅଧିକାରୀମାନଙ୍କ ଠାରୁ ଏହି ଅର୍ଥ ଆଦାୟ କରାଯାଉ ବୋଲି ଶ୍ରୀ ନାଏକ କହିଛନ୍ତି ।

# ଆଇଟିଆର ପକ୍ଷରୁ ଡ୍ରୋନ୍ ଦ୍ୱାରା ଆକାଶ ମାର୍ଗରୁ ସହର ବିଶୋଧନ



ବାଲେଶ୍ୱର,୨୬।୭ (ନି.ପ୍ର): କରୋନା ସଂକ୍ରମଣ ରୋକିବାକୁ ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ଆଇଟିଆର ପକ୍ଷରୁ ଦୀର୍ଘଦିନ ଧରି ନିୟମିତ ଭାବେ ବାଲେଶ୍ୱର ସହରକୁ ସାନିଟାଇଜେସନ କରାଯାଉଥିବା ବେଳେ ଆଜି ପ୍ରଥମ ଥର ପାଇଁ ଆକାଶ ମାର୍ଗରୁ ଡ୍ରୋନ୍ ସାହାଯ୍ୟରେ ବିଶୋଧନ ଦ୍ରବଣ ସିଞ୍ଚନ କରାଯାଇଥିଲା। ସହରର ପୁଲିସ ଲାଇନ୍‌ଠାରେ ପରୀକ୍ଷାମୂଳକ ଭାବେ ଏହାର ଶୁଭାରମ୍ଭ କରାଯାଇଥିଲା। ଆଇଟିଆର ନିର୍ଦ୍ଦେଶକ ଡକ୍ଟର ବିନୟ କୁମାର ଦାସ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ ଡ୍ରୋନ୍ ଦ୍ୱାରା ସମସ୍ତ ଅଞ୍ଚଳକୁ ସାନିଟାଇଜେସନ କରିବା ସହଜ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଆଇଟିଆର ପକ୍ଷରୁ ମିଜାଇଲ୍ସ ଟ୍ରାକିଂ ସର୍ଭେଲସନରେ ବ୍ୟବହୃତ ହେଉଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଏହି ଡ୍ରୋନ୍‌କୁ ପ୍ରଥମ ଥର ପାଇଁ ସାନିଟାଇଜେସନ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ନେଇ ସେ ସୂଚନା ଦେଇଥିଲେ। ବିଶେଷ କରି କଣ୍ଟେନମେଣ୍ଟ ଜୋନ୍‌ର ସମସ୍ତ ଅଞ୍ଚଳକୁ ସାନିଟାଇଜେସନ ପାଇଁ ବଡ଼ ବଡ଼ ଗାଡ଼ି ଯାଉପାରୁ ନଥିବା ବେଳେ ଏହି ଡ୍ରୋନ୍ ଅତି ସହଜରେ ବିଶୋଧନ କରାଯାଇ ପାରିବ ବୋଲି ସେ କହିଥିଲେ। ଥରକେ ୩.୨ ଲିଟର ଲିକୁଇଡ୍ ଫ୍ୟୁଏଲ ସହ ୧୬ ଲିଟର ବିଶୋଧନ ଦ୍ରବଣ ନେଇ ଅଧଘଣ୍ଟାଏ ପର୍ଯ୍ୟନ୍ତ ଆକାଶରେ ଏହା ଉଡ଼ିପାରେ। ରିମୋର୍ଟ ସାହାଯ୍ୟରେ ଏହାକୁ କଂଟ୍ରୋଲ କରାଯାଉଛି। ପ୍ରତି ଅଧଘଣ୍ଟା ଅନ୍ତରରେ ଏହାକୁ ଅବତରଣ ସହ ପୁଣି ଫ୍ୟୁଏଲ ଓ ବିଶୋଧନ ଦ୍ରବଣ ଦେଇ ଉପରକୁ ଛଡ଼ାଯାଇ ଥାଏ ବୋଲି ଆଇଟିଆର ନିର୍ଦ୍ଦେଶକ ଡକ୍ଟର ଦାସ ସୂଚନା ଦେଇଥିଲେ। ତେବେ ଆଗାମୀ ଦିନରେ ଏହା ନିୟମିତ ସାନିଟାଇଜେସନ କାର୍ଯ୍ୟରେ ଲାଗିବ ବୋଲି ସେ କହିଥିଲେ। ଏହି ଡ୍ରୋନ ସାନିଟାଇଜେସନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଇଟିଆର ଡେପୁଟି ଡାଇରେକ୍ଟର ଡକ୍ଟର ବି ସୁଚରିତା, ଆସୋସିଏଟ ଡାଇରେକ୍ଟର ନୀଳାଦ୍ରୀ ରାୟଙ୍କ ସମେତ କ୍ରାଇମ୍ ଡିଏସପି ଉମେଶ କୁମାର ପଣ୍ଡା, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ରିଜୱାନା କବକବ ଉପସ୍ଥିତ ଥିଲେ।

# ସୁଧାରାତ୍ମକ-ଶିକ୍ଷା ପାଇଁ ଜନଜାଗୃତି ମଂଚର ଅଭିନବ ପ୍ରୟାସ

ଉଦଳା ,୨୬।୭ (ନି.ପ୍ର): କରୋନା ପାଇଁ ଦୀର୍ଘ ପାଂଚ ମାସ ଧରି ବିଦ୍ୟାଳୟଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିଛି, ଫଳରେ ପିଲାମାନଙ୍କର ପାଠ ପଢ଼ାରେ କ୍ଷତି ଘଟିବା ସହିତ କିଛି ପିଲା ପାଠ ଠାରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏତିକିବେଳେ ଶ୍ରମଜୀବୀ ମଂଚ ଓଡ଼ିଶା ଓ ମହିଳା ଶ୍ରମଜୀବୀ ମଂଚ ଭୁବନେଶ୍ୱର ର ନେତୃତ୍ୱରେ ମୟୂରଭଂଜ ଜିଲ୍ଲାରେ କାର୍ଯ୍ୟରତ ଲୋକସଂଘଠନ ଜନଜାଗୃତି ମଂଚର କର୍ମୀମାନେ ବିଭିନ୍ନ ସ୍ଥାନରେ କାନ୍ଥଲେଖା ମାଧ୍ୟମରେ ପ୍ରକୃତ ସମସ୍ୟାକୁ ସରକାରଙ୍କ ନଜରକୁ ଆଣିବା ପାଇଁ ଚଳାଇଛନ୍ତି ଉଦ୍ୟମ। ଖାଲି ସେତିକି ନୁହେଁ କର୍ମୀମାନେ ଗାଁକୁ ଗାଁ ବୁଲି ବିଦ୍ୟାଳୟ ଗୁଡ଼ିକର ଭିତିଭୂମି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି ଏବଂ ଏଥିରେ ସୁଧାର ଆଣିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନ କମିଟିର ସଦସ୍ୟ, ବୁଦ୍ଧିଜୀବୀ, ଶିକ୍ଷକଶିକ୍ଷୟିତ୍ରୀ, ରାଜନୈତିକ ନେତା ପ୍ରମୁଖଙ୍କ ଠାରୁ ମତାମତ ସଂଗ୍ରହ କରୁଛନ୍ତି। ଅନେକ ବିଦ୍ୟାଳୟ ଅଛି ଯେଉଁଠାରେ ପିଲାଙ୍କପାଇଁ ଖେଳ ପଡ଼ିଆ, ପିଇବା ପାଣି, ସ୍ୱତନ୍ତ୍ର ରୋଷେଇଘର, ପ୍ରତିଶ୍ରେଣୀ ପାଇଁ ପୃଥକ କଠୋରୀ, ପାଇଖାନା, ବିଦ୍ୟୁତ୍ ଲାଇନ୍ ଓ ପାଚେରୀ ଇତ୍ୟାଦି ନ ଥିବାର ଜଣାଯାଇଛି। ଆସନ୍ତା ଅଗଷ୍ଟ ୧୫ ତାରିଖ ପୂର୍ବରୁ ସମସ୍ତ ବିଦ୍ୟାଳୟର ଭିତିଭୂମିକୁ ସମ୍ପୂର୍ଣ୍ଣରୂପେ ସଜାଡ଼ି ଦେବା ପାଇଁ ମହାମହିମ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରତିବ୍ଲକ୍‌ଦ୍ୱାରୀ ପୃଥକ୍ ପୃଥକ୍ ଭାବରେ ଦୁଇଟି ଲେଖାଁଏ ଦାବୀପତ୍ର ମଂଚ ତରଫରୁ ପ୍ରଦାନ କରାଯାଇଥିବାର ଜଣାଯାଇଛି। ବହୁ ପିଲା ସରକାରଙ୍କ ଅନ୍‌ଲାଇନ୍ କ୍ଲାସ୍‌ର ସୁବିଧା ପାଇ ପାରି ନାହାଁନ୍ତି। ଏହି ପିଲାମାନଙ୍କ କଥା ମଧ୍ୟ ସରକାର ବିଚାରକୁ ନେବା ସହିତ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବୀ ପତ୍ରରେ ଉଲ୍ଲେଖ ରହିଛି।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୬।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୪୮୪ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୮୬୭୮ରେ ପହଂଚିଛି। ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୫୮, ବାଲେଶ୍ୱର ଜିଲ୍ଲାରେ ୮୩୭, ବରଗଡ ଜିଲ୍ଲାରେ ୩୫୨, ଭଦ୍ରକ ଜିଲ୍ଲାରେ ୫୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୩୩୨. ବୌଦ୍ଧ ଜିଲ୍ଲାରେ ୧୩୧, କଟକ ଜିଲ୍ଲାରେ ୧୬୮୯, ଦେବଗଡ ଜିଲ୍ଲାରେ ୮୧, ଢେଙ୍କାନାଳ ଜିଲ୍ଲାରେ ୧୬୭. ଗଜପତି ଜିଲ୍ଲାରେ ୯୮୩, ଜଗତସିଂହପୁର ଜିଲ୍ଲାରେ ୬୩୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୦୭୬, ଝାରସୁଗୁଡା ଜିଲ୍ଲାରେ ୨୭୯, କଳାହାଣ୍ଡି ଜିଲ୍ଲାରେ ୧୨୨, କନ୍ଧମାଳ ୩୬୫, କେନ୍ଦ୍ରାପଡା ଜିଲ୍ଲାରେ ୪୧୮, କେନ୍ଦୁଝର ଜିଲ୍ଲାରେ ୬୧୦, ଖୋର୍ଦ୍ଧା ଜିଲ୍ଲାରେ ୩୦୩୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୪୫୧, ମାଲକାନଗିରି ଜିଲ୍ଲାରେ ୩୯୬, ମୟୁରଭଂଜ ଜିଲ୍ଲାରେ ୫୫୩. ନବରଙ୍ଗପୁର ଜିଲ୍ଲାରେ ୨୦୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ନୟାଗଡ ଜିଲ୍ଲାରେ ୪୮୮, ନୂଆପଡା ଜିଲ୍ଲାରେ ୧୧୦, ପୁରୀ ଜିଲ୍ଲାରେ ୬୭୭, ରାୟଗଡା ଜିଲ୍ଲାରେ ୫୩୨. ସମ୍ୱଲପୁର ଜିଲ୍ଲାରେ ୨୬୪. ସୁବର୍ଣ୍ଣପୁର ଜିଲ୍ଲାରେ ୭୪ ଓ ସୁନ୍ଦରଗଡ ଜିଲ୍ଲାରେ ୧୦୫୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# କାରଗିଲ ବସ୍ତିରେ ଆୟୁର୍ବେଦ ଚାରା ରୋପଣ

ଭୁବନେଶ୍ୱର,୨୬।୭ (ନି.ପ୍ର): କାରଗିଲ ବିଜୟ ଦିବସ ଉପଲକ୍ଷେ ସହିଦମାନଙ୍କ ସ୍ମୃତିରେ ଆୟୁର୍ବେଦ ଚାରା ରୋପଣ କରାଯାଇଛି ।ଭାରତୀୟ ଗଣତାନ୍ତ୍ରୀକ ମାନବ ଅଧିକାର ସୁରକ୍ଷା ସଂଘଠନ(ପିଡିଏଚ୍‌ଆର୍‌ଆଇ)ର କେନ୍ଦ୍ରୀୟ ସମ୍ପାଦକ ଲିଙ୍ଗରାଜ ସାହୁଙ୍କ ଅଧକ୍ଷତାରେ ରାଜଧାନୀର କାରିଗଲ ବସ୍ତି ଓ ଟାଉନ୍ କ୍ଲବ ଖେଳ ପଡ଼ିଆରେ ଏହି ଚାରା ରୋପଣ କରାଯାଇଥିଲା । କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଅମର ଯବାନଙ୍କ ସମ୍ମାର୍ଥେ ଓ ବିଜୟ ଦିବସର ଇତିହାସକୁ ମନେରଖିବା ପାଇଁ ଦେଶର କୋଣ ଅନୁକୋଣର ଭାରତୀୟ ଏହି ଦିନକୁ ସ୍ମରଣ କରନ୍ତି ।ଏହି ଉପଲକ୍ଷେ ସହିଦଙ୍କୁ ସ୍ମରଣ କରି ଜଳ ସଂରକ୍ଷଣ ଓ ପରିବେଶ ପାଇଁ ପିଡିଏଚ୍‌ଆର୍‌ଆଇ ପକ୍ଷରୁ ଆୟୁର୍ବେଦ ଚାରା ରୋପଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ଏଥିରେ ଗଦାଧର ଦାସ, ପ୍ରମୋଦ ଦାସ, ନିହାରକାନ୍ତ ପଟ୍ଟନାୟକ, ଭରତ ମାଝି, ସାଉନ ହାସଦା ପ୍ରମୁଖ ସାମିଲ ହୋଇଥିଲେ ।

# ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୩୭

## ଜୁଲାଇ ମାସର ୨୫ ଦିନରେ ଚିହ୍ନଟ ୪୬୨ଜଣ

ବାଲେଶ୍ୱର,୨୬।୭ (ନି.ପ୍ର): ବାଲେଶ୍ୱରରେ ଗତ କିଛିଦିନ ଧରି କରୋନା ସଂକ୍ରମଣ ଆଶାତୀତ ବୃଦ୍ଧି ପାଇବା ଜିଲ୍ଲା ପାଇଁ ସଙ୍ଗୀନ ସ୍ଥିତି ସୃଷ୍ଟି କରିଛି। ଆଜି ୨୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୩୭ରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଦ୍ୟାବଧି ୬୩୯ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୯୮ ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ କିଚିତ୍ସା କରାଯାଉଛି। ଆଜି ନୂଆ ଭାବେ ଚିହ୍ନଟ ହୋଇଥିବା ୨୯ ଜଣଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ସେଣ୍ଟରରେ ୫ ଜଣ ଥିବାବେଳେ ଅନ୍ୟ ୨୪ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି। ସମସ୍ତ ସ୍ଥାନୀୟ ସଂକ୍ରମିତମାନେ ପୂର୍ବ କରୋନା ପିଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି। ତେବେ ବାଲେଶ୍ୱର ଜିଲ୍ଲାରେ ଗତ ଦୁଇସପ୍ତାହ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଅତିମାତ୍ରାରେ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ସରକାରୀ ସୂଚନାନୁସାରେ ଗତ ଏପ୍ରିଲ ମାସରେ ଜିଲ୍ଲାରେ ମାତ୍ର ୨୦ଜଣ କରୋନାରେ ସଂକ୍ରମିତହୋଇଥିବା ବେଳେ ମେ ମାସରେ ଏହି ସଂଖ୍ୟା ବୃଦ୍ଧି ପାଇ ୧୫୫ରେ ପହଞ୍ଚିଥିଲା। ଅର୍ଥାତ କେବଳ ମେ ମାସରେ ଜିଲ୍ଲାର ୧୩୫ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା। ସେହିଭଳି ଜୁନ୍ ମାସ ଶେଷ ସୁଦ୍ଧା ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୩୭୫ରେ ପହଞ୍ଚିବା ସହ ସେହିମାସରେ ୨୨୦ ଜଣ ଚିହ୍ନଟ ହୋଇଥିଲେ। ମାତ୍ର ଚଳିତ ଜୁଲାଇ ମାସର ସଂକ୍ରମଣ ସବୁ ଅଙ୍କକୁ ଭୁଲ ପ୍ରମାଣିତ ସହ ରେକର୍ଡ଼ କରିଛି। ଅଦ୍ୟାବଧି ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୮୩୭ରେ ପହଞ୍ଚିଥିବା ବେଳେ ଜୁଲାଇ ମାସର ମାତ୍ର ୨୫ ଦିନରେ ସଂକ୍ରମିତଙ୍କ ସଂଖ୍ୟା ୪୬୨ ଛୁଇଁଥିବା ଜଣାପଡ଼ିଛି। କ୍ରମବର୍ଦ୍ଧିଷ୍ଣୁ ହାରରେ ବଢୁଥିବା ସଂକ୍ରମଣରେ ଆସନ୍ତା ଅଗଷ୍ଟ ମାସରେ ପଜିଟିଭଙ୍କ ସଂଖ୍ୟା କେତେ ଅଙ୍କ ଛୁଇଁବ ତାହା ଏଇଥିରୁ ବେଶ ଅନୁମେୟ। ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ନୂଆ ଆକ୍ରାନ୍ତ ୧୦, ସୁସ୍ଥ ୧୨, ଆକ୍ଟିଭ ଅଛନ୍ତି ୧୪୮






ଭଦ୍ରକ,୨୬।୭ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ନୂତନ ଆକ୍ରାନ୍ତ ଭାବେ ଆଉ ୧୦ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ଆଉ ୧୨ଜଣ ଆକ୍ରାନ୍ତ ମଧ ସୁସ୍ଥ ହୋଇଛନ୍ତି। ନୂତନ ଚିହ୍ନଟ ୧୦ଜଣଙ୍କ ମଧରୁ ଜଣେ ବାଲେଶ୍ୱର ଜିଲ୍ଲାର ହୋଇଥିବା ବେଳେ ୫ଜଣ କ୍ୱାରେଣ୍ଟାଇନ କେନ୍ଦ୍ରରୁ ଆଉ ୪ଜଣ ଲୋକାଲ କଣ୍ଟାକ୍ଟ। ମୋଟ ୧୬ ହଜାର ୨୭୦ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତ ବାହାରିଛନ୍ତି ୫୨୨। ତେବେ ସୁସ୍ଥ ହୋଇ ସାରିଛନ୍ତି ୩୭୨ଜଣ। ନୂତନ ଚିହ୍ନଟଙ୍କ ମଧରେ ଜଣେ ବାସୁଦେବପୁର ବ୍ଲକ ଇରମ ହାଇସ୍କୁଲ ଟିଏମସିରୁ, ଜଣେ କେ.କେ. ପଞ୍ଚାୟତ ହାଇସ୍କୁଲ ଟିଏମ୍‌ସିରୁ, ଜଣେ କମାରଗାଁ ଗ୍ରାମର ରାସବିହାରୀ ଏମ୍‌ଇ ସ୍କୁଲ ଟିଏମ୍‌ସିରୁ, ଜଣେ ଧାମନଗର ବ୍ଲକ ଖପରପଦା ହାଇସ୍କୁଲ ଟିଏମ୍‌ସିରୁ, ଜଣେ ଭଦ୍ରକ ଦୋଳସାହି ଅଞ୍ଚଳର ଯିଏକି ଭୁବନେଶ୍ୱରର ହୋଟେଲ ରେଲ ଭିୟୁରେ ରହୁଥିଲେ ପଜିଟିଭ ବାହାରିଛି। ସେହିପରି ୨ଜଣ ଆକ୍ରାନ୍ତ ଭଦ୍ରକ ପୌରପାଳିକାର ୬ ନଂ ୱାର୍ଡ ମଠସାହି ଗ୍ରାମରୁ, ଜଣେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳରୁ, ଜଣେ ପୌରପାଳିକାର ୨ ନଂ ୱାର୍ଡ ବରାଳପୋଖରୀ ଗ୍ରାମରୁ ଏବଂ ଜଣେ ୪ ନଂ ୱାର୍ଡ ଧଳସାହି ଗ୍ରାମର, ସେ ଭୁବନେଶ୍ୱରର ସମ୍ ହସ୍‌ପିଟାଲରୁ ଚିହ୍ନଟ ହୋଇଥିବା ଜଣା ଯାଇଛି। ଚିହ୍ନଟ ଅଞ୍ଚଳକୁ କଣ୍ଟେନମେଣ୍ଟଜୋନ କରାଯାଇଛି। ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟାକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳକୁ ସାନିଟାଇଜ କରାଯାଉଛି। ସପ୍ତାହାନ୍ତ ଶଟ୍‌ଡାଉନର ଆଜି ଶେଷ ଦିବସରେ ବିଭିନ୍ନ ଥାନା, ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ ଆଦିକୁ ସାନିଟାଇଜ କରାଯାଇଥିବା ଜଣା ଯାଇଛି। ଘରକୁ ଘର ବୁଲି ସର୍ଭେଇଲାନ୍‌ସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଇତି ମଧରେ ଖାଲି ପଡିଥିବା ତିହିଡି ବିଡିଓ ପଦ ମଧ ପୂରଣ କରାଯାଇଛି। କରୋନା ମହାମାରୀ ସମୟରେ ବିଡିଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବାରୁ ଏହି ବ୍ଲକକୁ ବସନ୍ତ କୁମାର ସାହାଣିଙ୍କୁ ବିଡିଓ ଭାବେ ନିଯୁକ୍ତି ଦିଆ ଯାଇଛି। ଜିଲ୍ଲାପାଳ ଡ. ଜ୍ଞାନ ଦାସ ସୂଚନା ଦେଇ କହିଛନ୍ତି ଯେ କୌଣସି ବ୍ୟକ୍ତି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ ସେମାନେ ତୁରନ୍ତ ବ୍ୟକ୍ତି ହୋଇ ପରୀକ୍ଷା ପାଇଁ ନ ଆସି ଘରେ ଏକାନ୍ତ ବାସରେ ରହନ୍ତୁ। ଯଦି ଜ୍ୱର, କାଶ, କିମ୍ବା ନିଃଶ୍ୱାସ ନେବାରେ ଅସୁବିଧା ଦେଖାଯାଏ ତେବେ ପରୀକ୍ଷା କରାଯିବ। ଏହା ୫ ଦିନ ପରେ କରାଯିବ। ପୂର୍ବରୁ ପରୀକ୍ଷା କରାଗଲେ କୌଣସି ଫଳ ମିଳିବ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ସରକାରଙ୍କ କୃଷକ ମାରଣ ନୀତି ବିରୋଧରେ ଦେଶବ୍ୟାପି ଆନ୍ଦୋଳନ ଆସନ୍ତା ୯ରେ

ଭୁବନେଶ୍ୱର,୨୬।୭ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ-ଶ୍ରମିକ ମାରଣ ନୀତି ବିରୋଧରେ ଆସନ୍ତା ୯ ଅଗଷ୍ଟରେ ୨୫୦ରୁ ଉର୍ଦ୍ଧ୍ୱ କୃଷକ ଶ୍ରମିକ ଏବଂ ଜନ ସଂଗଠନମାନଙ୍କ ତରଫରୁ ଦେଶବ୍ୟାପି ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି । ଓଡିଶାରେ ଏହାକୁ ସଫଳ କରିବା ପାଇଁ ଏକ ରାଜ୍ୟ ସ୍ତରୀୟ ଭର୍ଚୁଆଲ ମିଟିଙ୍ଗ ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ ସମନ୍ୱୟ ସମିତି ଏବଂ ଭୂମି ଅଧିକାର ଆନ୍ଦୋଳନ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ରାଜ୍ୟ ବ୍ୟାପି ଗ୍ରାମାଂଚଳରେ ଗ୍ରାମ୍ୟ ସ୍ତରୀୟ ପ୍ରତିବାଦ ଏବଂ ସହରାଂଚଳରେ ବସ୍ତି ଏବଂ ରାସ୍ତାପାର୍ଶ୍ୱରେ ପ୍ରତିବାଦ କାର୍ଯ୍ୟକ୍ରମ ସଂଗଠିତ କରାଯିବ । କୃଷକମାନଙ୍କର ସମସ୍ୟାକୁ ଆଧାର କରି ଏକ ସ୍ମାରକ ପତ୍ର ଭାରତର ପ୍ରଧାନମନ୍ତ୍ରୀ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ । ଓଡିଶାରେ ୨୦ରୁ ଉର୍ଦ୍ଧ୍ୱ କୃଷକ ଏବଂ ଜନସଙ୍ଗଠନମାନେ ଆଜି ମିଳିତ ହୋଇ ଏହି ନିଷ୍ପତି ନେଇଛନ୍ତି । ଏହି ସଭାରେ ଭି.ଏମ୍.ସିଂହ, ରାଜାରାମ ସିଂହ ଓ ଡକ୍ତର ଆଶିଷ୍ ମିତଲ୍ ପ୍ରମୁଖ ସର୍ବଭାରତୀୟ ନେତୃବୃନ୍ଦ ଯୋଗଦେଇ ଆଲୋଚନା ରଖିଥିଲେ । କୃଷି ବ୍ୟବସ୍ଥାକୁ କର୍ପୋରେଟ୍ ହାତକୁ ଟେକିଦେବା ପାଇଁ କଂଟ୍ରାକ୍ଟ ଫାର୍ମିଂ ଅଧାଦେଶ, ଜନବିରୋଧୀ ବିଦ୍ୟୁତ୍ ଆଇନ ସଂଶୋଧନ ଅଧାଦେଶ ଏବଂ କୃଷିଜାତ ଦ୍ରବ୍ୟର ଇ-ମାର୍କେଟିଂ ନାମରେ ସବୁକିଛି କର୍ପୋରେଟ୍ ହାତକୁ ଟେକି ଦେଇଛନ୍ତି । କୃଷକମାନଙ୍କୁ ରଣଛାଡ ଏବଂ ଫସଲର ସର୍ବନିମ୍ନ ସହାୟକ ଦର ପ୍ରଦାନ ସରକାର କରୁନାହାଁନ୍ତି । ଓଡିଶାର ପ୍ରବାସୀ ଶ୍ରମିକ ଦୁଗ୍ଧଚାଷୀ, ପାନଚାଷୀ, କୁକୁଡା ଚାଷୀ ଇତ୍ୟାଦି ଅଂଶର ଜନସାଧାରଣ ଅତି ଯନ୍ତ୍ରଣା ଭିତରେ ଜୀବନ ବିତାଉଛନ୍ତି । ସାରା ଦେଶର କୃଷି ଓ କୃଷକର ୯ଟି ପ୍ରମୁଖ ପ୍ରସଙ୍ଗକୁ ଆଧାର କରି ୯ ଅଗଷ୍ଟରେ ଦେଶବ୍ୟାପି ପ୍ରତିବାଦ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦିଆଯାଇଛି । କୃଷକ ସଙ୍ଗଠନମାନଙ୍କର ଏହି ସଭାରେ ପଶ୍ଚିମ ଓଡିଶା କୃଷକ ସଂଘର୍ଷ ସମନ୍ୱୟ ସମିତିର ଲିଙ୍ଗରାଜ, ଏ.ଆ.କେ.ଏସ୍-ଓଡିଶାର ସୁରେଶ ପାଣିଗ୍ରାହୀ, ଅଖିଳ ଭାରତ କ୍ଷେତ ମଜଦୂର ସଭାର ଭାଲ ଚନ୍ଦ୍ର ଷଡଙ୍ଗୀ, ଅଖିଳ ଭାରତ ଅଗ୍ରଗାମୀ କୃଷକ ସଭାର ଜ୍ୟୋତି ରଞ୍ଜନ ମହାପାତ୍ର, ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭାର ଶଙ୍କର ସାହୁ, ଅଖିଳ ଭାରତ କ୍ଷେତମଜଦୂର କିଷାନ ସଭାର ଶ୍ରୀକାନ୍ତ ମହାନ୍ତି, ଅଖିଳ ଭାରତ କୃଷକ ମହାସଭାର ଅଶୋକ ପ୍ରଧାନ, ଅଖିଳ ଭାରତ କୃଷକ ସଭାର ଶଶି ଭୂଷଣ ସ୍ୱାଇଁ, ଏ.ଆଇ.କେ.କେ.ଏମ୍.ଏସ୍.ର ରଘୁନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# କନ୍ଧମାଳର ନୂଆ କରୋନା ସଂକ୍ରମିତଙ୍କ ସମ୍ପର୍କରେ ତଥ୍ୟ ଦେଲା ଜିଲ୍ଲା ପ୍ରଶାସନ

ଭୁବନେଶ୍ୱର,୨୬।୭ (ନି.ପ୍ର): କନ୍ଧମାଳର ନୂଆ କରୋନା ସଂକ୍ରମିତଙ୍କ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅଧିକ ତଥ୍ୟ ପ୍ରଦାନ କରିଛନ୍ତି । ଏହି ୧୨ ଜଣଙ୍କ ମଧ୍ୟରେ ସାତ ଜଣ ପୁରୁଷ ଥିବା ବେଳେ ପାଂଚ ଜଣ ମହିଳା ଅଛନ୍ତି । ଫୁଲବାଣୀ ବ୍ଲକରୁ ୬ ଜଣ, ଜି. ଉଦୟଗିରିରୁ ୩ ଜଣ ଓ ବାଲିଗୁଡା ବ୍ଲକର ୩ ଜଣ କରୋନା ସଂକ୍ରମିତ ହୋଇଛନ୍ତି ।

# ଭୁବନେଶ୍ୱରରୁ ଆଉ ୧୬୩ କରୋନା ପଜିଟିଭ୍

ଭୁବନେଶ୍ୱର,୨୬।୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ରବିବାର ଆଉ ୧୬୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୪ ଟି କ୍ୱାରେଂଟାଇନ୍ ମାମଲା ରହିଥିବା ବେଳେ ୫୯ ଟି ଲୋକାଲ କଂଟାକ୍ଟ କେସ୍ ରହିଛି। ସେହିପରି ଆଉ ୪୬ ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ରାଜଧାନୀରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୯୯୧ରେ ପହଂଚିଛି। ବର୍ତମାନ ସୁଦ୍ଧା ୯୦୯ ଜଣ ସୁସ୍ଥ ହୋଇଥିବା ବେଳେ ୧୧ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ୧୦୬୯ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ନୟାପଲ୍ଲୀ ତ୍ରିନାଥ ନଗର ବସ୍ତିରୁ ୧୩ ଜଣ ପଜିଟିଭ୍ ଠାବ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ପୁରୁଷ ଥିବା ବେଳେ ୭ ଜଣ ମହିଳା ରହିଛନ୍ତି। ସେମାନଙ୍କ ବୟସ ୫ରୁ ୫୫ ବର୍ଷ ମଧ୍ୟରେ ରହିଛି। ସେହିପରି ହାଇଟେକ୍ ମେଡିକାଲ ନିକଟ ପାଣ୍ଡରାରୁ ୧୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ମହିଳା ରହିଛନ୍ତି ଏବଂ ସେମାନଙ୍କ ବୟସ ୧୬ରୁ ୭୦ ମଧ୍ୟରେ ରହିଛି। ଡୁମଡୁମା ସୁକ ବିହାରରୁ ୯ ଜଣ , ୟୁନିଟ୍ ୩ ଖାରବେଳ ନଗରରୁ ୮ ଜଣ , ୟୁନିଟ୍ ୪ ମାଛ ମାର୍କେଟ୍ ନିକଟରୁ ୭ ଜଣ , ୟୁନିଟ୍ ୧ ଆଖଣ୍ଡଳମଣି ବସ୍ତିରୁ ୫ ଜଣ , ଶୈଳଶ୍ରୀବିହାରରୁ ୪ ଜଣ ଚିହ୍ନଟ ହୋଇଛନ୍ତି , କୋଳଥିଆ ମଙ୍ଗଳା ମନ୍ଦିର ନିକଟରୁ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱରର ଅନ୍ୟାନ୍ୟ ସ୍ଥାନରୁ ମଧ୍ୟ ଜଣେ ୨ ଜଣ ଲେଖାଏଁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ଲୋକାଲ ମାମଲା ମଧ୍ୟରୁ ଭରତପୁରରୁ ୭ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ୪ ମହିଳା ଓ ୩ ପୁରୁଷ ରହିଥିବା ବେଳେ ସେମାନେ ହଟସ୍ପଟ୍ ଜିଲ୍ଲାକୁ ଯାଇ ଫେରିଥିଲେ। ସେହିପରି ଆଖଣ୍ଡଳମଣି ବସ୍ତିରୁ ୪ ଜଣ , କେନ୍ଦ୍ରୀୟ ହସ୍ପିଟାଲର ୩ କର୍ମଚାରୀ, ଏକ ଘରୋଇ ହସ୍ପିଟାଲର ୩ ମହିଳା କର୍ମଚାରୀ ରହିଛନ୍ତି।

# କ୍ୟୁଆର କୋଡ୍ ସିଷ୍ଟମ ଯୋଗୁଁ ଗୋଟିଏ ଦିନରେ ବନ୍ଦରକୁ ପ୍ରବେଶ କଲା ରେକର୍ଡ ୨୯୬୦ ମାଲବାହୀ ଟ୍ରକ



ପାରାଦ୍ୱୀପ ,୨୬।୭ (ନି.ପ୍ର): ପାରାଦ୍ୱୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ମାଇଲ୍ ଷ୍ଟୋନ୍ ସ୍ଥାପନ କରିଚାଲିଥିବା ବେଳେ, ନିକଟରେ ଗୋଟିଏ ଦିନରେ ୨୯୬୦ ମାଲବାହୀ ଟ୍ରକ୍ ପ୍ରବେଶ ଓ ମାଲଖଲାସ କରାଇ ଏକ ବରିଳ କିର୍ତ୍ତୀମାନ ସ୍ଥାପନ କରି ସର୍ବଭାରତୀୟ ବୃହତ ବନ୍ଦର ମଧରେ ପ୍ରଥମ ଇତିହାସ ରଚନା କରିଛି । ପୂର୍ବରୁ ପାରାଦ୍ୱୀପ ବନ୍ଦରକୁ ପଣ୍ୟ ନେଇ ଆସୁଥିବା ଟ୍ରକଗୁଡିକ ଖାଲି କରିବାକୁ ସମୟ ସାପେକ୍ଷ ହେଉଥିଲା । ଯାହା ଫଳରେ ବନ୍ଦର ନିଷିଦ୍ଧାଞ୍ଚଳ ସମେତ ଜାତୀୟ ରାଜ ପଥରେ ଦୀର୍ଘ ୫୦ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତାରେ ଟ୍ରକ ଗୁଡିକ ଲାଇନରେ ରହିବା ଯୋଗୁଁ ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମର ସମସ୍ୟା ସୃଷ୍ଟି ହେଉଥିଲା । ତେବେ ଏ ସବୁକୁ ହୃଦୟଙ୍ଗମ କରି ବନ୍ଦର ଅଧକ୍ଷ ରିଙ୍କେଶ ରଏଙ୍କ ତତ୍ତ୍ୱାବଧାନରେ ମୋବାଇଲ୍ ସ୍କାନିଂ ଦ୍ୱାରା କ୍ୱିକ୍ ରେସପନ୍ସ କୋଡ୍ ସିଷ୍ଟମ ପ୍ରୟୋଗ କରାଯାଇ ଏହି ସଫଳତା ହାସଲ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ । ଏହି ସିଷ୍ଟମ ଦ୍ୱାରା ଜୁଲାଇ ୨୩ ତାରିଖରେ ବନ୍ଦର ୨ ନମ୍ବର ଫାଟକରେ୨୯୪୮ ଟିଟ୍ରକ୍ ଓ ୧ନମ୍ବର ଫାଟକ ଦେଇ ୧୨ଟି ଟ୍ରକ୍ ପ୍ରବେଶ କରିଥିଲା। ଏହି ଐତିହାସିକ ସଫଳତା ପାଇଁ ବନ୍ଦର ଅଧକ୍ଷ ଶ୍ରୀ ରଏ ସିଏଫ୍‌ଚଟ୍ ଏଜେଣ୍ଟ, ଜେସିସି, ୩ଟି ଟ୍ରକ୍ ସଂଘର କର୍ମକର୍ତ୍ତା, ପାରଦ୍ୱୀପ ପୋଲିସ ଓ ସିଆଇଏସ୍‌ଏଫ୍ କୁ ଶ୍ରେୟ ପ୍ରଦାନ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo